ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

30 YEARS

e-paper www.sambadkalika.in

TM

ସମ୍ବାଦ କଳିକା

The Sambad Kalika

E-mail : sambadkalikanews@gmail.com

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper

NS-EN ISO 9001:2008

କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା

8 Pages, ₹ 2.00

● ବର୍ଷ–୩୧ ● ସଂଖ୍ୟା–୭୫ ● ୧୨ ଅପ୍ରେଲ ୨୦୨୪, ଶୁକ୍ରବାର ● ଭୁବନେଶ୍ୱର ● Vol -31 ● Issue-75 ● 12th April 2024, Friday ● Bhubaneswar

Licensed to post without pre-payment of postage No- BN-60/22-24



୬ ପ୍ରଥମ ଥର ଅଲିମ୍ପିକ୍ସରେ ଆର୍ଥିକ ପୁରସ୍କାର
ଦୌଡ଼କୁଦ ସ୍ୱର୍ଣ୍ଣ ବିଜେତାଙ୍କୁ ମିଳିବ ୪୨ଲକ୍ଷ




# ମୋଦି ସରକାର ୧୦ବର୍ଷରେ ଭାରତକୁ ଶକ୍ତିଶାଳୀ କରିଛି



**ନୂଆଦିଲ୍ଲୀ, ୧୧/୪**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗୁରୁବାର ଦିନ ଉତ୍ତରାଖଣ୍ଡର ଋଷିକେଶ ଠାରେ ଆୟୋଜିତ ଏକ ବିଶାଳ ଜନସଭାକୁ ସମ୍ବୋଧିତ କରିଛନ୍ତି । ଏହି ଅବସରରେ ସେ କହିଛନ୍ତି ଯେ ଜନସାଧାରଣ ଲଗାତାର ତୃତୀୟ ଥର ପାଇଁ ବିଜେପି ନେତୃତ୍ୱାଧୀନ ଏନଡିଏ ସରକାର ଗଠନ ପାଇଁ ମନ ବଳାଇ ସାରିଛନ୍ତି । ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂହ ଧାମୀ, ପୂର୍ବତନ ମୁଖ୍ୟମନ୍ତ୍ରୀ ରମେଶ ପୋଖରିୟାଲ ନିଶଙ୍କ, ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୟ ବହୁଗୁଣା, ଗଡ଼ୱାଲରୁ ବିଜେପି ପ୍ରାର୍ଥୀ ଅନୀଲ ବଲୁନୀ, ହରିଦ୍ୱାରରୁ ବିଜେପି ପ୍ରାର୍ଥୀ ତ୍ରିବେନ୍ଦ୍ର ସିଂହ ରାୱତ ଓ ତିହରି ଗଡୱାଲରୁ ବିଜେପି ପ୍ରାର୍ଥୀ ମାଲା ରାଜ୍ୟ ଲକ୍ଷ୍ମୀ ଶାହଙ୍କ ସମେତ ପାର୍ଟିର ଅନେକ ବରିଷ୍ଠ ନେତା ଉପସ୍ଥିତ ଥିଲେ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବିଜେପି ପ୍ରାର୍ଥୀ ଅନୀଲ ବଲୁନୀ, ତ୍ରିବେନ୍ଦ୍ର ସିଂହ ରାୱତ ଓ ମାଲା ରାଜ୍ୟ ଲକ୍ଷ୍ମୀ ଶାହଙ୍କୁ ବିପୁଳ ଭୋଟରେ ବିଜୟୀ କରାଇବାକୁ ଆହ୍ୱାନ ଦେଇଛନ୍ତି । ପ୍ରଧାନମନ୍ତ୍ରୀ କହିଛନ୍ତି ଯେ, ଦେବଭୂମି ଉତ୍ତରାଖଣ୍ଡରେ ଦେବତାମାନଙ୍କର ଆବାହନ କରିବାର ପରମ୍ପରା ରହିଛି ଏବଂ ମୋତେ ବି ହୁଡକା ବଜାଇ ଏହି ସୌଭାଗ୍ୟ ପ୍ରାପ୍ତ ହୋଇଛି । ଦେଶର ଦକ୍ଷିଣ ପ୍ରାନ୍ତରୁ ନେଇ ହିମାଳୟର କୋଳ ଉତ୍ତରାଖଣ୍ଡ ଯାଏ ପୁଣି ଥରେ ମୋଦି ସରକାର ନାରା ଗୁଞ୍ଜରିତ ହେଉଥିବାର ଶୁଣିବାକୁ ମିଳୁଛି । ଦେଶରେ ଏହି ନାରା ଏଥିପାଇଁ ଗୁଞ୍ଜରିତ ହେଉଛି ଯେ, କାହିଁକି ନା ଲୋକେ ପୂର୍ଣ୍ଣ ବହୁମତର ସ୍ଥିର ସରକାରର ୧୦ବର୍ଷର କାର୍ଯ୍ୟକୁ ଦେଖିଛନ୍ତି । କେନ୍ଦ୍ରରେ ଏକ ଏଭଳି ସରକାର ଅଛି, ଯିଏକି ଭାରତକୁ ପୂର୍ବାପେକ୍ଷା ବହୁଗୁଣରେ ସୁଦୃଢ ଓ ଶକ୍ତିଶାଳୀ କରିଛି । ଯେତେବେଳେ ଭାରତରେ ଦୁର୍ବଳ ଓ ଅସ୍ଥିର ସରକାର ରହିଛି, ଶତ୍ରୁମାନେ ଏହାର ଲାଭ ଉଠାଇଛନ୍ତି ଏବଂ ଦେଶରେ ଆତଙ୍କବାଦ ନିଜର ପକ୍ଷ ବିସ୍ତାର କରିଛନ୍ତି । କିନ୍ତୁ ଏବେ ଦେଶରେ ମୋଦି *(ପୃଷ୍ଠା ୭ରେ)*



ଭୁବନେଶ୍ୱର : ପବିତ୍ର ଇଦ୍-ଉଲ୍-ଫିତର ଅବସରରେ ୟୁନିଟ୍-୪ ସ୍ଥିତ ମସ୍‌ଜିଦରେ ସମୂହ ନମାଜପାଠ । (ଫଟୋ : ସମ୍ବାଦ କଳିକା)

## ଲୋକସଭା ନିର୍ବାଚନର ତୃତୀୟ ପର୍ଯ୍ୟାୟ ପାଇଁ ଆଜି ବିଜ୍ଞପ୍ତି




**ନୂଆଦିଲ୍ଲୀ, ୧୧/୪**

ଲୋକସଭା ନିର୍ବାଚନର ତୃତୀୟ ପର୍ଯ୍ୟାୟ ପାଇଁ ଶୁକ୍ରବାର ବିଜ୍ଞପ୍ତି ଜାରି ହେବ । ଏହି ପର୍ଯ୍ୟାୟରେ ୧୨ ରାଜ୍ୟ ଏବଂ କେନ୍ଦ୍ର ଶାସିତ ଅଞ୍ଚଳର ୯୪ଟି ଆସନରେ ମେ' ୭ତାରିଖରେ ଭୋଟ ହେବ । ମଧ୍ୟପ୍ରଦେଶର ବୈତୁଲ ଲୋକସଭା ସିଟରେ ବି ମେ' ୭ତାରିଖରେ ମତଦାନ ହେବ । ତୃତୀୟ ପର୍ଯ୍ୟାୟରେ ନିର୍ବାଚନ ପାଇଁ ନାମାଙ୍କନ ଦାଖଲର ଶେଷ ତାରିଖ ଏପ୍ରିଲ ୧୯ ରହିଛି । ଏହି ପର୍ଯ୍ୟାୟରେ ଆସାମର ଚାରି, ବିହାରର ୫ଟି, ଛତିଶଗଡର ୭, ଦାଦରା ଓ ନଗର ହେବାଳି ଓ ଦାମନ ଓ ଦିଉର ସମସ୍ତ ୨ଟି, ଗୋଆର ସମସ୍ତ ୨ଟି, ଗୁଜରାଟର ସମସ୍ତ ୨୬, ଜମ୍ମୁ ଏବଂ କଶ୍ମୀରର ଗୋଟିଏ, କର୍ଣ୍ଣାଟକର ୧୪, ମହାରାଷ୍ଟ୍ରର ୧୧, ମଧ୍ୟପ୍ରଦେଶର ୮, ଉତ୍ତରପ୍ରଦେଶ ୧୦ ଓ ପଶ୍ଚିମବଙ୍ଗର ୪ଟି ଲୋକସଭା ଆସନରେ ମତଦାନ ହେବ ।

## ସ୍କୁଲ ବସ୍ ଦୁର୍ଘଟଣାଗ୍ରସ୍ତ : ୬ ଶିଶୁଙ୍କ ମୃତ୍ୟୁ

**ମହେନ୍ଦ୍ରଗଡ, ୧୧/୪**

ସ୍କୁଲ ବସ୍ ଓଲଟି ଚାଲିଗଲା ୬ ଜଣ ଛାତ୍ରଛାତ୍ରୀଙ୍କ ଜୀବନ । ହରିୟାଣାର ମହେନ୍ଦ୍ରଗଡ କନୀନାର ଗାଁ ନିକଟରେ ଗୁରୁବାର ଏକ ସ୍କୁଲ ବସ୍ ଓଲଟି ଏହି ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି । ଦୁର୍ଘଟଣାରେ ୬ ଜଣ *(ପୃଷ୍ଠା ୭ରେ)*


TATA MOTORS

Light Commercial Vehicles Dealers

24 hours help line :

Sales : 7873770000


## ବିଜେଡିର ୪ର୍ଥ ପର୍ଯ୍ୟାୟ ପ୍ରାର୍ଥୀ ତାଲିକା ଘୋଷଣା କଲେ ସୁପ୍ରିମୋ

**ଭୁବନେଶ୍ୱର, ୧୧/୪ ନ୍ୟୁଜ ବ୍ୟୁରୋ**

୨୦୨୪ ନିର୍ବାଚନ ପାଇଁ ଗୁରୁବାର ବିଜେଡି ତା'ର ଚତୁର୍ଥ ପର୍ଯ୍ୟାୟ ପ୍ରାର୍ଥୀ ତାଲିକା ଘୋଷଣା କରିଛି । ଦଳର ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ତାଲିକା ଘୋଷଣା କରିଛନ୍ତି । ପୂର୍ବରୁ ମୋଟ୍ ୨୧ ଲୋକସଭା କ୍ଷେତ୍ର ପାଇଁ ୨ଟି ପର୍ଯ୍ୟାୟରେ ୨୦ ଜଣ ପ୍ରାର୍ଥୀଙ୍କ ନାମ ଘୋଷଣା କରାଯାଇଥିଲା । ବାକି ଥିବା ଏକ ମାତ୍ର ବାଲେଶ୍ୱର ସଂସଦୀୟ କ୍ଷେତ୍ର ପାଇଁ ନିକଟରେ ଅତିତରେ ବିଜେପି ଛାଡି ବିଜେଡ଼ିରେ ଯୋଗ ଦେଇଥିବା ଲେଖାଶ୍ରୀ ସାମନ୍ତ ସିଂହାରଙ୍କୁ ଦଳ ପ୍ରାର୍ଥୀ କରିଛି ।

ସେହିପରି ପ୍ରାର୍ଥୀ ଘୋଷଣା ହେବାକୁ ବାକିଥିବା ୩୫ ବିଧାନସଭା ଆସନ ମଧ୍ୟରୁ ଗୁରୁବାର ଆଉ ୯ଜଣ ପ୍ରାର୍ଥୀଙ୍କ ନାମ ସଭାପତି ଘୋଷଣା କରିଛନ୍ତି । ଏହି ପ୍ରାର୍ଥୀ ତାଲିକାରେ ବାଲିଗୁଡା ବିଧାନସଭା ଆସନରୁ ଚକ୍ରମଣି କହଁରଙ୍କୁ ପୁର୍ନବାର ପ୍ରାର୍ଥୀ କରାଯାଇଥିବା ବେଳେ ସମ୍ବଲପୁର ବିଧାନସଭା ଆସନ ପାଇଁ ପ୍ରସନ୍ନ ଆଚାର୍ଯ୍ୟ, ରେଢାଖୋଲ ବିଧାନସଭା ଆସନ ପାଇଁ ରୋହିତ ପୂଜାରୀ, ଲକ୍ଷ୍ମୀପୁର ଆସନ ପାଇଁ ପ୍ରଭୁ ଜାନିଙ୍କୁ ଦଳ ପ୍ରାର୍ଥୀ କରିଛି । ସେହିପରି ପାରାଦୀପ ବିଧାନସଭା ଆସନରୁ ବିଜେଡି ପ୍ରାର୍ଥୀ ଭାବେ ଏଥର ପୂର୍ବତନ ମନ୍ତ୍ରୀ ସ୍ୱର୍ଗତଃ ଦମୋଦର ରାଉତଙ୍କ ବୋହୂ ଗୀତାଞ୍ଜଳୀ ରାଉତରାୟଙ୍କୁ ପ୍ରାର୍ଥୀ କରାଯାଇଛି । ନର୍ଲା *(ପୃଷ୍ଠା ୭ରେ)*




## ଦୁଇ ବିଧାୟକଙ୍କ ସଭ୍ୟପଦ ରଦ୍ଦ

**ଭୁବନେଶ୍ୱର, ୧୧/୪ ନ୍ୟୁଜ ବ୍ୟୁରୋ**

ଓଡ଼ିଶା ବିଧାନସଭା ବାଚସ୍ପତି ପ୍ରମିଳା ମଲ୍ଲିକ ଦୁଇ ବିଧାୟକଙ୍କ ସଭ୍ୟପଦ ରଦ୍ଦ କରିଛନ୍ତି । ସେମାନେ ହେଲେ ଜୟଦେବ ବିଧାୟକ ଡ. ଅରବିନ୍ଦ ଢାଲି ଏବଂ ତେଲକୋଇ ବିଧାୟକ ପ୍ରେମାନନ୍ଦ ନାୟକ । ଦଳବଦଳ କରିଥିବାରୁ ସେମାନଙ୍କ ସଭ୍ୟପଦକୁ ରଦ୍ଦ କରାଯାଇଛି । ୨୦୧୯ରେ ଏହି ଦୁଇ ବିଧାୟକ ବିଜେଡିରୁ ନିର୍ବାଚନ ଲଢି ଜିତିଥିଲେ । ହେଲେ ପରେ ବିଜେଡିରୁ ଇସ୍ତଫା ଦେଇଥିଲେ । ଏହି ଦୁଇ ବିଧାୟକ ବିଜେଡି ଛାଡିବା ପରେ ଶାସକ ଦଳ ମୁଖ୍ୟ ସଚେତକ ପ୍ରଶାନ୍ତ କୁମାର ମୁଦୁଲି ଏନେଇ ଗତ ମାର୍ଚ୍ଚ ୧୮ ତାରିଖରେ ବାଚସ୍ପତିଙ୍କ ନିକଟରେ ପିଟିସନ୍ ଦାୟର କରିଥିଲେ । ଶୁଣାଣି ପାଇଁ ଦୁଇ ବିଧାୟକଙ୍କୁ ନୋଟିସ୍ କରାଯାଇଥିଲା । ହେଲେ ବିଧାୟକ ଦ୍ୱୟ ନୋଟିସର କୌଣସି ଉତ୍ତର ରଖିନଥିଲେ । ଅରବିନ୍ଦ ଢାଲି ଓ ପ୍ରେମାନନ୍ଦ ନାୟକଙ୍କ ବିଧାୟକ ପଦ ରଦ୍ଦ ନେଇ ଗୁରୁବାର ବିଜ୍ଞପ୍ତି ପ୍ରକାଶ ପାଇଛି । ଏନେଇ ନିଜର ପ୍ରତିକ୍ରିୟା ରଖିଛନ୍ତି ବାଚସ୍ପତି ପ୍ରମିଳା ମଲ୍ଲିକ । ସେ କହିଛନ୍ତି ଯେ ଦଳ ବଦଳ କାରଣରୁ ୨ ବିଧାୟକଙ୍କ ସଭ୍ୟ ପଦ ରଦ୍ଦ ହୋଇଛି । ବିଜେଡି ମୁଖ୍ୟ ସଚେତକ ଦଳ ବଦଳ ନେଇ ଅଭିଯୋଗ କରିଥିଲେ ଏବଂ ଉଭୟଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ । ଏନେଇ ଯଦି ଅନ୍ୟ ଦଳର ମୁଖ୍ୟ ସଚେତକ ଅଭିଯୋଗ କରନ୍ତି ତେବେ ଏହାର ବିଚାର କରାଯିବ ବୋଲି ବାଚସ୍ପତି କହିଛନ୍ତି ।





## ମହାପ୍ରଭୁଙ୍କୁ ଦର୍ଶନ କଲେ ୫-ଟି ଅଧକ୍ଷ କାର୍ତ୍ତିକ ପାଣ୍ଡିଆନ



**ପୁରୀ, ୧୧/୪ ନ୍ୟୁଜ ବ୍ୟୁରୋ**


୫-ଟି ତଥା ନବୀନ ଓଡ଼ିଶା ଅଧକ୍ଷ କାର୍ତ୍ତିକ ପାଣ୍ଡିଆନ ଗୁରବାର ପୁରୀ ଗସ୍ତରେ ଆସି ପ୍ରଥମେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରିଛନ୍ତି । ଶ୍ରୀ ପାଣ୍ଡିଆନ ଶ୍ରୀମନ୍ଦିରରେ ପ୍ରାୟ ୪୦ ମିନିଟ ପର୍ଯ୍ୟନ୍ତ ରହିଥିବା ବେଳେ ଭିତର ବେଢା ପରିକ୍ରମା କରିଥିଲେ । ମହାପ୍ରଭୁଙ୍କ ଦର୍ଶନ ସାରି ଶ୍ରୀମନ୍ଦିରରୁ ବାହାରିବା ପରେ ଶ୍ରୀ ପାଣ୍ଡିଆନ ଭୁବନେଶ୍ୱର ପ୍ରତ୍ୟାବର୍ତ୍ତନ କରିଥିଲେ । ଶ୍ରୀମନ୍ଦିରରୁ ବାହାରିବା ବେଳେ ବହୁ ସଂଖ୍ୟାରେ ଜନସାଧାରଣ ତାଙ୍କୁ ଅଭିବାଦନ ଜଣାଇଥିଲେ । ଶ୍ରୀ ପାଣ୍ଡିଆନଙ୍କ ଏହି ଗସ୍ତ ବେଳେ ରାଜ୍ୟସଭା ସାଂସଦ ଶୁଭାଶୀଷ ଖୁଣ୍ଟିଆ ତାଙ୍କ ସହିତ ରହିଥିଲେ ।

## ରାଜ୍ୟରେ ଫେରିବ ତାତି: ଆଜିଠୁ ୪ ଦିନ ଯାଏଁ ତାପମାତ୍ରା ବୃଦ୍ଧି ପାଇବାର ସମ୍ଭାବନା

**ଭୁବନେଶ୍ୱର, ୧୧/୪ ନ୍ୟୁଜ ବ୍ୟୁରୋ**

ରାଜ୍ୟରେ ଫେରିବ ତାତି । ଶୁକ୍ରବାର ଠାରୁ ପରବର୍ତ୍ତୀ ୪ ଦିନ ଯାଏଁ ବିଭିନ୍ନ ସ୍ଥାନରେ ତାପମାତ୍ରା ବଢିବାର ସମ୍ଭାବନା ରହିଛି । ଆଞ୍ଚଳିକ ପାଣିପାଗ ବିଭାଗର ଆକଳନ ଅନୁସାରେ, ଆସନ୍ତା ୨୪ ଘଣ୍ଟା ଯାଏଁ ପାଗରେ ପରିବର୍ତ୍ତନ ହେବାର ନାହିଁ । କିନ୍ତୁ ଏହାପରେ ଶୁକ୍ରବାର ଠାରୁ ପରବର୍ତ୍ତୀ ୪ରୁ ଦିନ ଯାଏଁ ଦିନର ତାପମାତ୍ରା ପ୍ରାୟ ୬ରୁ ୮ ଡିଗ୍ରୀ ଯାଏଁ ବଢିବାର ସମ୍ଭାବନା ରହିଛି । ୧୭ ଓ ୧୮ ତାରିଖ ବେଳକୁ ତାତି ପିକ୍‌ରେ ପହଞ୍ଚିବ ବୋଲି ଅନୁମାନ କରିଛି ଆଞ୍ଚଳିକ ପାଣିପାଗ ବିଭାଗ । ୧୪ ଓ ୧୫ ତାରିଖରେ ହିଟ୍ ୱେଭ୍ ପାଇଁ ୟଲୋ ୱାର୍ଣ୍ଣିଂ ଜାରି କରାଯାଇଛି ।

ସେହିପରି ଦେଶରେ ତଥା ରାଜ୍ୟର ସମସ୍ତ ସ୍ଥାନରେ ଖରା, ଗରମ ବ୍ୟତିବ୍ୟସ୍ତ କରିଛି । ବର୍ଷା କାରଣରୁ ଆଶ୍ୱସ୍ତି ମିଳିଛି । ତେବେ ଶୀଘ୍ର ଅସହ୍ୟ ଗରମରୁ ମିଳିବ ମୁକ୍ତି । ଚଳିତ ବର୍ଷ ଶୀଘ୍ର ମୌସୁମୀ ଆସିବ । ଏହାସହ ଭାରତର ଅଧିକାଂଶ ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ମାତ୍ର ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ମୌସୁମୀ ନେଇ କୌଣସି ପୂର୍ବାନୁମାନ ଏଯାଏଁ କରାଯାଇ ନାହିଁ । ଏନେଇ ଘରୋଇ ପାଣିପାଗ ପୂର୍ବାନୁମାନ ସଂସ୍ଥା ସ୍କାଏମାଟ୍ ସୂଚନା ଦେଇଛି । ସୂଚନାନୁଯାୟୀ, ଆଇଓଡି ଓ ଏଲ୍‌ନିନୋର ସ୍ଥିତି କାରଣରୁ ଶୀଘ୍ର ମୌସୁମୀ ଆସିପାରେ । ଏହି ସମସ୍ତ ଘଟଣା ଦେଶରେ ମୌସୁମୀର ଆଧାର ମଧ୍ୟ ସୃଷ୍ଟି କରିଥାଏ । ଏକ ରିପୋର୍ଟ ଅନୁଯାୟୀ, ସାମାନ୍ୟ ସମୟ ପୂର୍ବରୁ ମୌସୁମୀ ଆସିପାରେ । ଏଲ୍ ନିନୋ ଓ ଆଇଓଡି ଏକାସହ ଆସିବା ବିଶେଷ ଘଟଣା ବୋଲି କୁହାଯାଏ । ଅନୁମାନ କରାଯାଉଛି ଯେ, ଦକ୍ଷିଣ ପଶ୍ଚିମ ମୌସୁମୀ ଉପରେ ଏହା ଅନେକ ପ୍ରଭାବ ପକାଏ । କିଛି ପାଣିପାଗ ବିଭାଗ ଭାରତ ମହାସାଗରରେ ଉତ୍ତର ଆଇଓଡି ଚରଣର ସଙ୍କେତ ଦେଉଛନ୍ତି । ଏଲ୍‌ନିନୋର ସ୍ଥିତି ଓ ଆଇଓଡିର ସଙ୍କେତ ଅନୁସାରେ ମୌସୁମୀର ଏଭଳି କ୍ଷେତ୍ର ପଶ୍ଚିମ ଆଡକୁ ବୃଦ୍ଧି ପାଉଛି । ଏହାପରେ ଆରବ ସାଗରରେ ପ୍ରତିକ୍ରିୟା ସୃଷ୍ଟି ହୋଇଥାଏ । ଯାହା ଉପର ଆଡକୁ ଗତି କରିଥାଏ । ଏହି ପ୍ରକିୟା ମୌସୁମୀ ପାଇଁ ସହାୟକ ହୋଇଥାଏ । ଫଳରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଥାଏ । ରିପୋର୍ଟ ଅନୁସାରେ, ଘରୋଇ ପାଣିପାଗ ବିଭାଗ ଅନୁଯାୟୀ, ଭାରତରେ ଚଳିତ ବର୍ଷ ମୌସୁମୀ ସାମାନ୍ୟ ରହିବା ସହ ମଧ୍ୟମ ସମୟରେ ଅଧିକ ବର୍ଷା ହେବାର ପୂର୍ବାନୁମାନ କରାଯାଉଛି । ଆଇଏମଡି ବୈଜ୍ଞାନିକ ମାନେ ମଧ ଚଳିତ ବର୍ଷ ଅନୁକୂଳ ମୌସୁମୀ ରହିବାର ଆରମ୍ଭରୁ ସଙ୍କେତ ଦେବା ନେଇ ସୂଚନା ଦେଇଛନ୍ତି । ସ୍କାଏମେଟ୍ ଅନୁଯାୟୀ, ଆଗାମୀ ମୌସୁମୀ ସାମାନ୍ୟ ରହିବାର ଆଶା କରାଯାଉଛି । ଯାହା ଜୁନରୁ ସେପ୍ଟେମ୍ବର ପର୍ଯ୍ୟନ୍ତ ୪ ମାସ ପାଇଁ ୮୬୮.୬ ମିମି ସମୟରେ ଦକ୍ଷିଣ, ପଶ୍ଚିମ ଓ ଉତ୍ତର-ପଶ୍ଚିମ କ୍ଷେତ୍ରରେ ପର୍ଯ୍ୟାପ୍ତ ପରିମାଣରେ ବର୍ଷା ହେବାର ଆଶା କରାଯାଉଛି । ଏହି ଅନୁସାରେ ମହାରାଷ୍ଟ୍ର ଓ ମଧ୍ୟ ପ୍ରଦେଶର ମୁଖ୍ୟ ମୌସୁମୀ ବର୍ଷା ଆଧାରିତ କ୍ଷେତ୍ରରେ ଅଧିକ ବର୍ଷା ହେବ । ମାତ୍ର ବିହାର, ଝାଡଖଣ୍ଡ, ଓଡ଼ିଶା ଓ ପଶ୍ଚିମ ବଙ୍ଗ ଆଦି ପୂର୍ବାଞ୍ଚଳ ରାଜ୍ୟରେ ଜୁଲାଇ ଓ ଅଗଷ୍ଟରେ ଚରମ ମୌସୁମୀ ମାସରେ କମ୍ ବର୍ଷା ହେବାର ଅନୁମାନ କରାଯାଉଛି ।



## ଯୌତୁକ ପାଇଁ ସ୍ତ୍ରୀକୁ ଭୋକିଲା ରଖିବା, ବାପଘରକୁ ପଠାଇବା କ୍ରୁରତା: ମଧ୍ୟପ୍ରଦେଶ ହାଇକୋର୍ଟ



**ଭୋପାଳ, ୧୧/୪ ନ୍ୟୁଜ ବ୍ୟୁରୋ**

ଯୌତୁକ ମାଗିବା ପ୍ରଥା ଏବେ ବେଆଇନ । ସ୍ତ୍ରୀକୁ କିମ୍ବା ଶ୍ୱଶୁର ଘର ଆଗରେ ଯୌତୁକ ଦାବି କଲେ ଜେଲ୍‌ଦଣ୍ଡ ମଧ୍ୟ ଭୋଗିବାକୁ ପଡେ । ଏହାପରେ ମଧ୍ୟ ଜଣେ ବିବାହିତ ମହିଳାଙ୍କୁ ଯୌତୁକ ଲାଗି ଖାଇବାକୁ ନ ଦେବା ଓ ବାପଘରକୁ ପଠାଇବାକୁ ବାଧ୍ୟ କରିବା ଭଳି ଖବର ସାମ୍ନାକୁ ଆସିଛି । ଏହା 'କ୍ରୁରତା' ବୋଲି ନିଜ ରାୟରେ କହିଛନ୍ତି ମଧ୍ୟ ପ୍ରଦେଶ ହାଇକୋର୍ଟ । ପୀଡ଼ିତା ମହିଳା ଜଣକ ଥାନାରେ ଅଭିଯୋଗ କରିବା ପରେ ସ୍ୱାମୀଙ୍କ ପକ୍ଷରୁ ଏ ନେଇ ପାଲଟା ହାଇକୋର୍ଟରେ ଆବେଦନ ହୋଇଥିଲା । ଯାହାକୁ କୋର୍ଟ ଖାରଜ କରି ଏହି ରାୟ ଶୁଣାଇଛନ୍ତି ।


ମହିଳା ଜଣକ ପୋଲିସ ଆଗରେ କରିଥିବା ଅଭିଯୋଗ ଅନୁସାରେ ସେ ଗତ ଏପ୍ରିଲ ୨୦୧୮ରେ ବିବାହ କରିଥିଲେ । ବିବାହ ସମୟରେ ସ୍ୱାମୀ ପର୍ଯ୍ୟାପ୍ତ ପରିମାଣରେ ଯୌତୁକ ଦାବି କରିଥିଲେ । ଏହାପରେ ମଧ୍ୟ ତାଙ୍କୁ ବିବାହ ପରେ ମାନସିକ ଓ ଶାରୀରିକ ନିର୍ଯାତନାର ସମ୍ମୁଖୀନ ହେବାକୁ ପଡ଼ିଥିଲା । ପରିସ୍ଥିତି ସେତେବେଳେ ଅସହ୍ୟ ହୋଇପଡ଼ିଥିଲା ଯେତେବେଳେ ଶାଶୂଘର ଲୋକେ ତାଙ୍କୁ ଖାଇବାକୁ ଦେବା ବନ୍ଦ କରିଦେଇଥିଲେ । ସେ ଭୋକ ଶୋଷରେ ଦିନ କାଟିଥିଲେ । ଯୌତୁକରେ ସ୍ୱାମୀ ଏସି କାର ମାଗିଥିବା ବେଳେ ଏହା ଦେବାରେ ମହିଳାଙ୍କ ପରିବାର ସକ୍ଷମ ନଥିବାରୁ ତାଙ୍କୁ ଏପରି ନିର୍ଯାତନାର ଶିକାର ହେବାକୁ ପଡ଼ିଥିଲା ।

ମହିଳା ଜଣକ ଥାନାରେ ଅଭିଯୋଗ କରିବା ପରେ ସ୍ୱାମୀ ଓ ଶାଶୂ ଘର ଲୋକେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ହାଇକୋର୍ଟରେ ହୋଇଥିବା ଆବେଦନରେ ମହିଳା ଜଣକ ମିଛ ଅଭିଯୋଗ ଆଣିଥିବା ସ୍ୱାମୀ ଦର୍ଶାଇଥିଲେ । ଏହି ମାମଲାର ଶୁଣାଣି ସମୟରେ *(ପୃଷ୍ଠା ୭ରେ)*

## 'ଆମେ ହିନ୍ଦୁ-ମୁସଲମାନ ନୁହେଁ, ସବୁ ଧର୍ମର କଥା କହୁ'

**ରିଭା, ୧୧/୪**

ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ କହିଛନ୍ତି ଯେ, ଆମେ ସମସ୍ତଙ୍କୁ ସାଙ୍ଗରେ ନେଇ ଚାଲୁ । ମଧ୍ୟପ୍ରଦେଶ ଏବେ ରୋଗଗ୍ରସ୍ତ ରାଜ୍ୟ ନୁହେଁ, ମଧ୍ୟପ୍ରଦେଶ ଅଭିବୃଦ୍ଧିର ଏକ ଇଞ୍ଜିନ ପାଲଟିଛି । ଯେତେବେଳେ ଅଧିକାର ନୁହେଁ, କର୍ତ୍ତବ୍ୟର ଭାବନା ଅଛି ଏବଂ ସେତେବେଳେ ରାମରାଜ୍ୟ ହୋଇଥାଏ । ବିଜେପି ଲୋକମାନେ ହିନ୍ଦୁ ଏବଂ ମୁସଲମାନମାନଙ୍କ ବିଷୟରେ କଥାବାର୍ତ୍ତା କରନ୍ତି ନାହିଁ, ସେମାନେ ସମସ୍ତ ଧର୍ମ ବିଷୟରେ କଥାବାର୍ତ୍ତା କରନ୍ତି । ଆମେ ଯାହା କହୁଛୁ ତାହା କରିଥାଉ । ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂହ ଗୁରୁବାର ରିଭା ଲୋକସଭା ଅଞ୍ଚଳରେ ମଓଗଞ୍ଜ ଜିଲ୍ଲାର ଦେବତାଲାବରେ ବିଜେପି ପ୍ରାର୍ଥୀଙ୍କ ସମର୍ଥନରେ ଜନସଭାକୁ ସମ୍ବୋଧିତ କରିଛନ୍ତି । ସେ କହିଛନ୍ତି ଯେ ଅର୍ଥନୀତିରେ ଭାରତ ବିଶ୍ୱରେ ଏକାଦଶ ସ୍ଥାନରେ ଥିଲା । ଆଜି ପଞ୍ଚମ ସ୍ଥାନରେ ଅଛି ଏବଂ ୨୦୨୪ ଶେଷ ସୁଦ୍ଧା ଭାରତ ଶ୍ରେଷ୍ଠ ତିନୋଟି ଦେଶ ମଧ୍ୟରେ ରହିବ । ଯଦି ଦୁନିଆର କୌଣସି ଅର୍ଥନୈତିକ ଶକ୍ତି ହେବ, ତେବେ ଏହା ଭାରତ ହେବ । ରାଜନାଥ ସିଂ କହିଛନ୍ତି ଯେ ଆମେ ଯାହା କହୁଛୁ ତାହା କରିଥାଉ । ଚିନ୍ତା କରି ଏବଂ ଭାବିଚିନ୍ତି ଆମେ ମେନିଫେଷ୍ଟୋ ପ୍ରସ୍ତୁତ କରୁ । ୧୯୮୪ ମସିହାରୁ ବିଜେପି ନିଜର ମେନିଫେଷ୍ଟୋରେ କହିଛି ଯେ ଯଦି ଆମ ସରକାର ଗଠନ ହୁଏ, ଯଦି ଆମେ ସଂସଦର ଉଭୟ ଗୃହରେ *(ପୃଷ୍ଠା ୭ରେ)*



## ଅଶୋଧିତ ତୈଳଦର ବ୍ୟାରେଲ ପିଛା ୯୧ ଡଲାର ଛୁଇଁଲା

**ନୂଆଦିଲ୍ଲୀ, ୧୧/୪**

ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳଦର ପରିବର୍ତ୍ତନ ହେବାରେ ଲାଗିଛି । ଅଶୋଧିତ ବ୍ରେଣ୍ଟ ମୂଲ୍ୟ ବ୍ୟାରେଲ ପିଛା ୯୧ ଡଲାର ହୋଇଥିବା ବେଳେ ଅଶୋଧିତ ଡବ୍ଲୁଟିଆଇ ୮୭ ଡଲାର ରହିଛି । ତେବେ ସାର୍ବଜନୀନ କ୍ଷେତ୍ରରେ ତୈଳ ଓ ଗ୍ୟାସ ବିପଣନ କମ୍ପାନୀ ପେଟ୍ରୋଲ-ଡିଜେଲ ମୂଲ୍ୟରେ କୌଣସି ପରିବର୍ତ୍ତନ ହୋଇନାହିଁ ।

ଇଣ୍ଡିଆନ ଅଏଲର ୱେବସାଇଟ୍ ମୁତାବକ ରାଜଧାନୀ ଦିଲ୍ଲୀରେ ପେଟ୍ରୋଲ ମୂଲ୍ୟ ୯୪.୭୨ଟଙ୍କା ଥିବା ବେଳେ ଡିଜେଲ ମୂଲ୍ୟ ୮୯.୬୨ ଟଙ୍କା ରହିଛି । ମୁମ୍ବାଇରେ ପେଟ୍ରୋଲ ମୂଲ୍ୟ ଲିଟର ପିଛା ୧୦୪.୨୧ଟଙ୍କା ଥିବା ବେଳେ ଡିଜେଲ ୯୨.୨୭ଟଙ୍କା *(ପୃଷ୍ଠା ୭ରେ)*

# ଟାଟି ବଜୁଛି : ଧାମନଗରରେ ପାନୀୟଜଳ ଯୋଗାଣ ବ୍ୟବସ୍ଥା ସୁଧୁରୁନି

**ଧାମନଗର, ନ୍ୟୁଜ୍‌ବ୍ୟୁରୋ**

ଧାମନଗର ବ୍ଲକର ଶତାଧିକ ଗ୍ରାମରେ ଏବେ ପାନୀୟ ଜଳର ସଙ୍କଟ ଦେଖାଦେଇଥିଲା ବେଳେ ତାହାର ନିରାକରଣ ପାଇଁ ସରକାରୀ ସ୍ତରରେ ତତ୍ପରତା ପ୍ରକାଶ ପାଉନାହିଁ ! ଏହି ସମସ୍ୟାର ସମାଧାନ ପାଇଁ ଲୋକେ ବାରମ୍ବାର ସ୍ଥାନୀୟ ପ୍ରଶାସନଙ୍କୁ ଦୃଷ୍ଟି ଆକର୍ଷଣ କରି ନୟାନ୍ତ ହେଲାପରେ ଏବେ ପାନୀୟ ଜଳ ପାଇଁ ହସ୍ତସନ୍ତ ହେଉଛନ୍ତି । ବ୍ଲକର ଧାମନଗର, ଦୋବଲ, ଧୁଶୁରୀ ଓ ଅସୁରାଳୀ ଜୋନ୍‌ର ଅନେକ ନଳକୂପ ଅଚଳ ହୋଇଛି । ଏବେ ଅନେକ ଗ୍ରାମରେ ଭୀଷଣ ଜଳକଷ୍ଟ ପରିଲକ୍ଷିତ ହୋଇଥିଲା ବେଳେ ଏହି ସବୁ ଅଞ୍ଚଳରେ ପୂର୍ବରୁ ବସା ଯାଇଥିବା ନଳକୂପ ଗୁଡିକ ଅଚଳ ହୋଇ ପଡିଛି । ସେହିପରି



ଏହିସବୁ ଅଞ୍ଚଳ ଅନେକ ସ୍ଥାନରେ ରହିଥିବା ବସୁଧା ଓ ଗ୍ରାମ୍ୟ ଜଳଯୋଗାଣ ପ୍ରକଳ୍ପଗୁଡିକ ମଧ୍ୟ ଅଚଳ ହୋଇଛି । ପିଇବା ପାଣି ପାଇଁ ଲୋକେ ହନ୍ତସନ୍ତ ହେଉଛନ୍ତି । ଲୋକେ ପିଇବା ପାଣି ପାଇପାରୁ ନାହାନ୍ତି । ଅପରପକ୍ଷରେ ମେଗା ଯୋଜନାରେ ପ୍ରତ୍ୟେକ ଘରକୁ ସ୍ୱଚ୍ଛ ପାନୀୟଜଳ ଯୋଗାଣ କାମ କେବଳ କାଗଜ କଲମରେ ଚାଲିଥିବାରୁ ଲୋକମାନଙ୍କ କାମରେ ଆସୁନାହିଁ । ଏହି ଯୋଜନାରେ ପଧାନୀ, ଦୋବଲ, ମୁସ୍ତାଫାପୁର, ଭଟସାହୀ, ନଦୀଗାଁ, ନୂଆପଡ଼ା, ଖଡ଼ିପଦା ସମେତ ବିଭିନ୍ନ ଅଞ୍ଚଳରେ ମଧ୍ୟ ପାନୀୟଜଳ ସମସ୍ୟା ସୃଷ୍ଟି କରିଛି । ବ୍ଲକ୍‌ର ୧୫ ରୁ ଉର୍ଦ୍ଧ୍ୱ ପଞ୍ଚାୟତରେ ଜଳ ସଙ୍କଟ ପରିଲକ୍ଷିତ ହୋଇଛି । ପ୍ରତ୍ୟେକ ଗ୍ରୀଷ୍ମ ସମୟରେ ପରିସ୍ଥିତି ଜଟିଳ ହୋଇଥାଏ । ଜିଲ୍ଲା ପ୍ରଶାସନ ପାଖରେ ତଥ୍ୟ ମହଜୁଦ ରହିଥିଲେ ମଧ୍ୟ ତାହା ଆଧାରରେ କୌଣସି ଆଗୁଆ ପଦକ୍ଷେପ ଗ୍ରହଣ କରାଯାଇନାହିଁ । ଫଳରେ ଲୋକେ ନାହିଁ ନଥିବା ହିନସ୍ତା ଭୋଗୁଛନ୍ତି । ଏପରିକି ଗ୍ରୀଷ୍ମ ପ୍ରବାହ ଏବେ ଅଧିକ ହୋଇଥିଲେ ମଧ୍ୟ ଅଚଳ ହୋଇ ପଡ଼ିଥିବା ନଳକୂପ ଗୁଡିକୁ ମରାମତି କରାଯାଉନାହିଁ । ଗ୍ରୀଷ୍ମ ପ୍ରବାହର ମୁକାବିଲା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ଜୋରଦାର ପ୍ରସ୍ତୁତି ଆରମ୍ଭ ହୋଇଥିବା କୁହାଯାଉଥିଲା ବେଳେ ଧାମନଗର ବ୍ଲକ୍‌ର ଏହିସବୁ ଜଳକ୍ଲିଷ୍ଟ ଅଞ୍ଚଳରେ ତାହାର କୌଣସି ପ୍ରଭାବ ପଡିନାହିଁ । ପରିସ୍ଥିତି ଅଧିକ ଜଟିଳ ହେବା ପୂର୍ବରୁ ଯଥୋଚିତ ପଦକ୍ଷେପ ଗ୍ରହଣ ପାଇଁ ପ୍ରଶାସନ ନିକଟରେ ଲୋକେ ଦାବି କରିଛନ୍ତି । ସୂଚନା ଥାଉକି ମୁସ୍ତାଫାପୁର ପଞ୍ଚାୟତ ଅଫିସ ନିକଟରେ ଦୀର୍ଘ ଦିନ ହେବ ନଳକୂପଟି ଅଚଳ ଥିବା ବେଳେ ତାହା ମରାମତି ହେଉ ନଥିବା ବେଳେ ଅନ୍ୟ ଗ୍ରାମରେ ପାନୀୟ ବ୍ୟବସ୍ଥା କିପରି ଥିବ ତାହା ଅନୁମାନ କରାଯାଇ ପାରେ । ଏ ସମ୍ପର୍କରେ ବ୍ଲକ୍‌ର ବିଡ଼ିଓ ବନବିହାରୀ ଦିନ୍ଦାଙ୍କ ସହ ଯୋଗାଯୋଗ କରାଯାଇଥିଲା । ପାନୀୟ ଜଳ ସମସ୍ୟାର ଅଭିଯୋଗ ଆସିନି ତଥାପି ଏ ଦିଗରେ ନଜର ଦିଆଯିବ ବୋଲି ବିଡ଼ିଓ କହିଥିଲେ ।

# ପାରିବାରିକ ସମସ୍ୟାର ସମାଧାନ କଲା ଆଇନ ସେବା ପ୍ରାଧିକରଣ

**ଭଦ୍ରକ, ନ୍ୟୁଜ୍‌ବ୍ୟୁରୋ**




ପାରିବାରିକ ଜୀବନରେ ସାମାନ୍ୟ ମନୋମାଳିନ୍ୟ ବେଳେ ବେଳେ ଏତେ ଆଗକୁ ଚାଲିଯାଇଥାଏ ଯେ ଶେଷରେ ବିବାହ ବିଚ୍ଛେଦ ପର୍ଯ୍ୟନ୍ତ କଥା ଯାଏ । କିନ୍ତୁ ସେହି ମନୋମାଳିନ୍ୟକୁ ଯଦି କୌଣସି ପ୍ରକାରେ ସହଜରେ ସମାଧାନ କରିହୁଏ ତେବେ ଦାମ୍ପତ୍ୟ ଜୀବନ ପୁନଃ ସୁଖମୟ ହୋଇଥାଏ । ଏମିତି ଏକ ଉଦାହରଣ ହେଉଛି ନଳାଙ୍ଗ ଠାରେ ଜିଲ୍ଲା କୋର୍ଟ ପରିସରରେ ଥିବା ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ, ଭଦ୍ରକର ସମ୍ମୁଖ ଭାଗ କାର୍ଯ୍ୟାଳୟ । ଯେଉଁଠାରେ ମାର୍ଚ୍ଚମାସ ତା. ୧୩.୦୩.୨୦୨୪ ରିଖରେ ଭଦ୍ରକ ଟାଉନ ଥାନା ଅନ୍ତର୍ଗତ ଚରମ୍ପା (ଗୁଣ୍ଠୁଣିଆ ବଜାର) ଗ୍ରାମର ଗୌରୀ ନାୟକ ତାଙ୍କ ପୁଅ ଏବଂ ବୋହୂ ବିରୋଧରେ ଏକ ଅଭିଯୋଗ ଆଣିଥିଲେ । ପୁଅ ଏବଂ ବୋହୂ ତାଙ୍କ କଥା ମାନୁନାହାନ୍ତି ଏବଂ ତାଙ୍କ ସହ ଦୁର୍ବ୍ୟବହାର କରୁଛନ୍ତି । ଗୌରୀ ନାୟକଙ୍କ ଦରଖାସ୍ତକୁ ଆଧାର କରି ଆଇନ୍ ସେବା ପ୍ରାଧିକରଣ ସମ୍ମୁଖ କାର୍ଯ୍ୟାଳୟର ସମ୍ମୁଖ ଭାଗ ରିଟେନର ଗିରିଜାଶଙ୍କର ଦାସ ଗୌରୀ ନାୟକ ତଥା ତାଙ୍କ ପୁଅ ଏବଂ ବୋହୂଙ୍କୁ ସମ୍ମୁଖଭାଗ କାର୍ଯ୍ୟାଳୟରେ ଉପସ୍ଥିତ ହୋଇ ସମସ୍ୟାର ସମାଧାନ ନିମିତ୍ତ ନୋଟିସ୍ କରାଯାଇଥିଲା । ଉଭୟ ପକ୍ଷକୁ ୨ଟି ତାରିଖରେ ବୁହତ ବୁଝାଶୁଝା ପରେ ତା. ୦୪.୦୪.୨୦୨୪ ରିଖରେ ନେହା ଅଗ୍ରୱାଲ, ସଚିବ, ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ, ଭଦ୍ରକଙ୍କ ଉପସ୍ଥିତିରେ ଆପୋଷ ସମାଧାନ କରାଯାଇଥିଲା । ଏଣିକି ଗୌରୀ ନାୟକ ନିଜ ପୁଅ ଏବଂ ବୋହୂ ସାଥିରେ ଭଲରେ ଏବଂ ଖୁସିରେ ଜୀବନ ବିତାଇବାକୁ ପରାମର୍ଶ ଦିଆଯାଇଥିଲା । ଆପୋଷ ସମାଧାନ ଜରିଆରେ ଥାନା କିମ୍ବା କୋର୍ଟକୁ ନ ଯାଇ ମାମଲାର ତ୍ୱରିତ ଫଇସଲା କରିବାରେ ସମ୍ମୁଖଭାଗ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ଏହା ଅନ୍ୟତମ ସଫଳତା ବୋଲି କୁହାଯାଇଛି ।

# ଫଳକରେ ସୀମିତ ଲକ୍ଷ୍ମୀ ବସ୍‌ଷ୍ଟାଣ୍ଡ

**ନିଶ୍ଚିନ୍ତକୋଇଲି, ନ୍ୟୁଜ୍‌ବ୍ୟୁରୋ**

ନିଶ୍ଚିନ୍ତକୋଇଲି ବ୍ଲକ ବାବୁଜଙ୍ଗ ଲକ୍ଷ୍ମୀ ବସ ଷ୍ଟାଣ୍ଡ କେବଳ ଶିଳାନ୍ୟାସ ଫଳକରେ ସୀମିତ ରହିଥିବାର ଅଭିଯୋଗ ହୋଇଛି । ଏହି ବସ୍‌ଷ୍ଟାଣ୍ଡ ନିର୍ମାଣ ନିମନ୍ତେ ପ୍ରଶାସନିକ ସ୍ତରରେ କୌଣସି ତତ୍ପରତା ପ୍ରକାଶ ପାଉନଥିବାରୁ ସାଧାରଣରେ ଗଭୀର ଅସନ୍ତୋଷ ପ୍ରକାଶ ପାଇଛି । କଟକ ସଦର ନିର୍ବାଚନ ମଣ୍ଡଳୀ ବାବୁଜଙ୍ଗ ଠାରେ ଲକ୍ଷ୍ମୀ ବସ୍‌ଷ୍ଟାଣ୍ଡ ନିର୍ମାଣ ନିମନ୍ତେ ଗତ ନଭେମ୍ବର ୨୬ ତାରିଖ ଦିନ କଟକସଦର ବିଧାୟକ ଚନ୍ଦ୍ରସାରଥି ବେହେରା ଶିଳାନ୍ୟାସ କରିଥିଲେ । ଇତି ମଧ୍ୟରେ ୪



ମାସରୁ ଉର୍ଦ୍ଧ୍ୱ ସମୟ ଅତିକ୍ରାନ୍ତ ହୋଇ ଥିଲେ ମଧ୍ୟ ଏହି ବସ୍‌ଷ୍ଟାଣ୍ଡ ନିର୍ମାଣ ନିମନ୍ତେ ପ୍ରଶାସନିକ ସ୍ତରରେ କୌଣସି ତତ୍ପରତା ପ୍ରକାଶ ପାଉନଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି । ଏହି ବସ୍‌ଷ୍ଟାଣ୍ଡକୁ ତୁରନ୍ତ ନିର୍ମାଣ ନିମନ୍ତେ ସ୍ଥାନୀୟ ଜନସାଧାରଣ ଦୃଢ ଦାବି କରିଛନ୍ତି ।

# ଜରାଜୀର୍ଣ୍ଣ ଅବସ୍ଥାରେ ପ୍ରାଣୀ ଚିକିତ୍ସା ସହାୟକ କେନ୍ଦ୍ର

**ନିଶ୍ଚିନ୍ତକୋଇଲି, ନ୍ୟୁଜ୍‌ବ୍ୟୁରୋ**

ନିଶ୍ଚିନ୍ତକୋଇଲି ବ୍ଲକ କଟିକଟା ପ୍ରାଣୀ ଚିକିତ୍ସା ସହାୟକ କେନ୍ଦ୍ର ଜରାଜୀର୍ଣ୍ଣ ଅବସ୍ଥାରେ ପଡିରହିଥିବାର ଅଭିଯୋଗ ହୋଇଛି । ଏହି କେନ୍ଦ୍ରର ପୁନରୁଦ୍ଧାର ନିମନ୍ତେ ପ୍ରଶାସନିକ ସ୍ତରରେ କୌଣସି ପଦକ୍ଷେପ ଗ୍ରହଣ କରାଯାଉନଥିବାରୁ ସାଧାରଣରେ ଗଭୀର ଅସନ୍ତୋଷ ପ୍ରକାଶ ପାଇଛି । କଟିକଟା ପ୍ରାଣୀ ଚିକିତ୍ସା ସହାୟକ କେନ୍ଦ୍ର ଉପରେ ଚିକିତ୍ସା ନିମନ୍ତେ ସ୍ଥାନୀୟ କଟିକଟା ସମେତ ଡେରାବିଶ ଓ ମାହାଙ୍ଗା ବ୍ଲକର ବହୁ ଗ୍ରାମର ଲୋକମାନେ ଜରୁରୀ କାଳୀନ ପରିସ୍ଥିତିରେ ଗାଈଗୋରୁ ଛେଳିମେଣ୍ଢାଙ୍କ ଚିକିତ୍ସା ନିମନ୍ତେ ଏହି ପ୍ରାଣୀ ସହାୟକ କେନ୍ଦ୍ର ଉପରେ ନିର୍ଭର କରିଥାନ୍ତି । ମାହାଙ୍ଗା ବିଧାୟକ ପ୍ରତାପ ଜେନା ଗତ ୨୦୧୧ ମସିହା ଡିସେମ୍ବର ୬ ତାରିଖ ଦିନ ଏହି କେନ୍ଦ୍ରର ନୂତନ ଗୃହକୁ ଉଦଘାଟନ କରିଥିଲେ । ଉଦ୍‌ଘାଟନ ପରଠାରୁ ଏହି ଗୃହରେ ତାଲା ପଡିଥିବାର ଅଭିଯୋଗ ହୋଇଛି । ଏହି କେନ୍ଦ୍ରର ପରିଚାଳନା ନିମନ୍ତେ କୌଣସି ଏଲଆଇଙ୍କୁ ନିଯୁକ୍ତି ପ୍ରଦାନ କରାଯାଇନଥିବାରୁ କେନ୍ଦ୍ରରେ ଅଚଳାବସ୍ଥା ଦେଖାଦେଇଛି । କେନ୍ଦ୍ରଟି ଜରାଜୀର୍ଣ୍ଣ ଅବସ୍ଥାରେ ପଡିରହିଛି । ଏପରିକି ଏହି କେନ୍ଦ୍ରର କବାଟ ଝରକା



ଗୁଡିକ ଭାଙ୍ଗିରୁଜି ଯାଇଥିଲା ବେଳେ ଗୃହର କାନ୍ଥରେ ମଧ୍ୟ ଫାଟ ସୃଷ୍ଟି ହୋଇଛି । ଏହି କେନ୍ଦ୍ରଟି ବୁଲା ଗାଈଗୋରୁ ଛେଳିମେଣ୍ଢାଙ୍କ ଆଶ୍ରୟସ୍ଥଳିରେ ପରିଣତ ହୋଇଛି । ଏହି କେନ୍ଦ୍ରର ପୁନରୁଦ୍ଧାର ନିମନ୍ତେ ନିଶ୍ଚିନ୍ତକୋଇଲି ମଣ୍ଡଳ ପ୍ରାଣୀ ଚିକିତ୍ସା ବିଭାଗ ତରଫରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନଥିବା କାରଣରୁ ସାଧାରଣରେ ଗଭୀର ଅସନ୍ତୋଷ ଦେଖାଦେଇଛି । ପ୍ରଶାସନ ତରଫରୁ ତୁରନ୍ତ ଏହି କେନ୍ଦ୍ରକୁ କାର୍ଯ୍ୟକ୍ଷମ କରାଯିବା ନିମନ୍ତେ ସାଧାରଣରେ ଦାବି ହୋଇଛି । ନଚେତ ସରକାରଙ୍କ ଲକ୍ଷ ଲକ୍ଷ ଟଙ୍କା ପାଣିରେ ପଡିବା ଆଶଙ୍କାକୁ ଏଡ଼ାଇ ଦିଆଯାଇନପାରେ ବୋଲି ସାଧାରଣରେ ମତପ୍ରକାଶ ପାଇଛି ।

# ବିକାଶ କାର୍ଯ୍ୟ ସମୀକ୍ଷା କଲେ ପ୍ରକଳ୍ପ ଅଧିକାରୀ

**ଆନନ୍ଦପୁର, ନ୍ୟୁଜ୍‌ବ୍ୟୁରୋ**

ଆନନ୍ଦପୁର ସ୍ୱତନ୍ତ୍ର ପ୍ରକଳ୍ପ ଅଧିକାରୀ ଜ୍ୟୋତି ପ୍ରକାଶ ଦାସ ଆନନ୍ଦପୁର ବ୍ଲକ, ଘସିପୁରା ବ୍ଲକ ଏବଂ ହାଟଡିହିରେ ପହଞ୍ଚି ବିଭିନ୍ନ ପଞ୍ଚାୟତ ଗସ୍ତ କରି ଉନ୍ନତିମୂଳକ କାର୍ଯ୍ୟଗୁଡିକ ସମୀକ୍ଷା କରିଥିଲେ । ଆନନ୍ଦପୁର ବ୍ଲକ ସଭା ଗୃହରେ ଅନୁଷ୍ଠିତ ବୈଠକରେ ବିକାଶ କାର୍ଯ୍ୟ ଗୁଡିକ ସମୀକ୍ଷା କରିଥିଲେ । ଏହି ବୈଠକରେ ପ୍ରକଳ୍ପ ନେର୍ଦ୍ଦେଶକ, ଆନନ୍ଦପୁର ବିଡ଼ିଓ, ହାଟଡିହି ବିଡ଼ିଓ ଏବଂ ଘସିପୁରା ବିଡ଼ିଓଙ୍କ ସମେତ ବିଭାଗୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ ।



# ମା’ ରଙ୍ଗେଶ୍ୱରୀଙ୍କ ପୀଠରେ ଅଷ୍ଟପ୍ରହର ନାମଯଜ୍ଞ



**ନିଶ୍ଚିନ୍ତକୋଇଲି, ନ୍ୟୁଜ୍‌ବ୍ୟୁରୋ**

ନିଶ୍ଚିନ୍ତକୋଇଲି ବ୍ଲକ୍ ବଡ଼ଖିର ଓ ସରପଡ଼ା ଗ୍ରାମପଞ୍ଚାୟତ ସଙ୍ଗମସ୍ଥଳରେ ଥିବା ମା’ ରଙ୍ଗେଶ୍ୱରୀଙ୍କ ପୀଠରେ ଏକ-ବିଂଶତମ ସାମ୍ବତ୍ସରିକ ନାମଯଜ୍ଞ ଆନନ୍ଦ ଉଲ୍ଲାସ ମଧ୍ୟରେ ଅନୁଷ୍ଠିତ ହୋଇ ଯାଇଛି । ଏହି ଅବସରରେ ଗ୍ରାମାଞ୍ଚଳର ୮ରୁ ଉର୍ଦ୍ଧ୍ୱ ସଂକୀର୍ତ୍ତନ ମଣ୍ଡଳୀ ଯୋଗଦାନ କରିଥିଲେ । ପୂଜକ ସୁରେନ୍ଦ୍ରନାଥ ପଣ୍ଡା, ରଘୁନାଥ ପଣ୍ଡା ଓ ବିଶ୍ୱନାଥ ନନ୍ଦଙ୍କ ତତ୍ତ୍ୱାବଧାନରେ ସମସ୍ତ ନୀତିକ୍ରାନ୍ତି ସମ୍ପାଦନ କରାଯାଇଥିଲା । କର୍ତ୍ତାଭାବେ ପରମାନନ୍ଦ ପଣ୍ଡା କାର୍ଯ୍ୟ ନିର୍ବାହ କରିଥିଲେ । ଏହି କାର୍ଯ୍ୟକ୍ରମରେ ବହୁ ଶ୍ରଦ୍ଧାଳୁ ଯୋଗଦାନ କରିଥିଲେ । ଏହି କାର୍ଯ୍ୟକ୍ରମକୁ ସଫଳ କରାଇବାରେ ଅନୁଷ୍ଠାନର ସମ୍ପାଦକ ପ୍ରସନ୍ନ କୁମାର ପତି, ବିଦ୍ୟୁଲତା ପଣ୍ଡା, ସୋମନାଥ ପତି, ନିଳକଣ୍ଠ ନନ୍ଦ, ନବବ୍ରତ ପଣ୍ଡା, ଦ୍ୱାରିକାନାଥ ପଣ୍ଡାଙ୍କ ସମେତ ସ୍ଥାନୀୟ ଗୋପପୁର, ସାଧୁପୁର ଓ ପଞ୍ଚସରଙ୍ଗ ବଳରାମପୁର ଗ୍ରାମବାସୀ ପୂର୍ଣ୍ଣ ସହଯୋଗ କରିଥିଲେ ।

# ମହାରୁଦ୍ର ବାବା ଜଗତେଶ୍ୱରଙ୍କ ବାର୍ଷିକ ଉତ୍ସବ

**ଧାମନଗର, ନ୍ୟୁଜ୍‌ବ୍ୟୁରୋ**



ଧାମନଗର ବ୍ଲକ ଅଧିନ ଦେହୁଡି ଆନନ୍ଦପୁର ପଞ୍ଚାୟତ ବାଲିପାଟଣା ଗ୍ରାମ ଠାରେ ଥିବା ବାବା ଜଗତେଶ୍ୱର ମହାଦେବଙ୍କ ତୃତୀୟ ବାର୍ଷିକ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ପୂଜକ ରବି ନାରାୟଣ ଦୀକ୍ଷିତ ଓ ହରି ଶଙ୍କର ଦୀକ୍ଷିତ, ଶିବ ଶଙ୍କର ନନ୍ଦଙ୍କ ଦ୍ୱାରା ବୈଦିକ ମନ୍ତ୍ର ଆବାହନରେ ମହାରୁଦ୍ର ପୂଜାର୍ଚ୍ଚନା କରାଯାଇ ଥିଲା । ସ୍ଥାନୀୟ ବୈତରଣୀ ନଦୀରୁ ଗ୍ରାମବାସୀଙ୍କ ଦ୍ୱାରା ଘଟ ଉତ୍ତୋଳନ କରାଯାଇ ଶୋଭାଯାତ୍ରାରେ ଆସି ମହାରୁଦ୍ରଙ୍କ ଯଜ୍ଞ ମଣ୍ଡପରେ ସ୍ଥାପନା କରାଯାଇଥିଲା । ସୂର୍ଯ୍ୟ ପୂଜା, ମହା ରୁଦ୍ରାଭିଷେକ, ବେଦ ପାଠ ଓ ହୋମଯଜ୍ଞ ମନ୍ତ୍ର ଉଚ୍ଚାରଣରେ ମଣ୍ଡପ ପ୍ରକମ୍ପିତ ହୋଇଉଠିଥିଲା । ସନ୍ଧ୍ୟା ସମୟରେ ପୂର୍ଣ୍ଣାହୁତି ହୋଇ ଯଜ୍ଞ କାର୍ଯ୍ୟ ସମ୍ପନ୍ନ ହୋଇଥିଲା । ସଙ୍କଳ୍ପ କର୍ତ୍ତାକର୍ତ୍ତା ଭାବେ ବୃନ୍ଦାବତୀ ପାତ୍ର ଓ ଗଙ୍ଗାଧର ପାତ୍ର ଦାୟିତ୍ୱ ନିର୍ବାହ କରିଥିଲେ । ଗ୍ରାମର ମହିଳା ବିଳାସିନୀ ପାତ୍ର, ସସ୍ମିତା ପାତ୍ର, ଅହଲ୍ୟା ସାହୁ ପ୍ରମୁଖ କଳସ ବୁଡ଼ାଇବା ସହ ପୂଜା କାର୍ଯ୍ୟକୁ ସହଯୋଗ କରିଥିଲେ । ଆୟୋଜିତ ଏହି ବାର୍ଷିକ ଉତ୍ସବ କାର୍ଯ୍ୟକ୍ରମକୁ ଗ୍ରାମବାସୀ ମାନେ ପରିଚାଳନା କରିଥିଲେ ।

# ଶିଳ୍ପୀଶ୍ରୀ ଅନୁଷ୍ଠାନର ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ




**ଭଦ୍ରକ, ନ୍ୟୁଜ୍‌ବ୍ୟୁରୋ**

ଅଦ୍ୟ ୯ ଘଟିକା ସମୟରେ ଶିଳ୍ପୀଶ୍ରୀ ନୃତ୍ୟ ସଙ୍ଗୀତ ଓ ଚିତ୍ରକଳା ବିଦ୍ୟାଳୟ, ରାନ୍ଦିଆର ବାର୍ଷିକ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ଅନୁଷ୍ଠାନ ପରିସରରେ ଅନୁଷ୍ଠିତ ହୋଇଯାଇଛି । ପ୍ରାରମ୍ଭରେ ସଭାପତି କ୍ଷୀରୋଦ ଚନ୍ଦ୍ର ମହାପାତ୍ର କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ । ଅନୁଷ୍ଠାନର ଅଧକ୍ଷ ମୋହିନୀ ମୋହନ ମହାପାତ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ନୃତ୍ୟ ଗୁରୁମା ଦେବଦିପ୍ତୀ ହୋତାଙ୍କ ନିର୍ଦ୍ଦେଶନାରେ ଶିଶୁକଳାକାର ମାନଙ୍କ ଦ୍ୱାରା ନୃତ୍ୟ ପରିବେଷଣ କରାଯାଇଥିଲା । ଏଥିରେ ରାମଚନ୍ଦ୍ର ଜେନା ସହଯୋଗ କରିଥିଲେ । ମୁଖ୍ୟ ଅତିଥି ରାନ୍ଦିଆ ଗ୍ରାମପଞ୍ଚାୟତର ସରପଞ୍ଚ ସ୍ୱପ୍ନାରାଣୀ ରାଉତ ରାୟଙ୍କ କର କମଳରେ ପିଲାମାନଙ୍କୁ ପୁରସ୍କୃତ କରାଯାଇଥିଲା । ପୁରସ୍କାର ବିତରଣ କାର୍ଯ୍ୟକ୍ରମକୁ ପରଚାଳନା କରିଥିଲେ ଉପାଧକ୍ଷା ସରୋଜ କୁମାର ଶଙ୍ଖୁଆ । ଏଥିରେ ଚିତ୍ରକଳା ଶିକ୍ଷକ ଉଦୟନାଥ ବିଶ୍ୱାଳ ଓ ପୋଧନ ସାହୁ ସହଯୋଗ କରିଥିଲେ । ସମସ୍ତ କାର୍ଯ୍ୟକ୍ରମକୁ ଗୌରାଙ୍ଗ ଚନ୍ଦ୍ର ବାରିକ, ସୌମ୍ୟରଞ୍ଜନ ମହାପାତ୍ର, ପ୍ରିୟଦର୍ଶନୀ ସିଅଳ, ଅଭିନାଶ ମାହାପାତ୍ର ଓ ଅଭିଜିତ୍ ନାୟକ ଆଦି କାର୍ଯ୍ୟକାରୀ ସଭ୍ୟମାନେ ପରିଚାଳନା କରିଥିଲେ । ଛାତ୍ରଛାତ୍ରୀ ଅଭିଭାବକ ଓ ପତିଷ୍ଠିତ ବ୍ୟକ୍ତିଙ୍କ ଗହଣରେ ଉତ୍ସବ ସମାପିତ ହୋଇଥିଲା । ଶେଷରେ ସଭ୍ୟ ସୌମ୍ୟରଞ୍ଜନ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ଓ ସଭା ସାଙ୍ଗ ହୋଇଥିଲେ ।

# ଓଏସ୍‌ଏପି ପକ୍ଷରୁ ଦୁର୍ଗପତିଙ୍କୁ ସମ୍ବର୍ଦ୍ଧନା

**ରମ୍ଭା, ନ୍ୟୁଜ୍‌ବ୍ୟୁରୋ**

ଓଏସ୍‌ଏପି ଅଷ୍ଟମ ବାଟାଲିୟନ ପକ୍ଷରୁ ବଡ଼ାଖାନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଦୁର୍ଗପତି ଶାରଦା ପ୍ରସାଦ ଦାଶ ଯୋଗଦେଇ ବାଟାଲିୟନରେ କାର୍ଯ୍ୟରତ ସମସ୍ତ ଅଫିସର, ହାବିଲଦାର, ସିପାହୀ ଓ ଓଡ୍ରାଫ ବାହିନୀଙ୍କ ସୁଖ ସମୃଦ୍ଧି କାମନା କରିଥିଲେ । ଏହି କାର୍ଯ୍ୟକ୍ରମରେ ଏସ୍‌ପି ଜଗମୋହନ ମିନା ଯୋଗଦେଇ ବାଟାଲିୟନ ସମ୍ପର୍କରେ ଆଲୋଚନା କରିଥିଲେ । ସେହିପରି ନିମନ୍ତ୍ରିତ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗ ଦେଇଥିଲେ । ଏହି ଅବସରରେ ନୃତ୍ୟ ଗୀତରେ ଆସର ଜମିଥିଲା । ଗଞ୍ଜାମ ସହରର ପବିତ୍ର ଦୋଳଯାତ୍ରାରେ ପୂର୍ବାହ୍ନରେ ଗ୍ରୀଷ୍ମ ପ୍ରବାହ ସମୟରେ ବାଟାଲିୟନ ପକ୍ଷରୁ ପଣା ବଣ୍ଟନ କରାଯିବା ସହ ଜଳ ସିଞ୍ଚନ କାର୍ଯ୍ୟକ୍ରମ କରାଯାଇ ଗରମ ଓ ଗୁଳୁଗୁଳିରୁ ଯାତ୍ରା ଦେଖିବାକୁ ଆସିଥିବା ଲୋକଙ୍କୁ ସେବା ଯୋଗାଇ ଦିଆଯାଇ ଥିଲା । ଯାହାକୁନେଇ ଗଞ୍ଜାମ ସହର ବାସୀଙ୍କ ପକ୍ଷରୁ ଦୁର୍ଗପତି ଶ୍ରୀ ଦାଶଙ୍କୁ ଉପଢୌକନ ସହ ଜଗତରନାଥ ଜଗନ୍ନାଥଙ୍କ ଫଟୋଚିତ୍ର ଉପହାର ସ୍ୱରୂପ ପ୍ରଦାନ କରାଯାଇଥିଲା ।

# ନିଖିଳ ଉତ୍କଳ ମଧୁ ବୈଶ୍ୟ ସମାଜର ରାଜ୍ୟ ସ୍ତରୀୟ ତୃତୀୟ କାର୍ଯ୍ୟକାରିଣୀ ବୈଠକ

**ଯାଜପୁର, ନ୍ୟୁଜ୍‌ବ୍ୟୁରୋ**

ଯାଜପୁର ଗୌତମ ବୁଦ୍ଧ ସଂସ୍କୃତି ଭବନ ପରିସରରେ ନିଖିଳ ଉତ୍କଳ ମଧୁ ବୈଶ୍ୟ ସମାଜର ରାଜ୍ୟ ସ୍ତରୀୟ ତୃତୀୟ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ଆବାହକ ବସନ୍ତ ପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ସଂଘର ସଭାପତି ଦେବେନ୍ଦ୍ର ନାଥ ସାହୁ ଯୋଗ ଦେଇ କାର୍ଯ୍ୟକ୍ରମ କୁ ଉଦଘାଟନ କରିଥିଲେ । ଏହି ଅବସର ରେ ରାଜ୍ୟ ସଂଘର ସମ୍ପାଦକ ପ୍ରଶାନ୍ତ କୁମାର ସାହୁ, ଯୁବ ସଂଗଠନର ସମ୍ପାଦକ ବିନୋଦ କୁମାର ସାହୁ, ଜିଲ୍ଲା ଆବାହକ ନରେନ୍ଦ୍ର ସାହୁ , ରାଜ୍ୟ ଉପସଭାପତି ସୁନୀଲ କୁମାର ସାହୁ, ଯାଜପୁରର ମନୋଜ କୁମାର ସାହୁ ପ୍ରମୁଖ ଯୋଗ ଦେଇ ମଧୁ ବୈଶ୍ୟ ସମାଜର ଆବଶ୍ୟକତା ଏବଂ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ । ସମାଜ ପକ୍ଷରୁ ଆଗାମୀ ଦିନରେ ଅନେକ ସମାଜ ସଂସ୍କାର ମୂଳକ ପଦକ୍ଷେପ ଗ୍ରହଣ କରିବାକୁ ନିଷ୍ପତ୍ତି ହୋଇଥିଲା । ଅନ୍ୟମାନଙ୍କ ମଧ୍ୟରେ ଉପଦେଷ୍ଟା ଶ୍ରୀକାନ୍ତ କୁମାର ସାହୁ, ମୁଖ୍ୟ ଆବାହକ ବସନ୍ତ ପାତ୍ର, ମୁଖ୍ୟ ସଂଯୋଜକ ଧୀରେନ୍ଦ୍ର କୁମାର ସାହୁ, ଜିଲ୍ଲା ସଂଯୋଜକ ପ୍ରତାପ ଚନ୍ଦ୍ର ପାତ୍ର, ଡଃ ଅନ୍ତର୍ଯ୍ୟାମି ସାହୁ, ରଘୁନାଥ ପାତ୍ର, ସୁନାକର ସାହୁ, ପ୍ରଶାନ୍ତ କୁମାର ସାହୁ, ଭକ୍ତ ସାହୁ, ବୀର ସାହୁ, ମଣ୍ଟୁ ସାହୁ ପ୍ରମୁଖ ଯୋଗ ଦେଇ ସମାଜ ପକ୍ଷରୁ ବିଭିନ୍ନ ପଦକ୍ଷେପ ଗ୍ରହଣ କରିବା ନିମନ୍ତେ ପ୍ରସ୍ତାବ ମାନ ଦେଇଥିଲେ । ଏହି ଅବସରରେ ସଂଘ ପକ୍ଷରୁ ବହୁ ପ୍ରତିଭାବାନ ବ୍ୟକ୍ତିତ୍ୱଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଶତାଧିକ ସଭ୍ୟମାନେ ଯୋଗ ଦେଇଥିଲେ ।




# କେନ୍ଦ୍ରାପଡ଼ା ମୁଖ୍ୟ ଚିକିତ୍ସାଳୟରେ ବିଶ୍ୱ ସ୍ୱାସ୍ଥ୍ୟ ଦିବସ ପାଳନ



**କେନ୍ଦ୍ରାପଡ଼ା, ନ୍ୟୁଜ୍‌ବ୍ୟୁରୋ**

କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସମ୍ମିଳନୀ କକ୍ଷରେ ବିଶ୍ୱ ସ୍ୱାସ୍ଥ୍ୟ ଦିବସ ପାଳନ ହୋଇଯାଇଛି । ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡଃ ଅନିତା ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଦିବସରେ ଡଃ ସଚ୍ଚିଦାନନ୍ଦ ମିଶ୍ର, ଡଃ ନୃପେନ ଶତପଥୀଙ୍କ ସମେତ ମିନତୀ ମହାପାତ୍ର, ଅନୁଜା ନାୟକ, ବିଦ୍ୟାଧର ବେହେରା ପ୍ରମୁଖ ଉପସ୍ଥିତ ରହି ବିଶ୍ୱ ସ୍ୱାସ୍ଥ୍ୟ ଦିବସର ତାପର୍ଯ୍ୟ ଉପରେ ମତବ୍ୟକ୍ତ କରିଥିଲେ । ଉପସ୍ଥିତ ଥିବା ଡାକ୍ତର ଏବଂ ବିଶେଷଜ୍ଞ ମାନେ ସ୍ୱାସ୍ଥ୍ୟ ସଂପର୍କରେ ବିସ୍ତୃତ ଭାବରେ ଆଲୋଚନା କରି ସ୍ୱାସ୍ଥ୍ୟର ପ୍ରକୃତ ସଂଜ୍ଞାକୁ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ । ଏହି କାର୍ଯ୍ୟକ୍ରମରେ ଏଏନ୍‌ଏମ୍ ଛାତ୍ରୀମାନେ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମରେ ଏଏନ୍‌ଏମ୍‌ର ଛାତ୍ରୀମାନେ ନିଜ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ । ଆୟୋଜିତ ଏହି କାର୍ଯ୍ୟକ୍ରମରେ ସିଏଚ୍‌ସି ଏବଂ ପିଏଚ୍‌ସିର ଡାକ୍ତରମାନେ ଉପସ୍ଥିତ ଥିଲେ ।

# ଯୋବ୍ରାରେ ଇଫତାର ପାର୍ଟି ପାଳିତ

**କଟକ, ନ୍ୟୁଜ୍‌ବ୍ୟୁରୋ**

ମୁସଲିମ୍ ସମ୍ପ୍ରଦାୟର ଇଦ୍ ଏକ ପ୍ରମୁଖ ପର୍ବ । ଏହି ପର୍ବରେ ସମସ୍ତ ମୁସଲମାନ ଭାଇ ଓ ଭଉଣୀମାନେ ଏକ ମାସ ଧରି ନିର୍ଜଳା ଉପବାସ ରଖିଥାନ୍ତି ଓ ସୂର୍ଯ୍ୟାସ୍ତ ସମୟରେ ଉପବାସ ଖୋଲି ଥାନ୍ତି ଏହାକୁ ରୋଜା କୁହାଯାଏ । ଚୌଦ୍ୱାର-କଟକ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଯୋବ୍ରା ଠାରେ ଏକ ଭବ୍ୟ ଇଫତାର ପାର୍ଟିର ଆୟୋଜନ କରା ଯାଇଥିଲା, ଯେଉଁଥିରେ ମୁଖ୍ୟ ଅତିଥି ରୂପେ ବିଧାୟକ ସୌଭିକ୍ ବିଶ୍ୱାଳ ଯୋଗ ଦେଇଥିଲେ । ଉକ୍ତ ଇଫତାର ପାର୍ଟିରେ ତାଙ୍କ ସହ ସଂଖ୍ୟା ଲଘୁ ସେଲର ସମ୍ପାଦକ ମହମଦ ଜାହିର ହୁସେନ, ଏମ୍‌ଡି ଇର୍ସାଦ, ସେକ ଅବିଦ, ମଞ୍ଜୁର ଅଲି, ଏସ୍.କେ. ଗୁଲୁ, ଇବ୍ରାହିମ୍ ଖାନ, ମୃତ୍ୟୁଞ୍ଜୟ ବେହେରା, ଫରିଦ ଖାନ, ସୁକାନ୍ତି ସାମଲ ଓ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେବା ସହ ଇଫତାର ପାର୍ଟିକୁ ଉପଭୋଗ କରିଥିଲେ ।

# ଆଦାୟ ହେଉନି ଟ୍ରେଡ୍ ଲାଇସେନ୍ସ ଫି’ : ବ୍ୟବସାୟୀ ମାଲାମାଲ୍

**ବ୍ରହ୍ମପୁର, ନ୍ୟୁଜ୍‌ବ୍ୟୁରୋ**

ମହାନଗରରେ ହଜାର ହଜାର ବ୍ୟବସାୟ ପ୍ରତିଷ୍ଠାନ ଜରିଆରେ ପ୍ରତ୍ୟହ କୋଟି କୋଟି ଟଙ୍କାର କାରବାର ହେଉଛି । କିନ୍ତୁ ଅଧିକାଂଶ ବ୍ୟବସାୟୀ ପ୍ରତିଷ୍ଠାନ ବିନା ଟ୍ରେଡ୍ ଲାଇସେନ୍ସରେ ଚାଲିଛି । ଫଳରେ ଜଳଖିଆ ଠାରୁ ସୁନା, ହାର୍ଡ଼ୱେର୍ ଠାରୁ ଲୁଗା ଦୋକାନ ପର୍ଯ୍ୟନ୍ତ, ଦୈନିକ କୋଟି କୋଟି ଟଙ୍କାର ବ୍ୟବସାୟ ହେଉଥିବା ବେଳେ ବ୍ରହ୍ମପୁର ମହାନଗର ନିଗମର ରାଜସ୍ୱ ଆୟ ନୈରାଶ୍ୟଜନକ । ସହରରେ ବ୍ୟବସାୟ କରିବା ପାଇଁ ମହାନଗର ନିଗମ ଠାରୁ ଟ୍ରେଡ୍ ଲାଇସେନ୍ସ ଦରକାର । କିନ୍ତୁ ବିନା ଟ୍ରେଡ୍ ଲାଇସେନ୍ସରେ ମାଳ ମାଳ ବ୍ୟବସାୟ ପ୍ରତିଷ୍ଠାନ ବେଧଡ଼କ ଚାଲିଥିଲେ ମଧ୍ୟ ନିଗମ ଆଡୁ କାର୍ଯ୍ୟାନୁଷ୍ଠାନ ହେଉନାହିଁ । ଗୋଟିଏ ପରେ ଗୋଟିଏ ପାଣ୍ଠି ମଧ୍ୟ ମାତ୍ରାଧିକ ଭାବେ ରାଜ୍ୟ ସରକାରଙ୍କ ଉପରେ ନିଗମ ନିର୍ଭର କରୁଥିବା ବେଳେ ଅନ୍ୟପଟେ ଯେଉଁ କ୍ଷେତ୍ରରୁ ରାଜସ୍ୱ ଆଦାୟ ବଢ଼ାଯାଇପାରିବ, ସେ ନେଇ ଯୋଜନା ପ୍ରସ୍ତୁତ କରିବା ଲାଗି ଗୁରୁତ୍ୱ ଦେଉନି ବିଏମ୍‌ସି । ପୌର ଆଇନାନୁଯାୟୀ ସହରରେ ବ୍ୟବସାୟ କରିବା ପାଇଁ ହେଲେ ବିଏମ୍‌ସି ପାଖରୁ ଟ୍ରେଡ୍ ଲାଇସେନ୍ସ ନେବା ବାଧ୍ୟତାମୂଳକ । ବ୍ୟବସାୟ ଅନୁଯାୟୀ ଏହାର ଦର ମଧ୍ୟ ଭିନ୍ନ ଭିନ୍ନ । ହୋଟେଲ୍ ହେଉ ଅବା ଜିମ୍, ଏପରିକି ଚା’ ଦୋକାନଟିଏ ଚଳାଇବାକୁ ହେଲେ ମଧ୍ୟ ଟ୍ରେଡ୍ ଲାଇସେନ୍ସ ବାଧ୍ୟତାମୂଳକ । ବିନା ଟ୍ରେଡ୍ ଲାଇସେନ୍ସରେ କୌଣସି ପ୍ରକାର ବ୍ୟବସାୟ ହୋଇପାରିବ ନାହିଁ । ତେବେ କେଉଁ ବ୍ୟବସାୟ ପ୍ରତିଷ୍ଠାନ ଲାଇସେନ୍ସ ନେଇଛି, କିଏ ନେଇନାହିଁ, ତାହା ନିୟମିତ ଯାଞ୍ଚ କରାଯିବା କଥା । କିନ୍ତୁ ବିଏମ୍‌ସି କର୍ମଚାରୀ ଅଭାବ ଦର୍ଶାଇ ଯାଞ୍ଚ ଦିଗରେ ଗୁରୁତ୍ୱ ଦେଉନାହିଁ । ଫଳରେ ନିୟମିତ ଟ୍ରେଡ୍ ଲାଇସେନ୍ସ ବାବଦ ରାଜସ୍ୱ ହ୍ରାସ ଘଟି ଚାଲିଛି । ବିଏମ୍‌ସି ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ୨୦୨୨-୨୩ ଆର୍ଥିକ ବର୍ଷରେ ମାତ୍ର ୭୫ ଲକ୍ଷ ୨୯ ହଜାର ଟଙ୍କାର ଟ୍ରେଡ୍ ଲାଇସେନ୍ସ ବାବଦ ରାଜସ୍ୱ ଆଦାୟ ହୋଇଥିବା ବେଳେ ୨୦୨୩-୨୪ ଆର୍ଥିକ ବର୍ଷରେ ମଧ୍ୟ ୭୫ ଲକ୍ଷ ୫ ହଜାର ଟଙ୍କା ଆଦାୟ ହୋଇଛି । ଗତ ଦୁଇ ବର୍ଷ ହେଲା ରାଜସ୍ୱ ପରିମାଣ ହ୍ରାସ ପାଉଥିବା ବେଳେ ଚଳିତ ଆର୍ଥିକ ବର୍ଷ ପାଇଁ ଟାର୍ଗେଟ୍ ବୃଦ୍ଧି କରାଯାଉଛି । ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ରାଜସ୍ୱ ଲକ୍ଷ୍ୟ ୧କୋଟି ଟଙ୍କା ଧାର୍ଯ୍ୟ କରାଯାଇଛି । କ୍ରମାଗତ ଭାବେ ରାଜସ୍ୱ ହ୍ରାସ ପାଉଥିବା ବେଳେ ଚଳିତ ଆର୍ଥିକ ବର୍ଷରେ ଧାର୍ଯ୍ୟ ଲକ୍ଷ୍ୟ ଛୁଇଁବା ନେଇ ମଧ୍ୟ ସନ୍ଦେହ ରହିଛି । କେବଳ ଏତିକି ନୁହେଁ, ବକେୟା ଆଦାୟ ଦିଗରେ ମଧ୍ୟ ଗୁରୁତ୍ୱ ଦେଉନାହିଁ ନିଗମ । ଗତ ଜାନୁଆରୀ ସୁଦ୍ଧା ଟ୍ରେଡ୍ ଲାଇସେନ୍ସ ବାବଦରେ ୮୩ ଲକ୍ଷ ୪୭ ହଜାର ୭୭୩ ଟଙ୍କାର ଫି’ ଆଦାୟ ବକେୟା ପଡ଼ିଥିଲା । କିନ୍ତୁ ଜାନୁଆରୀ ମାସରେ ଏଥିରୁ ଟଙ୍କାଟିଏ ମଧ୍ୟ ଆଦାୟ ହୋଇପାରିଲା ନାହିଁ । ଫେବୃଆରୀରେ ମଧ୍ୟ ବକେୟା ଟ୍ରେଡ୍ ଲାଇସେନ୍ସ ଫି’ ବାବଦରେ ଟଙ୍କାଟିଏ ଆଦାୟ ହୋଇନାହିଁ । ଅପରପକ୍ଷେ ମାସି ଆଦାୟ ମଧ୍ୟ ହ୍ରାସ ପାଇବାରେ ଲାଗିଛି । ଫେବୃଆରୀରେ ମାତ୍ର ୪ଲକ୍ଷ ୮୮ ହଜାର ଟଙ୍କା ସଂଗ୍ରହ ହୋଇଛି । କାଉନ୍‌ସିଲର ଗତ ବଜେଟ୍ ବୈଠକରେ ଏହାକୁ ନେଇ ଅନେକ କର୍ପୋରେଟର ଅସନ୍ତୋଷ ପ୍ରକାଶ କରିଥିଲେ । ହେଲେ କର୍ମଚାରୀ ଅଭାବ ଦର୍ଶାଇ ଖସି ଯାଇଥିଲେ ଦାୟିତ୍ୱରେ ଥିବା ଅଧିକାରୀ । ଅନ୍ୟପଟେ ଦୈନିକ କୋଟି କୋଟି ଟଙ୍କାର ବ୍ୟବସାୟ ହେଉଥିଲେ ମଧ୍ୟ ଏଥିରୁ ରାଜସ୍ୱ ଆଦାୟ ହୋଇପାରୁନାହିଁ । ଏନ୍‌ଫୋର୍ସମେଣ୍ଟ ଟିମ୍ ଥିଲେ ମଧ୍ୟ ତାହା ସ୍ଥାଣୁ ପାଲଟିଯାଇଛି । ଦାୟିତ୍ୱରେ ଥିବା ଅଧିକାରୀମାନେ ମଧ୍ୟ ଗୁରୁତ୍ୱ ଦେଉନଥିବା ଯୋଗୁଁ ରାଜସ୍ୱ ହରାଉଛି ନିଗମ । କେନ୍ଦ୍ର ଆଉ ରାଜ୍ୟର କୋଟି କୋଟି ଟଙ୍କାର ଅନୁଦାନକୁ କିପରି ବ୍ୟୟ କରାଯିବ ସେ ଉପରେ ବିଏମ୍‌ସି କର୍ତ୍ତୃପକ୍ଷ ବିଶେଷ ଭାବେ ଗୁରୁତ୍ୱ ଦେଉଥିବା ବେଳେ ନିଜସ୍ୱ ଆୟ ବୃଦ୍ଧି ଉପରେ ଗୁରୁତ୍ୱ ଦେଉନଥିବା ଯୋଗୁଁ ଏହାର ଫାଇଦା ନେଉଛନ୍ତି ବ୍ୟବସାୟୀ । ଜନପ୍ରତିନିଧି ମାନେ ମଧ୍ୟ କେବଳ ପରିମଳ ଓ ରାସ୍ତାଘାଟ ସମସ୍ୟା ସମାଧାନ ଦିଗରେ କାର୍ଯ୍ୟ କରୁଥିବା ବେଳେ ବିଏମ୍‌ସିର ସମସ୍ତ ପ୍ରକାର ନିଜସ୍ୱ ଆୟର ସ୍ରୋତ ଦୁର୍ବଳ । ନିଜସ୍ୱ ଆୟ ହ୍ରାସ ଦ୍ୱାରା ସହରର ବିକାଶ ଉପରେ ପରୋକ୍ଷ ଭାବେ ଏହାର କୁପ୍ରଭାବ ପଡୁଥିବା ସାଧାରଣରେ ଆଲୋଚନା ହେଉଛି ।

# ଧର୍ମପରାୟଣା ମହିଳାଙ୍କ ସ୍ମୃତିଚାରଣ କଲେ ବିଧାୟକ



**ନିଶ୍ଚିନ୍ତକୋଇଲି, ନ୍ୟୁଜ୍‌ବ୍ୟୁରୋ**

ନିଶ୍ଚିନ୍ତକୋଇଲି ବ୍ଲକ ରାମକୃଷ୍ଣପୁର ଗ୍ରାମର ବିଶିଷ୍ଟ ଧର୍ମପରାୟଣା ମହିଳା ଜୁତି ସେଠୀଙ୍କ ଦ୍ୱାଦଶାହ ଅବସରରେ ମାହାଙ୍ଗା ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନା ଯୋଗଦାନ କରି ତାଙ୍କର ଫଟୋଚିତ୍ରରେ ମାଲ୍ୟାର୍ପଣ କରିବା ସହ ତାଙ୍କର ବହୁମୁଖୀ ପ୍ରତିଭା ସମ୍ପର୍କରେ ଗଭୀରଭାବେ ଆଲୋକପାତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ନିଶ୍ଚିନ୍ତକୋଇଲି ପଞ୍ଚାୟତ ସମିତି ଅଧ୍ୟକ୍ଷାଙ୍କ ପ୍ରତିନିଧି ଯୁବନେତା ମନୋଜ କୁମାର ସେଠୀ, ପଞ୍ଚାୟତ ସମିତି ଉପାଧ୍ୟକ୍ଷ ଅଶୋକ କୁମାର ଓଝା, ବ୍ଲକ୍ ବିଜେଡି ସଭାପତି ରମାକାନ୍ତ ମହାନ୍ତି, ପୂର୍ବତନ ସରପଞ୍ଚ ମନୋରଞ୍ଜନ ସ୍ୱାଇଁ, ଜିଲ୍ଲାପରିଷଦ ସଭ୍ୟ ବିପ୍ଳବ କେଶରୀ କାପ, ଯୁବନେତା ଶଙ୍କର୍ଷଣ ମହାରଣା ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ବିଶେଷ ଯୋଗଦାନ କରି ବକ୍ତବ୍ୟ ପ୍ରଦାନ କରିଥିଲେ । ଶେଷରେ ତାଙ୍କର ପୁତ୍ର ରାଜୀବ ଲୋଚନ ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ ।

ସମ୍ପାଦକୀୟ
30 YEARS
ସମ୍ବାଦ କଳିକା

# ଡିଜିଟାଲିକରଣ ହେବ କେୱାଇସି ପ୍ରକ୍ରିୟା

ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କ ଅଧ୍ୟକ୍ଷତାରେ ଆର୍ଥିକ ସ୍ଥିରତା ଏବଂ ବିକାଶ ପରିଷଦର ୨୮ତମ ବୈଠକ ଅନୁଷ୍ଠିତ ହୋଇଥିଲା, ଯେଉଁଥିରେ ଘରୋଇ ଏବଂ ବିଶ୍ୱର ଅର୍ଥନୈତିକ ସ୍ଥିତି ଉପରେ ଆଲୋଚନା ହୋଇଥିଲା। ଏହି ବୈଠକରେ ଅର୍ଥନୈତିକ ସ୍ଥିରତା ଏବଂ ଏହାର ମୁକାବିଲା ପାଇଁ ଭାରତର ପ୍ରସ୍ତୁତି ବିଷୟରେ ସମୀକ୍ଷା କରାଯାଇଥିଲା।

ଏହି ବୈଠକରେ କେନ୍ଦ୍ର ବଜେଟରେ କରାଯାଇଥିବା ଘୋଷଣାଗୁଡ଼ିକର କାର୍ଯ୍ୟକାରିତା ଏବଂ ଏଫ୍‌ଏସଡିସିର ପୂର୍ବ ନିଷ୍ପତ୍ତିଗୁଡ଼ିକୁ କାର୍ଯ୍ୟକାରୀ କରିବା ରଣନୀତି ଉପରେ ଆଲୋଚନା ହୋଇଥିଲା। ଏହି ବୈଠକରେ ୟୁନିଫର୍ମ କେୱାଇସି (ୟୁନିଫର୍ମ କେୱାଇସି ନିୟମ ନିର୍ଦ୍ଧାରଣ) ମାନଦଣ୍ଡ ସ୍ଥିର କରିବା ସହିତ ସମଗ୍ର ଆର୍ଥିକ କ୍ଷେତ୍ରରେ କେୱାଇସି ରେକର୍ଡର ଆନ୍ତଃ ବ୍ୟବହାରଯୋଗ୍ୟତା ଏବଂ କେୱାଇସି ପ୍ରକ୍ରିୟାର ସରଳୀକରଣ ଏବଂ ଡିଜିଟାଇଜେସନ୍ କରିବାକୁ ନିଷ୍ପତ୍ତି ନିଆଯାଇଛି। ସାମାଜିକ ଷ୍ଟକ ଏକ୍ସଚେଞ୍ଜ ମାଧ୍ୟମରେ ସାମାଜିକ ଉଦ୍ୟୋଗଗୁଡିକ ଦ୍ୱାରା ପାଣ୍ଠି ସଂଗ୍ରହ ଆରମ୍ଭ କରିବାକୁ ମଧ୍ୟ ନିଷ୍ପତ୍ତି ନିଆଯାଇଛି । ଅନ୍ ଲାଇନ୍ ଆପ୍ ଜରିଆରେ ଦିଆଯାଉଥିବା ବେଆଇନ ଋଣ କ୍ଷତିକୁ ରୋକିବା ସହ ଏହାକୁ ରୋକିବା ପାଇଁ ବୈଠକରେ ନିଷ୍ପତ୍ତି ହୋଇଛି। ଏଫ୍‌ଏସଡିସିର ସଦସ୍ୟମାନେ ପରିସ୍ଥିତି ଉପରେ ନିରନ୍ତର ନଜର ରଖିବେ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି। ଏଥିସହିତ ଆର୍ଥିକ ସ୍ଥିରତା ପଥରେ ଉପୁଜିଥିବା ବିପଦକୁ ଚିହ୍ନଟ କରି ଆର୍ଥିକ ସ୍ଥିରତା ବଜାୟ ରଖିବା ପାଇଁ ଆବଶ୍ୟକ ପଦକ୍ଷେପ ନିଆଯିବାକୁ ସ୍ଥିର ହୋଇଛି।

## ଶ୍ରୀଶ୍ରୀ ଅଭିରାମ ସରସ୍ୱତୀଙ୍କ ଦିବ୍ୟ ସନ୍ଦେଶ

### ସତ୍ୟ ଭାଗବତ

**ପ୍ରଥମ ଅଧ୍ୟାୟ**

**ଓଁ**

**'ଜୟନ୍ତୀ, ମଙ୍ଗଳା, କାଳୀ,**
**ଭଦ୍ରକାଳୀ କପାଳିନୀ**
**ଦୁଗର୍ା, କ୍ଷମା, ଶିବା, ଧାତ୍ରୀ**
**ସ୍ୱହା ସ୍ୱଧା ନମୁତେ ।'**



ଶ୍ରୀ ଅଭିରାମ ସରସ୍ୱତୀ

ତୁଳି ସିନା ମୂଳପଥ
ଆଉ ସବୁ ମାୟା
ତୋ ପାଦକୁ ଛାଡ଼ିଦେଲେ
ଭକ୍ତ ଭାବେ ବାୟା (୭)

ତୋର ନାମ ତୋରଜ୍ଞାନ
ହୃଦୟରେ ଦେବୁ
ଉଡା କଥା ମାନ ମୋର
କଣ୍ଠସ୍ୱରେ ନଦେବୁ (୮)

ଆଉ ନାହିଁ ବେଳ କାଳ
ଭଜିବାର ପାଇଁ
ଭକତଙ୍କୁ ଅ୍ୱ ବ୍ୟ୍ୱ
କଳା କରୁଥାଇ (୯)

ତେଣୁ କରି ଏବିପଦେ
ଡାକେ ମାଆ ବୋଲି
ତୋ ଭକ୍ତକୁ ରକ୍ଷାକର
ବଣତ ବଢାଇ (୧୦)

ଜୀବ ଜଗତେ ସ୍ଥିରତା
ଟିକେ ହେଲେ ନାହିଁ
ଅସ୍ଥିର ପରାୟେ ମନ
ତାଙ୍କର ହୁଅଇ (୧୧)

ତେଣୁ କରି ତୋର ପାଦେ
କରୁଛି ଗୁହାରି
ନିମିଷକେ ନାଶ କରି
ଭକତ ଅଇରି (୧୨)

ବେଳ କାଳ ଆଉ ନାହିଁ
ଭାବିବାର ପାଇଁ
କେବଳ ତୋହରି ନାମ
ହୃଦରେ ଭାବଇ (୧୩)

ସଦା କାଳେ ସାହା ହେବୁ
ଜଗତ ଜନନୀ
ଯିବା ଆସିବା ପଥକୁ
ଜଗିବୁ ଭବାନୀ (୧୪)

କାଳ ସଦା ଗ୍ରାସୁ ଅଛି
ଭକତକୁ ଆସି
କାଳି ରୂପେ ସାହାହୁଅ
ଆହେ ପୌର୍ଣ୍ଣସମାସୀ (୧୫)

ଲକ୍ଷ୍ୟ ମୋର ପାଉ ନାହିଁ

ଏଜଗତ ମଧ୍ୟେ
ଲକ୍ଷ୍ମୀ ରୂପେ ବସ ଆସି
ମୋର ହୃଦ ମଧ୍ୟେ (୧୬)

ଶ୍ରଦ୍ଧା ମୋର ଆଉ ନାହିଁ
ଏ ଜଗତ ପାଇଁ
ଶାରଳା ରୂପରେ ବସ
ମୋ କଣ୍ଠରେ ତୁହି (୧୭)

ଦୁଃଖମୋର ବେଳୁ ବେଳୁ
ହେଉଛି ପ୍ରବଳ
ଦୁଗର୍ା ରୂପେ ସାହାହେବୁ
ଦେଇ ଝୁଲା ଥାଳ (୧୮)

ତାରଣ ମାରଣ ପ୍ରତି
ନାହିଁ ଅନୁରାଗ
ତାରିଣୀ ରୂପରେ ମାତ
ଜଗ ପୃଷ୍ଠ ଭାଗ (୧୯)

ନବଦ୍ୱାରେ ନବଶକ୍ତି
ତୁହି ମାତ ଦେବୁ
ଦଶ ଦ୍ୱାର ଶୂନ୍ୟବାସୀ
ତୁହି ବୋଲାଇବୁ (୨୦)

ତୋର ଛଡା ଏ ଶରୀର
କିଏ ସେ ରଖିବ
ତୁହି ଯଦି ନ ରଖିବୁ
ନାରଖାର ହେବ (୨୧)

ସବସ୍ୱ ମଙ୍ଗଳ କାରିଣୀ
ତୁହି ମା ମଙ୍ଗଳା
ବିପଦ ସମୟେ ଭକ୍ତର
ତୁହି ଭାବ ଭେଳା (୨୨)

ତୋର ଘର ମୋ ଶରୀର
ତୋତେ ସମର୍ପିଲି
ସବୁଛାଡ଼ି ତୋର ପାଶେ
ଶରଣ ପଶିଲି (୨୩)

ରଖିଲେ ରଖିବୁ ତୁହି
ମାରିଲେ ମାରିବୁ
ବିପଦ ସମୟେ ସଦା
ତୁହି ସାହାହେବୁ (୨୪)

(କ୍ରମଶଃ)

# ଭବିତବ୍ୟ ଯାହା ଅବଶ୍ୟ ଘଟିବ-୩୨



ସୁଧାଂଶୁ ମୋହନ ଶତପଥୀ
ଶ୍ରୀରାମ ଭବନ, ଚଟୁଆ
କୁଜଙ୍ଗ, ଜଗତସିଂହପୁର
ମୋ-୯୬୬୮୨୯୮୪୯୪

ଶ୍ରୀରାମଙ୍କ ପରିବାର ମଧ୍ୟରେ ଅନୁପ୍ରବେଶ ବହୁ ପୁରାତନ ଓ ଅତ୍ୟନ୍ତ ରହସ୍ୟମୟ। ହନୁମାନ ଯାହା ଚିନ୍ତା କରିବେ ତାହା ପୃଥିବୀରେ ଅନ୍ୟ କୌଣସି ମଣିଷ ଚିନ୍ତା କରି ପାରିବେ ନାହିଁ। ହନୁମାନ ଏ କଥା ବି ଭାବୁଛନ୍ତି ଯେ ଏ ସଭାସ୍ଥଳରେ ଉପସ୍ଥିତ ଥିବା ଜନତା ଶ୍ରୀରାମଙ୍କ ପରିବାରଙ୍କୁ ଯେତିକି ଜାଣନ୍ତି ନାହିଁ, ତାହାଠାରୁ ଶତାଧିକ ଗୁଣରେ ଶ୍ରୀରାମଙ୍କ ପରିବାରର ପ୍ରତିଟି ସଦସ୍ୟଙ୍କୁ ସେ ଜାଣନ୍ତି। ଏପରିକି ଶ୍ରୀରାମ ଇକ୍ଷାକୁ ବଂଶରେ ଜନ୍ମଲାଭ କରି ନିଜବଂଶର ଇତିହାସକୁ ଯେତିକି ନଜାଣନ୍ତି ତାହାଠାରୁ ଢେର ଅଧିକ ପରିମାଣରେ ଜାଣନ୍ତି ହନୁମାନ। ତେଣୁ ସଭାସ୍ଥଳରେ ବସିଥିବା ସମସ୍ତ ଋଷି ମୁନିମାନେ ବି ଅନେକ ସମୟ ହେଲାଣି ଲକ୍ଷ୍ୟ କରୁଛନ୍ତି ହନୁମାନଙ୍କ ମୁଖମଣ୍ଡଳକୁ। ଯେଉଁଠି କି ଏପରି ଘୋର ଚରମ ସଙ୍କଟ ମଧ୍ୟରେ ହନୁମାନ କିପରି ଅବିଚଳିତ ଭାବେ ଶ୍ରୀରାମଙ୍କ ପାଦତଳେ ବସି ରହିଛନ୍ତି। ବଡ କଠିନ ଓ ଜଟିଳ ପରିସ୍ଥିତି ମଧ୍ୟରେ ରାଜସଭା ଗତିକରୁଥାଏ। ଶ୍ରୀରାମଙ୍କ ଲୀଳା ବିଷୟରେ ହନୁମାନ ଯେତିକି ଜୀବନ୍ତ ଉପଲବ୍ଧି କରିଛନ୍ତି ଏବଂ ନିଜ ଚକ୍ଷୁରେ ଦର୍ଶନ କରିଛନ୍ତି ସେଭଳି ଅଦ୍ଭୁତ ତଥା ବିରଳତମ ଅନୁଭବ ତାଙ୍କ ବ୍ୟତୀତ ଆଉ କେହି ଜାଣିନାହାଁନ୍ତି, କାରଣ ରାମ ହନୁମାନଙ୍କ ହୃଦୟରେ ସଦା ବିରାଜମାନ କରିଥାନ୍ତି। ପ୍ରତ୍ୟୁଷରେ ରାମ, ମଧ୍ୟାହ୍ନରେ ରାମ, ଅପରାହ୍ନରେ ରାମ, ସନ୍ଧ୍ୟାରେ ରାମ, ରାତ୍ରୀର ସମସ୍ତ ପ୍ରହରରେ ରାମ, ତାଙ୍କର ସର୍ବାଙ୍ଗ ଶରୀରରେ ରାମ, ଆଉ ରାମମୟ ଏ ଜଗତ। ହନୁମାନ ଅପଲକ ନୟନରେ ଲକ୍ଷ୍ମଣଙ୍କୁ ଦର୍ଶନ କରି ମନେ ପକାଉଛନ୍ତି ସେହି ଅପାସୋରା ସ୍ମୃତି ବିଜଡିତ ଲୋମଟାଙ୍କୁରା ଘଟଣାବଳୀ। ଯାହା ତାଙ୍କ ବ୍ୟତୀତ ଅନ୍ୟକେହି ଜାଣିପାରିନାହାନ୍ତି। ମନେ ପକାଉଛନ୍ତି ସୁଦୂର ଅତୀତର କଥା, ଯେଉଁ ଦିନ ମେଘନାଦ ଅମୋଘ ମାରଣାସ୍ତ୍ର ଲକ୍ଷ୍ମଣଙ୍କ ଉପରେ ପ୍ରୟୋଗ କରି ମୃତ୍ୟୁ ଶଯ୍ୟାରେ ପକାଇ ଦେଇଥିଲା। ଲକ୍ଷ୍ମଣ ରଣଭୂମିରେ ମୃତବତ୍ ପଡିଛନ୍ତି। ଶ୍ରୀରାମ ବିକଳ ହୋଇ ଛାତି ଫାଟିଯିବା ଭଳି ନିଜ ମଥାକୁ ବାରମ୍ବାର ଆଘାତ କରି କାନ୍ଦି ଚାଲିଥାନ୍ତି। ସେପରି ବିକଳତାକୁ ଯିଏ ଦେଖିଛନ୍ତି ଏପରି ପ୍ରାଣଘାତି ଶୋକ ଏ ପୃଥିବୀରେ କାହାରି ଆଖିରେ କେହି କେବେ ଦେଖିନଥିବେ। ଆଜି ପର୍ଯ୍ୟନ୍ତ ମଧ୍ୟ କେହି ଗୋଟିଏ ଭଲର ବିଚ୍ଛେଦରେ ଏପରି ବୁକୁଫଟା ଲୋତକ ବର୍ଷା କରି ପାରିବେନି। ଯଦି ବି ଭବିଷ୍ୟତରେ କେହି କରିବେ, ତେବେ ସେ ନିଶ୍ଚୟ ରାମଙ୍କର ଉପାସକ ହୋଇଥିବେ। ଜାମ୍ବବାନ, ଅଙ୍ଗଦ, ବିଭୀଷଣ ଏବଂ ଲକ୍ଷ୍ମଣଙ୍କର ଚତୁର୍ଦ୍ଦିଗରେ ଶହ ଶହ ବାନର ସେନା ବସି ଅଶ୍ରୁପାତ କରୁଥାନ୍ତି। ଲକ୍ଷ୍ମଣ ଏପରି ଏକ ଭୟାନକ ସମ୍ଭାବ୍ୟ ମୃତ୍ୟୁ ମୁଖରେ ପଡିଯାଇଛନ୍ତି ଏତାକୁ ବିଚାର କରି ବାରମ୍ବାର ଶ୍ରୀରାମ ମୂର୍ଚ୍ଛିତ ହୋଇ ପଡୁଥାନ୍ତି। ବୈଦ୍ୟରାଜ ସୁଷେଣ ସମସ୍ତ ଚେଷ୍ଟାକରି ଯେତେବେଳେ ଲକ୍ଷ୍ମଣଙ୍କୁ ବଞ୍ଚାଇ ନ ପାରିଲେ ସେତେବେଳେ ଉପରକୁ ହାତଟେକି ଦେଇ କହିଲେ ' ହେ ରାମ ! ଲକ୍ଷ୍ମଣ ଆଉ ଜୀବନ ଫେରି ପାଇବା ଅସମ୍ଭବ। ଇନ୍ଦ୍ରଜିତର ପ୍ରାଣଘାତି ଅସ୍ତ୍ର ଦ୍ୱାରା ଲକ୍ଷ୍ମଣଙ୍କର ବକ୍ଷସ୍ଥଳ କର୍ଦ୍ଦମାକ୍ତ ହୋଇଯାଇଛି। ତେଣୁ ସେ ଆଉ ବଞ୍ଚି ପାରିବେନି। ଏହାଶୁଣି ଶ୍ରୀରାମ ଅତି ଉଚ୍ଚସ୍ୱରରେ କାନ୍ଦି କାନ୍ଦି କହିଲେ ' ହେ ହନୁମାନ, ସୁଗ୍ରୀବ, ବିଭୀଷଣ ସମସ୍ତେ ମୋର ଅନ୍ତିମ କଥା ଶୁଣିନିଅ, ମୁଁ ଆଉ ଅଯୋଧ୍ୟା ଫେରିବିନି, ଯଦି ଲକ୍ଷ୍ମଣର କିଛି ହୋଇଯାଏ , ତେବେ ମୁଁ ଅଯୋଧ୍ୟାରେ ପହଞ୍ଚି ମୋ ମାତା ସୁମିତ୍ରା, କୌଶଲ୍ୟା, କୈକେୟୀଙ୍କୁ କ'ଣ କହିବି ? ଅଯୋଧ୍ୟା ପଛେ ଚିରଦିନ ପାଇଁ ଧ୍ୱଂସ ହୋଇଯାଉ, ଅଯୋଧ୍ୟାର ରାଜ ଭବନ ପଛେ ପୋଡି ପାଉଁଶ ହୋଇଯାଉ, ସୀତା ପଛେ ଚିରଦିନ ପାଇଁ ରାବଣର ପତ୍ନୀ ହୋଇ ରହିଯାଉ, କିନ୍ତୁ ଲକ୍ଷ୍ମଣ ଚାଲିଗଲା ପରେ ମୁଁ ଆଉ ଗୋଟିଏ କ୍ଷଣ ପୃଥିବୀର ମାଟି ଉପରେ ବଞ୍ଚି ପାରିବିନି। କୋଟି କୋଟି ବ୍ରହ୍ମାଣ୍ଡର ପଞ୍ଚଭୂତ ମହାଶକ୍ତି ଯଦି ମୋତେ ବଞ୍ଚାଇବାକୁ ଚାହିଁବ ସିଏବି ମୋ ନିକଟରେ ପରାସ୍ତ ହୋଇଯିବ। ତେଣୁ ମୁଁ ଏହି ସମୁଦ୍ରରେ ଆତ୍ମ ବିସର୍ଜନ କରିଦେବି। କୁହ ବିଭୀଷଣ ? ମୁଁ ଉର୍ମିଳାଙ୍କର ଶୂନ୍ୟ କପାଳ, ଶୂନ୍ୟ ହସ୍ତକୁ କ'ଣ ଦେଖି ପାରିବି ? ମୋ ଆଦରଣୀୟ ମାତା ସୁମିତ୍ରା ଯେତେବେଳେ ପୁତ୍ର ବିକଳରେ କାନ୍ଦୁଥିବେ, ସେପରି ହୃଦୟ ବିଦାରକ ବିକଳତାକୁ ଦେଖି କ'ଣ ମୁଁ ଜୀବନ୍ତ ଭାବେ ତାଙ୍କ ନିକଟରେ ଦଣ୍ଡାୟମାନ ହୋଇପାରିବି ? ନା ନା ନା କେବେ ବି ହୋଇ ପାରିବିନି। ଏହି ପରି ରଣଭୂମିରେ ପଡିଥିବା ଶିଳାଖଣ୍ଡ ଉପରେ ମଥାପିଟି କାନ୍ଦୁଥିବା ବେଳେ ସୁଷେଣ ଆସି ଧରି ପକାଇଲେ ଶ୍ରୀରାମଙ୍କୁ ଗୋଟିଏ ଉପାୟ ବତାଇଲେ କହିଲେ " ହେ ଶ୍ରୀରାମ ! ଯଦି ଗୋଟିଏ ରାତି ମଧ୍ୟରେ ଅର୍ଥାତ୍ ଆସନ୍ତା କାଲିର ସୂର୍ଯ୍ୟୋଦୟ ମଧ୍ୟରେ ଗନ୍ଧମାର୍ଦ୍ଦନ ପର୍ବତରୁ ବିଶଲ୍ୟକରଣୀ ଗୁଳ୍ମକୁ ଆଣି ମୋତେ ଦେବ ସେହି ପତ୍ରର ରସକୁ ମୁଁ ଲକ୍ଷ୍ମଣଙ୍କ କ୍ଷତ ସ୍ଥାନରେ ପ୍ରଲେପ କରିଦେଲେ ଲକ୍ଷଣ ପୁନର୍ବାର ବଞ୍ଚିଯିବେ। କିନ୍ତୁ ଏପରି କଥା କ'ଣ ସମ୍ଭବ? ଯେଉଁ ଗୁଳ୍ମପାଖରେ ପହଞ୍ଚାଇବା ପାଇଁ ଜଣେ ମଣିଷକୁ ବର୍ଷ ବର୍ଷ ଲାଗି ଯିବ ତାହା ଗୋଟିଏ ରାତିରେ ଆଣି ଏଠାରେ କିଏବା ଦେଇପାରିବ ? ଏହି କଥା ଶ୍ରବଣକରି ଅତି ବିକଳରେ ଡାକିଲେ " ହନୁମାନ! ସୁଷେଣ ଯାହା କହୁଛନ୍ତି ତୁମେ ଶୁଣିଛ ? ମୁଁ ଅତି ବିନମ୍ରତାର ସହିତ କହିଲି 'ପ୍ରଭୁ ! ମୁଁ ସବୁ ଶୁଣିଛି, ଆପଣ ମୋତେ ଡାକି ନିର୍ଦ୍ଦେଶ ଦେଇନଥିଲେ ବି ମୁଁ ପ୍ରସ୍ତୁତ ହୋଇସାରିଛି ଗନ୍ଧମାର୍ଦ୍ଦନ ପର୍ବତ ମଧ୍ୟରୁ ବିଶଲ୍ୟକରଣୀ ଆଣି ଆଜି ରାତିକ ମଧ୍ୟରେ ଆସି ସୁଷେଣଙ୍କ ନିକଟରେ ପହଞ୍ଚିବି। ମୋତେ ଆଜ୍ଞା ଦିଅନ୍ତୁ।' ଶ୍ରୀରାମ ମୋତେ ପାଚାରିଲେ ' ଏହାକ'ଣ ସମ୍ଭବ ହନୁମାନ ? ମୁଁ କହିଲି ' ହେ ପ୍ରଭୁ! ଆପଣ ହେଉଛନ୍ତି ମୋ ଜୀବନ। ଆପଣଙ୍କ ନାମକୁ ଯେଉଁଠି ଉଚ୍ଚାରଣ କରି ସାତସମୁଦ୍ର ଲଙ୍ଘନ କରି ଏହି ଲଙ୍କାରେ ଅବତରଣ କରି ବିଶାଳ ସ୍ୱର୍ଣ୍ଣିମ ଲଙ୍କାକୁ ଅଗ୍ନିଶିଖାରେ ଲୀନ କରିଦେଲି, କେବଳ ସେତିକି ନୁହେଁ ଆପଣଙ୍କ ନାମଧରି କେତେ କେତେ ଭୟଙ୍କର ଦୁଷ୍ଟ ରାକ୍ଷସମାନଙ୍କୁ ନିପାତ କରି ସାରିଲେଣି, ଆଉ ଏଇ ସାମାନ୍ୟ କର୍ତ୍ତବ୍ୟ କ'ଣ ପାଳନ କରି ପାରିବ ନାହିଁ ? ଏ କର୍ତ୍ତବ୍ୟ ମୋ ପାଇଁ ଅତ୍ୟନ୍ତ ସହଜ, ଆଉ ଗୋଟିଏ ମୁହୂର୍ତ୍ତ ବିଳମ୍ବ ନକରି ମୋତେ ଅନୁମତି ପ୍ରଦାନ କରନ୍ତୁ ପ୍ରଭୁ, ଆଉ ମୋ ଉପରେ ଏକନିଷ୍ଠ ଭାବେ ପ୍ରଗାଢ ବିଶ୍ୱାସ ରଖନ୍ତୁ ମୁଁ ନିଶ୍ଚୟ ଗୋଟିଏ ରାତି ମଧ୍ୟରେ ବିଶଲ୍ୟକରଣୀ ଆଣି ବୈଦ୍ୟରାଜ ସୁଷେଣଙ୍କ ହାତରେ ପ୍ରଦାନ କରିବି। ଏହା ତ୍ରିବାର ସତ୍ୟ। ଆପଣଙ୍କ ଆଖିରୁ ବହି ଯାଉଥିବା ଅଜସ୍ର ଅଶ୍ରୁଧାରା ମୋତେ ବେଳକୁ ବେଳ ଭୀଷଣ କଷ୍ଟ ଦେଲାଣି। ଆପଣ ଲକ୍ଷ୍ମଣଙ୍କ ମସ୍ତକକୁ ନିଜ କୋଳରେ ଧରି ବସିଥାନ୍ତୁ। ଆଉ ଆଖିରୁ ଲୁହ ଗଡାନ୍ତୁ ନାହିଁ। ମୁଁ ସବୁ ସହି ପାରେ ପ୍ରଭୁ, କିନ୍ତୁ ଆପଣଙ୍କ ଆଖିରୁ ଯଦି ଆଉ ଗୋଟିଏ ବିନ୍ଦୁ ଲୁହ ନିର୍ଗତ ହୁଏ, ତାହା ଦେଖି ମୁଁ ବଞ୍ଚି ପାରିବିନି। ସାଗରରେ ଡେଇଁ ଆତ୍ମହତ୍ୟା କରିଦେବି। ଏତକ ଶୁଣିବା ପରେ ଶ୍ରୀରାମ ମୋତେ କହିଲେ " ହନୁମାନ ତୁମେ ଏହି ମୁହୂର୍ତ୍ତରେ ଗନ୍ଧମାର୍ଦ୍ଦନ ଯାତ୍ରାକର।' ମୁଁ ସଙ୍ଗେ ସଙ୍ଗେ ଜୟଶ୍ରୀରାମ ଉଚ୍ଚାରଣ କରି ଆକଶର ଉର୍ଦ୍ଧ୍ୱମାଗକୁ ଉଠିଲି ଉଡ଼ିଯିବା ପାଇଁ। ମୋ ଭିତରେ ଏତେ ମହାଶକ୍ତି ଆସିଗଲା ଯେ ମୁଁ ଯେପରି ଏ ସାରା ବ୍ରହ୍ମାଣ୍ଡକୁ ଗୋଟିଏ ମୁହୂର୍ତ୍ତ ମଧ୍ୟରେ ପ୍ରଦକ୍ଷିଣ କରିଦେବି। ମୁଁ ଉର୍ଦ୍ଧ୍ୱବାହୁ ଉତ୍ତୋଳନ କରି ଉଡି ଚାଲିଲି ଆକାଶ ମାର୍ଗରେ। ପୃଥିବୀଟା ଘନ ଅନ୍ଧାର ମଧ୍ୟରେ ଶୟନ କରିଥାଏ। କେଉଁଠି ରାତ୍ରୀଚର ପଶୁ ପକ୍ଷୀଙ୍କର ବିକଟ ଶବ୍ଦ ଶୁଭୁଥାଏ ତ ଆଉ କେଉଁଠି ପିଶାଚ, ପିଶାଚି, ନିଶାଚରୀମାନଙ୍କର ଉଦ୍ଦଣ୍ଡ ନୃତ୍ୟ ସବୁ ଦୃଷ୍ଟିକୁ ଆସୁଥାଏ। ଚାରିଆଡେ ନିଘୋଡ ଅନ୍ଧକାର। ମନରେ ମୋର ଭୟର ଲେଶମାତ୍ର ଚିହ୍ନ ନାହିଁ। ମୋ ମୁଖରୁ ଅବିଚଳିତ ଭାବରେ ବାହାରି ଚାଲିଥିବା ରାମନାମ ଶବ୍ଦରେ ପ୍ରତିଧ୍ୱନିତ ହୋଇଚାଲିଥାଏ ମହାକାଶର ଦିଗ ବିସ୍ତାରି ଦିଗବଳୟରେ। ମାତ୍ର କିଛି ସମୟ ମଧ୍ୟରେ ଗନ୍ଧମାର୍ଦ୍ଦନ ପର୍ବତର ଅଗ୍ରଭାଗ ମୋତେ ଦୃଶ୍ୟମାନ ହେଲା। ଏହାର ଆୟତନ ଓ ଭୌଗଳିକ ଅବସ୍ଥିତ ସଂପର୍କରେ ଅବଗତ ହୋଇଥିଲି, କିନ୍ତୁ ବିଶଲ୍ୟକରଣୀକୁ ଚିହ୍ନିବି କେମିତି ଏ ନିବିଡ ଅନ୍ଧାରରେ ? ବିଶଲ୍ୟକରଣୀ ଉଦ୍ଭିଦକୁ ମୁଁ ଚିହ୍ନିଛି କିନ୍ତୁ ପର୍ବତ ଉପରେ ଏହାକୁ ଖୋଜି ଖୋଜି ନିରୂପଣ କରି ନେଇ ପହଞ୍ଚିଲା ବେଳକୁ ଲକ୍ଷ୍ମଣ ଆଉ ଜୀବିତ ଥିବେ, ଏଥିରେ ସନ୍ଦେହ ନାହିଁ। ଏହି କଥା ଚିନ୍ତା କରି ପର୍ବତ ଉପରେ ଛିଡା ହୋଇ ଭାବିନେଲି ଯେ ପର୍ବତର ଯେଉଁ ପାର୍ଶ୍ୱରେ ବିଶଲ୍ୟ କରଣୀ ଗୁଳ୍ମ ଦେଖାଯାଏ ସେହି ଅଂଶଟିକୁ ନେଇଯିବା ପାଇଁ ଶ୍ରୀରାମଙ୍କ ନାମକୁ ସ୍ମରଣ କରି ଚାଲିଥାଏ ଠିକ୍ ସେହି ସମୟରେ ବିଶଲ୍ୟକରଣୀର ଉଦ୍ଭିଦ ଦୃଶ୍ୟମାନ ହେଲା। ପୁନର୍ବାର ଭାବିଲି ଯଦି ଗୁଳ୍ମକୁ ନେଇ ଲଙ୍କାରେ ପହଞ୍ଚିବା ପରେ ବୈଦ୍ୟରାଜ ସୁଷେଣ କହିଦେବେ ଯେ ହନୁମାନ ! ଏ ବିଶଲ୍ୟକରଣୀ ଗୁଳ୍ମ ନୁହେଁ, ତୁମର ଏ ପ୍ରାଣମୂର୍ଚ୍ଛା। ଉଦ୍ୟମ ବୃଥା ହୋଇଗଲା।

ଏହାପରେ ମୋର ମାନସିକ ଶାରିରୀକ ଅବସ୍ଥା ଯାହା ତ ହେବା କଥା ହେବ, କିନ୍ତୁ ମୋର ପ୍ରାଣ ପ୍ରିୟ ଲକ୍ଷ୍ମଣଙ୍କର ପ୍ରାଣ ଛାଡ଼ିଯିବ। (କ୍ରମଶଃ)

# କେତେ ଦରମା ଆଶା କରୁଛନ୍ତି ?



ଡ. ଗଣେଶ ଚନ୍ଦ୍ର କୁଣ୍ଡ
ପଟାମୁଣ୍ଡାଇ, କେନ୍ଦ୍ରାପଡା
ମୋ : ୯୯୩୮୦୬୦୮୮୬

ଆମ ଗାଁ ନଟବାବୁ ଏକ କେୟାରଟେକର ପଦବୀ ପାଇଁ ଇଣ୍ଟରଭିଉ ଦେବାକୁ ଯାଇଥିଲେ। ସଂସ୍ଥାର ନିଯୁକ୍ତିଦାତା କିଛି ପ୍ରଶ୍ନ ପଚାରିଲେ ଯେମିତିକି ଆପଣ ଆଗରୁ ଯେଉଁ କମ୍ପାନୀରେ କାର୍ଯ୍ୟ କରୁଥିଲେ, ସେ କମ୍ପାନୀ ଛାଡିବାର କାରଣ କ'ଣ ? ଆମ ସଂସ୍ଥା ବିଷୟରେ ଆପଣ କ'ଣ ଜାଣିଛନ୍ତି ? ଆମ ସଂସ୍ଥାରେ କାର୍ଯ୍ୟ କରିବାକୁ ଆପଣ କାହିଁକି ଆଗ୍ରହୀ ? ଆମ ସଂସ୍ଥାରେ ଯଦି ଆପଣଙ୍କୁ କେୟାରଟେକର ଭାବରେ ନିଯୁକ୍ତି ଦିଆଯାଏ, ତେବେ ଆପଣଙ୍କୁ କ'ଣ କ'ଣ ସବୁ କାମ କରିବାକୁ ହେବ? ଏମିତି ଅନେକ ଗୁଡିକ ପ୍ରଶ୍ନ ନଟବାବୁଙ୍କୁ ସାମ୍ନା କରିବାକୁ ପଡିଥିଲା। ତା'ପରେ ନିଯୁକ୍ତିଦାତାଙ୍କ ଶେଷ ପ୍ରଶ୍ନ ଥିଲା ଆପଣ କେତେ ଦରମା ଆଶା କରୁଛନ୍ତି ? ନଟ ବାବୁ କହିଲେ, ଆଜ୍ଞା ଟଙ୍କା ନେବାକୁ କିଏ ଭଲ ନ ପାଏ ? ମୁଁ କ'ଣ କହିବି ଆଜ୍ଞା, ଆପଣ କୁହନ୍ତୁ ? ନିଯୁକ୍ତିଦାତା କହିଲେ ସେମିତି କହିଲେ ହେବ ନାହିଁ, ଆପଣ କୁହନ୍ତୁ? ନଟବାବୁ ଏତେ ଶୀଘ୍ର ଉପଯୁକ୍ତ ନିଷ୍ପତ୍ତି ନ ନେଇ ମନକୁ ଯାହା ଆସିଲା କହିଦେଲେ। ନିଯୁକ୍ତିଦାତା ଖୁସି ହୋଇ କହିଲେ ଠିକ୍ ଅଛି ଆପଣ କାଲି ଠାରୁ ଆସି କାମରେ ଯୋଗ ଦିଅନ୍ତୁ । ନଟବାବୁ ମଧ୍ୟ ଖୁସି ହୋଇଗଲେ ଯାହା ହେଉ ମୁଁ ଯେତିକି ଦରମା କହିଲି ନିଯୁକ୍ତିଦାତା ମୋ କଥାରେ ରାଜି ହୋଇଗଲେ । କିନ୍ତୁ କିଛି ସମୟ ପରେ ନଟବାବୁଙ୍କ ଚିନ୍ତା ଆସିଲା ଯେ ନିଯୁକ୍ତିଦାତା ଯଦି ବିନା ଦ୍ୱିଧାରେ ମୋ କଥାରେ ରାଜି ହେଲେ, ମୁଁ ଯଦି ଆଉ କିଛି ଅଧିକ ଟଙ୍କା କହିଥାନ୍ତି ତେବେ ସେ ମଧ୍ୟ ରାଜି ହୋଇଥାନ୍ତେ, ମୁଁ କେଡେ ବଡ ଭୁଲ ନିଷ୍ପତ୍ତି ନେଲି ।

ଦିନକ ପରେ ନଟବାବୁ କାମରେ ଯୋଗ ଦେଲେ । କିନ୍ତୁ ତାଙ୍କ ମନରେ ଚିନ୍ତା ଥାଏ ଯେ ମାସିକ ଦରମା କମ୍ ହୋଇଗଲା, ଆଉ କିଛି ଟଙ୍କା କହିଥିଲେ ଭଲ ହୋଇଥାନ୍ତା । ଏମିତି ଭାବି ଭାବି ନଟବାବୁଙ୍କର ଆଉ କାମରେ ମନ ଲାଗିଲା ନାହିଁ । ଦିନକୁ ଦିନ ନିଯୁକ୍ତିଦାତା ଏକାଧିକ କାର୍ଯ୍ୟରେ ନଟବାବୁଙ୍କୁ ନିୟୋଜିତ କଲେ । ନଟବାବୁ ଭାବିଲେ ଟଙ୍କା କମ୍‌କୁ କାମ ଅଧିକ। କିଛି ମାସ ପରେ ସେ ନିଯୁକ୍ତିଦାତାଙ୍କୁ କହିଲେ ଆଜ୍ଞା ମୋର ଗୋଟାଏ ଅନୁରୋଧ ରଖିବେ ? ନିଯୁକ୍ତିଦାତା କହିଲେ କ'ଣ ପାଇଁ ଅନୁରୋଧ କରୁଛନ୍ତି ? ନଟବାବୁ କହିଲେ ଭବିଷ୍ୟତରେ ଯଦି କାହାକୁ ଚାକିରି ଦେବେ, ତେବେ ତା' ଯୋଗ୍ୟତା ଓ କାମକୁ ସମ୍ମାନ ଦେଇ ଆପଣ ତା' ପାଇଁ ଦରମା ଠିକ୍ କରିଦେବେ । ଦରମା କେତେ ହେଲେ ଚଳିବ ? କେତେ ଦରମା ଆଶା କରୁଛନ୍ତି ? ସେକଥା ତାଙ୍କୁ ପଚାରିବେ ନାହିଁ । ନିଯୁକ୍ତିଦାତା କହିଲେ ଏମିତି କହିବାର କାରଣ କ'ଣ ? ନଟ ବାବୁ କହିଲେ ମୁଁ ଭାବିଥିଲି ଆପଣ ଦରମା ସ୍ଥିର କରିଥିବେ । କିନ୍ତୁ ଆପଣ ମୋତେ ପଚାରିଲେ, ହଠାତ ମୋ ମୁଣ୍ଡକୁ ଯାହା ଆସିଲା କହିଦେଲି । ଆପଣ ମଧ୍ୟ ରାଜି ହୋଇଗଲେ। ତା'ପରେ ମୋର ଚିନ୍ତା ବଢ଼ିଲା, କମ୍ ଦରମାକୁ କାମ ଅଧିକ ଯାହାଫଳରେ ମୋର କାମ କରିବାକୁ ଆଗ୍ରହ କମିଗଲା । ଏତେ କମ୍ ଦରମାରେ ପରିବାର ଚଳେଇବା ସମ୍ଭବ ହେଉ ନାହିଁ । ଧର୍ମପତ୍ନୀ ଥରେ ମୋତେ କହିଲେ ନିଜ ଘରେ ବାପା ମା', ସ୍ତ୍ରୀ, ପିଲାଛୁଆଙ୍କର ଭଲରେ ଟିକେ କେୟାର ନେଇପାରୁନା, କି କେୟାରଟେକର ହେଇଛ ? ସତରେ ସାର ମୁଁ ଆପଣଙ୍କ ସଂସ୍ଥାର କେୟାର ନେଉ ନେଉ, ମୋର ଆଉ ମୋ ପରିବାରର କେୟାର କଥା ଭୁଲିଗଲିଣି । ନିଯୁକ୍ତିଦାତା କହିଲେ ବୁଝାମଣା ମାଧ୍ୟମରେ ଦରମା ସ୍ଥିର କରିବା କିଛି ଖରାପ କଥା ନୁହେଁ । କାମ ଦେବା ଲୋକ ଓ କାମ କରିବା ଲୋକ ଦୁଇ ଜଣ ଆଲୋଚନା ମାଧ୍ୟମରେ ଦରମା ସ୍ଥିର କରିବା ଦ୍ୱାରା ଉଭୟଙ୍କୁ ଲାଭ ମିଳିଥାଏ । ଆଜିକାଲି ଏମିତି ପଚରାଯାଉଛି, ତେଣୁ ପଚାରିଥିଲି କେତେ ଦରମା ଆଶା କରୁଛନ୍ତି ? ବୁଝିଲେ ନଟବାବୁ ଆପଣ ମଧ୍ୟ ନିଜକୁ ପ୍ରସ୍ତୁତ କରି ସାକ୍ଷାତକାରକୁ ଆସିବାର ଥିଲା ଯେ ଏହି ପଦବୀର କାର୍ଯ୍ୟ ପାଇଁ କେତେ ଦରମା ଯୁକ୍ତିଯୁକ୍ତ ?

କେତେକ କ୍ଷେତ୍ରରେ ଭିନ୍ନ ଭିନ୍ନ ପଦବୀ ପାଇଁ ବୁଝାମଣା ମାଧ୍ୟମରେ ଦରମା ସ୍ଥିର କରାଯାଇ ନିଯୁକ୍ତି ଦିଆଯାଇଥାଏ। ଦରମା ବୁଝାମଣା ହେଉଛି ଏକ ପ୍ରକ୍ରିୟା ଯାହାକି ଦରମା ଓ ଅନ୍ୟାନ ସୁବିଧା ସୁଯୋଗ ଉପରେ ଆଲୋଚନା କରାଯାଇ ନିଯୁକ୍ତିଦାତା ଓ ନିଯୁକ୍ତି ପାଇବାକୁ ଇଚ୍ଛୁକ ପ୍ରାର୍ଥୀଙ୍କ ମଧ୍ୟରେ ଏକ ଚୁକ୍ତି ହୋଇଥାଏ । ଆଶା କରୁଥିବା ବେତନ ନିଜର ଯୋଗ୍ୟତା, ଅଭିଜ୍ଞତା, ଦକ୍ଷତା ଏବଂ କମ୍ପାନୀର ଲାଭ କ୍ଷତି ଓ ଆକାର ଉପରେ ନିର୍ଭର କରିଥାଏ । ମାର୍କେଟିଙ୍ଗ ଯୁଗରେ ଜଣେ ପ୍ରାର୍ଥୀ ନିଜର ଦକ୍ଷତା ଓ ସେବାକୁ ଯେତେ ପ୍ରମାଣିତ କରିଥାନ୍ତି, ମାର୍କେଟରେ ତାଙ୍କର ଚାହିଦା ସେହି ପରିମାଣରେ ବୃଦ୍ଧି ପାଇଥାଏ। ଜଣେ ପ୍ରାର୍ଥୀ ପଦବୀଟି ପାଇଁ କେତେ ଯୋଗ୍ୟ ଓ ମୂଲ୍ୟବାନ ଦର୍ଶାଇବାକୁ ପଡିଥାଏ ଓ ସେହି ଅନୁସାରେ ଆଶା କାରୁଥିବା ଦରମା ଉପସ୍ଥାପିତ କରିଥାନ୍ତି । ଯେତେବେଳେ ଦରମା ଉଭୟ ପକ୍ଷଙ୍କୁ ଗ୍ରହଣଯୋଗ୍ୟ ହୋଇଥାଏ ତାପରେ ପ୍ରାର୍ଥୀ ଜଣକ କାର୍ଯ୍ୟରେ ଯୋଗ ଦେଇଥାଏ। ବୁଝାମଣା କିମ୍ବା ଇଣ୍ଟରଭିଉ ପୂର୍ବରୁ ପ୍ରାର୍ଥୀ ନିଜକୁ ପ୍ରସ୍ତୁତ କରିବା ସହିତ ଅନେକ ଗୁଡିଏ ଦିଗ ପ୍ରତି ଧ୍ୟାନ ଦେବା ଆବଶ୍ୟକ ଯାହା ଫଳରେ ନିଯୁକ୍ତିଦାତାଙ୍କ ସମ୍ମୁଖରେ ଯୁକ୍ତିଯୁକ୍ତ ଦରମା ଉପସ୍ଥାପିତ କରିପାରିବେ। ଯେମିତିକି ଭୌଗଳିକ ଦୃଷ୍ଟିକୋଣରୁ ବିଚାର କଲେ ଜଣେ କର୍ମଚାରୀ ଛୋଟ ସହରରେ ରହିଲେ ଯେତିକି ଖର୍ଚ୍ଚ କରିବାକୁ ପଡେ, ବଡ ସହରରେ ରହିଲେ ଅଧିକ ଖର୍ଚ୍ଚ ହୋଇଥାଏ । ସେହି ପଦବୀ ପାଇଁ ଜାତୀୟ ହାରାହାରି ଦରମା ଓ ସମାନ ପଦବୀ ପାଇଁ ଅନ୍ୟ କମ୍ପାନୀ କର୍ମଚାରୀଙ୍କୁ କେତେ ଦରମା ଦିଅନ୍ତି ? ନିଯୁକ୍ତିଦାତା ଦେଉଥିବା ଦରମାଠାରୁ ଜାଣେ ପ୍ରାର୍ଥୀ ଅଧିକ ବେତନ ପାଇବାକୁ କାହିଁକି ଇଚ୍ଛା କରୁଛନ୍ତି ? ଜଣେ ପ୍ରାର୍ଥୀ ନିଯୁକ୍ତିଦାତାଙ୍କୁ କେତେ ମୂଲ୍ୟ ଦେଇପାରିବେ ଏହା ଗୁରୁତ୍ୱପୂର୍ଣ୍ଣ ଅଟେ । ଏମିତିବି ହୋଇପାରେ କେତେକ କ୍ଷେତ୍ରରେ ନିଯୁକ୍ତିଦାତା ପ୍ରାର୍ଥୀ ଚାହୁଁଥିବା ବେତନ ରାଶି ପ୍ରଦାନ କରିବାରେ ଅସମର୍ଥ ହୋଇପାରନ୍ତି କିନ୍ତୁ ଅନ୍ୟାନ୍ୟ ସୁବିଧା ସୁଯୋଗ ପ୍ରଦାନ କରିବାକୁ ସମର୍ଥ ହୋଇପାରନ୍ତି । ଆଜିକାଲି ଫୋନ୍, ଇମେଲ, ଭିଡିଓ କଲ୍ ମାଧ୍ୟମରେ ମଧ୍ୟ ନିଯୁକ୍ତିକାରୀ ସଂସ୍ଥା କିମ୍ବା ନିଯୁକ୍ତି ପରିଚାଳକଙ୍କ ସହିତ ଆଲୋଚନା କରାଯାଇ ବୁଝାମଣା କରାଯାଇଥାଏ। ବୁଝାମଣା କିମ୍ବା ଇଣ୍ଟରଭିଉ ସମୟରେ ପ୍ରାର୍ଥୀ ଜଣକ ନକାରାତ୍ମକ ପ୍ରତିକ୍ରିୟା ନଦେଇ ଆତ୍ମବିଶ୍ୱାସ, ଶାନ୍ତ, ସମ୍ମାନଜନକ ଓ ସ୍ୱଚ୍ଛ ହେବା ଦରକାର ଯାହାଫଳରେ ନିଯୁକ୍ତି ଦାତାଙ୍କର ଏକ ଭଲ ଧାରଣା ସୃଷ୍ଟି ହୋଇଥାଏ ।

# ଜଙ୍ଗଲ ସୁରକ୍ଷା ଜୀବନ ରକ୍ଷା



ଉମାଶଙ୍କର ପ୍ରସାଦ
ଖୋର୍ଦ୍ଧା।
ମୋ-୬୩୭୦୬ ୭୫୫୬୨

ସାଧାରଣ ଭାବେ ପ୍ରକୃତି ଆମର ବନ୍ଧୁ ବା ଜଙ୍ଗଲ ଆମର ଜୀବନ ଖାଲି ଏହିପରି ଭାଷଣବାଜି ଦେଇ ଖୁସୀ ପାଇବାର ବେଳ ଆଜି ନାହିଁ। ଜୀବନ ସଙ୍ଗେ ବୃକ୍ଷର ଯେଉଁ ସମ୍ପର୍କ ତା'ର ତତ୍ତ୍ୱ ବୁଝି ସେଥିପ୍ରତି ଗୁରୁ ଦାୟିତ୍ୱ ବହନ କରି ପାରିଲେ ମାନବ ସଭ୍ୟତା ଏ ଧରା ପୃଷ୍ଠରେ ହସି ଉଠିବ। ପ୍ରକୃତରେ ବିଚାରକୁ ନେଲେ ଏହା ସ୍ପଷ୍ଟ ଅନୁମେୟ ହୁଏ ଯେ ମାନବ ସଭ୍ୟତାକୁ ବଞ୍ଚାଇ ରଖିବାରେ ଜଙ୍ଗଲ ପ୍ରମୁଖ ଭୂମିକା ନିର୍ବାହ କରୁଥିବାରୁ ଏହାର ସୁରକ୍ଷା ଦିଗରେ ପ୍ରାଧାନ୍ୟ ଦେବାର ସମୟ ଉପଗତ। କିନ୍ତୁ ଅତୀତରୁ ଏଯାବତ ଆମେ ଅନେକ ପରିସ୍ଥିତିକୁ ସମ୍ମୁଖୀନ କରି ଆସିଛେ ତାହାର ଏକ ସଂକ୍ଷିପ୍ତ ଆଲୋଚନା କରିବା। ୧୯୬୦ ଦଶକରେ ଯେତେବେଳେ ଯୁକ୍ତରାଷ୍ଟ୍ର ଆମେରିକା ବ୍ୟାପକ ଶିଳ୍ପାୟନ ଆରମ୍ଭ କଲା ସେତେବେଳେ ପରିବେଶ ତାର ସନ୍ତୁଳନ ହରାଇବାକୁ ଲାଗିଲା। ଆମ ବାୟୁ ମଣ୍ଡଳରେ ୩୫୦ ପିପିଏମ୍ ଅଙ୍ଗାରକାମ୍ଳ ବାଷ୍ପ ନିରାପଦ ସୀମା ବୋଲି ଧାର୍ଯ୍ୟ କରାଯାଇଛି କିନ୍ତୁ ଏବେ ତାହା ୪୦୦ ପିପିଏମ୍‌ରୁ ଉର୍ଦ୍ଧ୍ୱକୁ ଅତିକ୍ରମ କରିବାକୁ ଲାଗିଲାଣି। ଅଙ୍ଗାରକାମ୍ଳ ବାଷ୍ପର ପରିମାଣ ଅତ୍ୟଧିକ ଜୀବନ ପାଇଁ ନିରାପଦ ନୁହେଁ। କେବଳ ଶିଳ୍ପ କ୍ଷେତ୍ରର କଳ କାରଖାନାରୁ ଜାତ ଧୂଆଁ ବା ବାଷ୍ପରୁ ଯେ ଅଙ୍ଗାରକାମ୍ଳ ବାଷ୍ପ ସୃଷ୍ଟି ହେଉଛି ତାହା ନୁହେଁ, ମହାସମୁଦ୍ରର ମନ୍ଦ ପ୍ରଭାବ ଯୋଗୁ ମଧ୍ୟ ଏହାର ସୃଷ୍ଟି। ନିକଟ ଅତୀତରେ ଏକ ସର୍ଭେରୁ ଜଣାପଡିଛି ଯେ ପ୍ରଶାନ୍ତ ମହାସାଗରରୁ ଯେଉଁ ଏଲ୍‌ନିନୋ ସୃଷ୍ଟି ହେଉଛି ସେଥିରୁ ମଧ୍ୟ ଅଙ୍ଗାରକାମ୍ଳ ବାଷ୍ପ ବଢି ଚାଲିଛି। ଯଦି ଏପରି ହୁଏ ତେବେ ପୃଥିବୀ ପୃଷ୍ଠରେ ତାପମାତ୍ରାର ବୃଦ୍ଧିକୁ କେହି ଅଟକାଇ ପାରିବେ ନାହିଁ। ୧୯୯୦ ରୁ ୧୯୯୯ ମସିହା ମଧ୍ୟରେ ଅଙ୍ଗାରକାମ୍ଳ ସ୍ଫୁରଣର ମାତ୍ରା ଶତକଡା ୦.୮କୁ ବୃଦ୍ଧି ପାଇଥିଲା। ତାହା ୨୦୦୦ ରୁ ୨୦୧୦ ବେଳକୁ ୫.୩ କୁ ବୃଦ୍ଧି ପାଇ ମାନବ ସମାଜରେ ଉଦ୍‌ବେଗ ସୃଷ୍ଟି କଲା। ଏହାର କାରଣ କେବଳ ମାତ୍ର ଜଙ୍ଗଲ କ୍ଷୟ। ସମଗ୍ର ପୃଥିବୀରେ ପ୍ରତିବର୍ଷ ୧୨୦ ଲକ୍ଷ ହେକ୍ଟର ଜଙ୍ଗଲ କ୍ଷୟ ହୋଇ ଚାଲିଛି ବୋଲି ଜଙ୍ଗଲ ବିଭାଗର ଏକ ରିପୋର୍ଟରୁ ପ୍ରକାଶ। 'ଫଳରେ ବାର୍ଷିକ ୧୦୦ କୋଟିରୁ ୨୬୦ କୋଟି ଟନ୍ ଅଙ୍ଗାରକାମ୍ଳ ବାୟୁମଣ୍ଡଳରେ ପଶିବାକୁ ସମର୍ଥ ହେଉଛି।

ଆମ ରାଜ୍ୟକୁ ନେଇ ଜଙ୍ଗଲ, ପରିବେଶ ଓ ତା'ର ପରିଣତି ବିଷୟରେ ଏବେ ଚିନ୍ତା କରାଯାଉ। ଯଦି ଅତୀତ ପୃଷ୍ଠାକୁ ଆମେ ଓଲଟାଇବା ତେବେ ୧୯୯୮ ମସିହାରେ ଅଂଶୁଘାତ, ୧୯୯୯ ମସିହାରେ ମହାବାତ୍ୟା, ୨୦୦୦ରେ ମରୁଡି ଏବଂ ଏହାର ପରବର୍ତ୍ତୀ କାଳରେ ପ୍ରଳୟଙ୍କରୀ ବନ୍ୟାଠାରୁ ଆରମ୍ଭ କରି ଫାଇଲିନ୍, ହୁଡହୁଡ ଆଦି ଯେତେ ଯାହା ପ୍ରାକୃତିକ ବିପର୍ଯ୍ୟୟ ଘଟି ଯାଇଛି ସବୁଥିରେ ଓଡ଼ିଶା ବାସୀ ମୃତ୍ୟୁଠାରୁ ଆରମ୍ଭ କରି ମୃତ ପ୍ରାୟ ଦୁର୍ଦ୍ଦଶାକୁ ଅଙ୍ଗେ ଲିଭାଇ ଚାଲିଛନ୍ତି। ୨୦୧୬ ମସିହାରେ ରାଜ୍ୟର ତାପମାତ୍ରାର ପରିମାଣ ଏବଂ ତାର ପରିଣତିରେ ଅଂଶୁଘାତ ଜନିତ ମୃତ୍ୟୁ ଯେଉଁ ହାରରେ ଘଟି ଚାଲିଲା ତାହା ପରୋକ୍ଷରେ ସ୍ମାର୍ଟ ସହର ଭୁବନେଶ୍ୱର ପାଇଁ ଏକ ଉତ୍ତେଜିତ ଉପହାସ କହିଲେ ଭୁଲ ହେବ ନାହିଁ। ବର୍ତ୍ତମାନ ରାଜ୍ୟର ଅନେକ ସହରର ତାପମାତ୍ରା ୪୦ ଡିଗ୍ରୀରୁ ଉର୍ଦ୍ଧ୍ୱରେ ରହୁଛି। ସାଧାରଣତଃ ଆମ ରାଜ୍ୟରେ ୧୪୮୨.୨ ମି.ମି. ବର୍ଷା ହୁଏ। ବିଗତ ୨୦ ବର୍ଷ ମଧ୍ୟରେ ଏପରିକି ଏହି ୧୦ ବର୍ଷ ମଧ୍ୟରେ ବର୍ଷାର ହିସାବକୁ ଆମେ ଯଦି ହାରାହାରି କ୍ରମରେ ଗ୍ରହଣ କରିବା ତେବେ ଆମେ ଯଥାକ୍ରମେ ୧୩୯୪.୯ ଏବଂ ୧୩୭୫ ମି.ମି. ବର୍ଷା ହୋଇଥିଲା ବୋଲି ଜାଣି ପାରିବା। ବର୍ତ୍ତମାନ ଏହାର ହାର କ୍ରମଶଃ ହ୍ରାସ ପାଉଛି। ବର୍ତ୍ତମାନ ଜଳ ବିନା ଲୋକ ବଞ୍ଚିବେ କିପରି ସେଇ ଚିନ୍ତା। ଏହାର କାରଣ ଜଙ୍ଗଲ କ୍ଷୟ ବା ଉଦ୍ଭିଦ ଧ୍ୱଂସ। ନିକଟରେ ହୋଇଥିବା ଏକ ସର୍ଭେରୁ ଜଣାପଡେ ରାଜ୍ୟରେ ୪୮,୫୫୫ ବର୍ଗ କିଲୋମିଟର ଜଙ୍ଗଲ ରହିଛି। ସେଥିରୁ ୭,୦୭୩ କି.ମି ଘଞ୍ଚ ଜଙ୍ଗଲ, ଅବଶିଷ୍ଟାଂଶ ସାଧାରଣ ଓ ମାମୁଲି ଜଙ୍ଗଲ ଅନ୍ତର୍ଭୁକ୍ତ ଅଟେ। ଭୌଗଳିକ ପରିସୀମା ଦୃଷ୍ଟିରୁ ରାଜ୍ୟରେ ୩୧.୩୮ ପ୍ରତିଶତ ସବୁଜ ବଳୟ ରହିଛି ଯହିଁରୁ ୫.୩୬ ପ୍ରତିଶତ ଜଙ୍ଗଲକୁ ସରକାର ସଂରକ୍ଷିତ ଭାବେ ଘୋଷଣା କରିଛନ୍ତି। ଏହି ଜଙ୍ଗଲ ପରିସର ବ୍ୟତିତ ଅନ୍ୟାନ୍ୟ ସ୍ଥାନରେ ୨.୮୫ ପ୍ରତିଶତ ବୃକ୍ଷଲତା ରହିଛି। ଜଙ୍ଗଲ ଓ ପରିବେଶ ବିଭାଗର ତଥ୍ୟ ଆଧାରରେ ୧୯୮୦ ମସିହାରୁ ୨୦୧୨ ମସିହା ମଧ୍ୟରେ ଯେତେ ଜଙ୍ଗଲ ଜମିକୁ ନଷ୍ଟ କରାଯାଇଛି ତାହାର ପରିମାଣ ୩,୯୭, ୨୧,୧୦୩ ହେକ୍ଟର ଜଙ୍ଗଲ ଜମି। ପୁଣି ୪୨,୩୭, ୧୮୬ ହେକ୍ଟର ଜଙ୍ଗଲ ଜମିକୁ ଆଜି ପର୍ଯ୍ୟନ୍ତ ବିଭିନ୍ନ ଉଦ୍ଦେଶ୍ୟରେ ବ୍ୟବହାର କରହୋଇ ନଷ୍ଟ କରାଯାଇଛି। ୨୦୧୧ ମସିହାରୁ ୨୦୧୫ ମସିହା ମଧ୍ୟରେ ବିଭିନ୍ନ ସମୟରେ ବିଭିନ୍ନ ଜଙ୍ଗଲରେ ଅଗ୍ନିକାଣ୍ଡ ଘଟି ବହୁ ଜଙ୍ଗଲ ଜଳି ଯାଇଛି। ଅବଶ୍ୟ ସେହି ପାଞ୍ଚ ବର୍ଷ ମଧ୍ୟରେ ବହୁ ଲୋକଙ୍କୁ ୫୫କୋଟି ୧୫ ଲକ୍ଷ ୬ ହଜାର ବୃକ୍ଷ ମାଗଣାରେ ବଣ୍ଟାଯାଇଛି ବୋଲି ସରକାରୀ ଆକଳନ କହେ। ୨୦୨୧ ମସିହାରେ ଭାରତର ୫ଟି ରାଜ୍ୟ ଯାହା ହେଲା ପଞ୍ଜାବ ରେ ୧,୭୭,୦୦୦ ହେକ୍ଟର ଜଙ୍ଗଲରେ ଅଗ୍ନି କାଣ୍ଡ ଘଟିଥିଲା ଯାହା ଥିଲା ମନୁଷ୍ୟ କୃତ। ସେହିପରି ମଧ୍ୟପ୍ରଦେଶ ରେ ୧,୪୩,୯୨୩ ହେକ୍ଟର ଜଙ୍ଗଲରେ ଅଗ୍ନିକାଣ୍ଡ ଘଟିଛି। ଓଡିଶାରେ ମଧ୍ୟ ୧,୦୩,୯୧୯ ହେକ୍ଟର ଜଙ୍ଗଲରେ ମଧ୍ୟ ଅଗ୍ନି କାଣ୍ଡ ଘଟିଛି, ଛତିଶଗଡରେ ମଧ୍ୟ ୮୭,୪୩୭ ହେକ୍ଟର ଜଙ୍ଗଲରେ ଅଗ୍ନି କାଣ୍ଡ ଘଟିଛି। ସେହିପରି ମହାରାଷ୍ଟ୍ରରେ ମଧ୍ୟ ୭୫, ୫୪୩ ହେକ୍ଟର ଜଙ୍ଗଲ ରେ ଅଗ୍ନିକାଣ୍ଡ ଘଟିଛି। ଏହି ଜଙ୍ଗଲ ଅଗ୍ନିକାଣ୍ଡ ସାଧାରଣତଃ ମାର୍ଚ୍ଚ ଏପ୍ରିଲ ମାସରେ ଉପରୋକ୍ତ ସ୍ଥାନ ମାନଙ୍କରେ ଘଟିଥାଏ।

ଆମ ରାଜ୍ୟ ଓଡିଶାରେ ଅତୀତ ବର୍ଷ ତୁଳନାରେ ଚଳିତ ବର୍ଷ ଜଙ୍ଗଲରେ ନିଆଁ ଲାଗିବାର ପରିମାଣ କମିଛି। ଚଳିତ ମାସ ୭ ତାରିଖ ସୁଦ୍ଧା ୮ ହଜାର ପଏଣ୍ଟରେ ନିଆଁ ଲାଗିଛି। ସେଥି ମଧ୍ୟରୁ ୯୯.୫ ପ୍ରତିଶତ ଲିଭାଯାଇଛି ବୋଲି ଜଙ୍ଗଲ ବିଭାଗର ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି। କିନ୍ତୁ ଦୁଃଖ ଓ ପରିତାପର ବିଷୟ ଏହି ମାଲକାନାଗିରି ଜିଲା ସମେତ ଅନେକ ଜିଲ୍ଲାର ବିଭିନ୍ନ ଜଙ୍ଗଲରେ ପୋଡୁ ଚାଷ କରା ଯାଇଥାଏ। ସେହି ପୋଡୁ ଚାଷ କରିବା ପାଇଁ ଚାଷୀ ମାନେ ବିଶେଷ କରି ନିଆଁ ଲଗାଇଥାନ୍ତି। ସେହିପରି ଆଦିବାସୀ ସମ୍ପ୍ରଦାୟର ଲୋକମାନେ ମହୁଲ ସଂଗ୍ରହ କରିବା ପାଇଁ ଜଙ୍ଗଲରେ ନିଆଁ ଲଗାଇଥାନ୍ତି। ତେଣୁ ସରକାରଙ୍କର ଜଙ୍ଗଲ ବିଭାଗ ଏହାର ନିରାକରଣ କରିବା ପାଇଁ ବହୁଳ ଜନ ସଚେତନତା କାର୍ଯ୍ୟ କରିବା ଦରକାର। ସବୁଜ ଓଡିଶା ଯୋଜନା ଆନୁକୂଲ୍ୟରେ ୨୦୦୦ ବନ ସୁରକ୍ଷା ସମିତି ମାର୍ଫତରେ ପ୍ରତି ଗ୍ରାମରେ ୫୦ ହେକ୍ଟର ଜମିରେ ବନୀକରଣ ଯୋଜନାର କାର୍ଯ୍ୟ ଚାଲୁରହିଛି। ବୈଜ୍ଞାନିକ ଓ ପରିବେଶବିତ୍‌ମାନେ ସତର୍କ ବାଣୀ ଶୁଣାଇ କହିଚନ୍ତି ବେଳହୁଁ ସାବଧାନ ନରହିଲେ ଜୀବଜଗତ ଧ୍ୱଂସ ପାଇଯିବ। ପରିବେଶ ଓ ଜଳବାୟୁ ଓତଃପ୍ରୋତ ଭାବେ ଜଙ୍ଗଲ ସହିତ ଜଡିତ ହୋଇ ରହିଥିବାରୁ ଏହା ଜୀବନ ପାଇଁ ଯେପରି ଗୁରୁତ୍ୱପୂର୍ଣ୍ଣ ତାର ସୁରକ୍ଷା କରିବା ପ୍ରତ୍ୟେକ ନାଗରିକର ପରମ କର୍ତ୍ତବ୍ୟ ହେବା ଦରକାର, କାରଣ "ଜଙ୍ଗଲ ସୁରକ୍ଷା ଜୀବନ ରକ୍ଷା"।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022 ସମ୍ପାଦକ : ଜୟାଶୀଷ ରାୟ

# କବିତାୟନ

30 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୧୨ ଅପ୍ରେଲ ୨୦୨୪ ଶୁକ୍ରବାର


## ଭାବିଥିଲି ଯିବି ଝରି

ଡ. ଅନିଲ ନନ୍ଦ

ଭାବିଥିଲି ଦିନେ ଝରି ପଡୁଥିବି
 ବନ୍ଧୁର ଶିଳା ଡେଇଁ
ଘଞ୍ଚ ବନାନୀ ଉଲଗ୍ନ ଆକାଶ
 ଅପଲକେ ଥିବେ ଚାହିଁ ।

ଯାଉଥିବି ବହି ଅଧୋମୁଖ ହୋଇ
 ଅଜଣା ରାଇଜ ପଥେ
ନଦୀ ପାରାବାର ବୁଝିବାର ନାହିଁ
 କିଏ ବା ଡାକୁଛି କେତେ ।


ବୁଝିଲେ କି ଲାଭ ଜୀବନର ମାନେ
 ଖୋଜିଲେ କି ହେବ ସୁଖ
ଖୋଜିବି କେବଳ ବିଷାଦ ବଦନ
 ଧୋଇଦେବା ଲାଗି ଦୁଃଖ ।

ରହୁ ବା ନରହୁ ନାମଟି ମୋହର
 ଚିରଦିନ ଅମଳିନ

ଇତିହାସ ଅବା ଛବି ପଛେ କହୁ
 ମୁହିଁ ଥିଲି ଭାଗ୍ୟହୀନ ।

ଜାଣି ତ ନଥିଲି ସଲିଳ ଦେଖିଲେ
 ବଢ଼ି ବଢ଼ି ଯାଏ ତୃଷା
ନଇଁ ଆସେ ପୁଣି ନିଦାଘର ଜ୍ୱାଳା
 କରିବାକୁ ଲୋକ ହସା ।

ଗୀତ ହେଲା ଆଜି ଲୁହର କାକର
 ଭାବନା ମୋ ଝଡ଼ରାତି
ରୁକ୍ଷ ପାହାଡ଼ ପଥରୋଧ କରି
 ବଦଳାଇ ଦେଲା ଗତି ।




କ୍ୟାମ୍ପସ -୯, କିଟ୍
ମୋ -୯୯୩୭୮୪୩୩୬୮


## ଯମୁନା କହୁଛି ଯଶୋଦାଙ୍କୁ ଚାହିଁ

ନଳିନୀ ଦାଶ

ଯମୁନା କହୁଛି ଯଶୋଦାଙ୍କୁ ଚାହିଁ
 ତୋ ଠାରୁ ବେଶି ମୋ ପାଖେ କହ୍ନେଇ
ପ୍ରତି ପ୍ରଭାତରେ ଆସଇ ହଟିଆ
 ମୋ କୂଳରେ ନାଚେ ବଂଶୀ ବଜେଇ ।
କଦମ୍ବ ଗଛରେ ବସି ସେ କହ୍ନେଇ
 ବଂଶୀ ସୂରେ ନିଏ ମନକୁ ମୋହି
ରାଧାରାଣୀ ପ୍ରେମେ ପଡ଼ିଛି ତୋ କାହ୍ନା
 ରହେ ନିତି ତାର ବାଟକୁ ଚାହିଁ ।
ଶାଶୁ ନଣନ୍ଦଙ୍କୁ ମିଛ କହି ରାଧା
 ଯମୁନା ନଈରେ ଯାଏ ଗାଧୋଇ
ରାଧା ସାଥେ ମିଶି ମୋ କୂଳରେ କାହ୍ନା
 ବଂଶୀ ସୂରେ ସୂରେ କେଳି କରଇ ।
ରାଇ ବିନୋଦିନୀ ଭାରି ଲାଜେଇ ସେ
 କହ୍ନେଇ ପ୍ରେମରେ ହେଇଛି ବାଇ
ସଖିଗଣ ସାଥେ ଆସେ ଲୁଚି ଲୁଚି
 ମୂରଲୀର ସୂରେ ଅଧୀର ହୋଇ ।
ଚନ୍ଦ୍ରସେଣାଙ୍କୁ ଲୁଚି ଆସେ ପ୍ରେମ ରଚି



 ଚାହିଁ ରହିଥାଏ କଳା କହ୍ନେଇ
ହଳି ହଳି ଆସେ ଯମୁନା କୂଳକୁ
 ମାଟି କଳସୀକୁ କାଖରେ ଥୋଇ ।
କୁଞ୍ଜବନ ତାର ପଡ଼ିଅଛି ଖାଲି
 ରାଧିକାରାଣୀ ତା ଆସିନି ବୋଲି
ମାଳତୀ ତମାଳ ମନେ ଖୁସି ନାହିଁ
 କହ୍ନେଇ ଖେଳୁନି ଦୋଳିରେ ଝୁଲି ।
ଯମୁନା କହଇ ଆସ ଆଗୋ ରାଧା
 ତୁମ ବିନା କାହ୍ନା ଲାଗୁଛି ଅଧା
କ୍ଷୀର ସର ଦହି ଲହୁଣୀ ରୁଚେନା
 ନଦେଖି ମନରେ ଲାଗିଛି ବାଧା ।


ଭିକାରିପଡା, ଶରଣକୁଳ, ନୟାଗଡ
ଦୂରଭାଷ----୯୨୩୮୯୯୬୬୪୯


## ଅଭିସାର

ଡକ୍ଟର ମମତା ପ୍ରିୟଦର୍ଶିନୀ ସାହୁ

ଖୋଳପାକୁ କରିଛି
ଟାଣ ଆଉ ସଶକ୍ତ
ଦୁଃଖ, ପୀଡ଼ା, ଆସକ୍ତିକୁ ଫିଙ୍ଗି,
ନଚେତ୍ ଟଳିପଡିବ ଅଚିରେ
ଦଣ୍ଡାୟମାନ ଇମାରତ୍ ।

ଏଇନା ଜରୁରୀ
କାନ୍ଥ ମଜ୍‌ବୁତ କରିବା
ପୁଟି ମାରିବା
ବଜ୍ରପାତରେ ଆଉ ଭୟ ରହିବନି ।

ପାଣି ଧାରରେ ଭସେଇବାକୁ ହେଲା
ନରମ ସ୍ୱଭାବ ,
ଆଉ ପାଟି ଫିଟେଇବାକୁ ପଡ଼ିଲା
ଦୁନିଆର ହାବ ଭାବ , ରୀତିନୀତିକୁ
ଅସମୟରେ ହଜି ନ ଯିବା ପାଇଁ ।

ଅଭିଶାପ ଆଉ ଦଂଶନକୁ ଡରି
ଏଇ ମୋର ଅଭିସାର ,
ନଚେତ୍ ଜୁଡାରେ ଥାନ୍ତା ଗୋଲାପ
ଅଧରରେ ସ୍ମିତ ହାସ୍ୟ
ଆଉ ହାତରେ ଚନ୍ଦ୍ରିକା ।

ହାତ ମୁଠାରେ ଆଉ ରଖିନି
ବିଶ୍ୱାସର ପୁଷ୍ପଗୁଚ୍ଛ
କି ଓଠ ଧାରରେ ନାଇଁ
ହସଗୁଳାର ପାଖୁଡ଼ା ସବୁ ,
ଏବେ କେବଳ
ଅନ୍ଧାରକୁ ଚିରି
ଆଲୁଅ ଆଣିବାର ଦାୟିତ୍ୱରେ ମଗ୍ନ
ଏ ପାଦ ହଳକ ।

ଏବେ ଖୋଜନି ମୋତେ
ତୁଚ୍ଛାଟାରେ
କେବଳ ସାଉଁଟିବ
ହୃଦୟର ରକ୍ତିମ ଆଭା
ଶକ୍ତ ଆକାଶ ତଳର
ଟାଣ ଟାଣ ଗଛ ।

ଭିତରେ ଥାଉ ସେଇ
ନରମ ପାଦଚିହ୍ନ ,
ଅନ୍ଧାରୀ ପଥରେ
ଉଜ୍ଜ୍ୱଳ ତାରାକୁ ଅନେଇ
ଚାଲିବାର ଅଭ୍ୟାସ
ଜାରି ରହୁ ଅନବରତ ,
ନୋଇଲେ ଝରିବାକୁ ପଡ଼ିବ
କୋଉ ଏକ ପାଦ ଦେଶରେ ।



ଆଉ ଲୋଡ଼ା ନାହିଁ
ପୋଡ଼ା ସଳିତାର
କି ଅବା ଭୋରର ଶେଷ ତାରାର ,
ଫୁଲ ଫୁଟୁ କେବଳ ମନରେ
କଣ୍ଟା ଦିଶୁ ଏ ବାହ୍ୟ ଅବୟବରେ ।।


ସହକାରୀ ପ୍ରଫେସର, ଓଡ଼ିଆ ବିଭାଗ, ଡକ୍ଟର ପର୍ଶୁରାମ
ମିଶ୍ର ଅଗ୍ରଗ୍ରାମୀ ଶିକ୍ଷା ପ୍ରତିଷ୍ଠାନ, ସମ୍ବଲପୁର


## ମାଲିକ

ସିଦ୍ଧେଶ୍ୱର ତ୍ରିପାଠୀ

ସେମାନେ ବଡ଼ଲୋକ
କାମ ଦିଅନ୍ତି ଖାଇବାକୁ ଦିଅନ୍ତି
ଆଉ ଟଙ୍କା ବି
ତାଙ୍କ ଯୋଗୁଁ ଅନେକଙ୍କ ଚୁଲି ଜଳେ
ଅନେକ ପରିବାର ଚଳେ ।

ତେଣୁ, ସେ ଯାହା କହିବେ ମାନିଯିବୁରେ ଧନ
ଆମ୍ବ ଗଛରେ
ଆମ୍ବଡ଼ା ଫଳିଛି କହିଲେ
ହଁ ମାରିଦବୁ ।

ସେ ମାଡ଼ ଦେବେ ଗାଳି ଦେବେ
ତୋ ବୋପା ମାଆ ଭାଇ ଭଉଣୀ
ଚଉଦ ପୁରୁଷ ଉଧାର କରିଦେବେ
ଭାବ ଆଉ ଭାଷାରେ
ତୁ ନୀରବ ରହିବୁ ।



ସେ ତୋତେ ଅବାଟରେ ଚାଲିବାକୁ
କହିବେ ତୁ ଚାଲିବୁ
ସେ ଦୋଷ କରିବେ ତୁ ଦୋଷୀ ହେବୁ
ସବୁ ଜାଣିବି ତୁ ପାଟି ଫିଟେଇବୁନି
ମନେ ରଖିଥିବୁ
ସେପରା ଆମ ମାଲିକ ।


କୁଣ୍ଡିଲୋ ଖୋର୍ଦ୍ଧା


## ସେ ଓ ମୁଁ

ଜନ୍ମଜୟ ନାୟକ

ସେ ପୁନେଇଁ ଚାନ୍ଦର ହସ
 ମୁଁ ବିରହର ଧାରେ ଲୁହ,
ସେ ମାୟାବିନୀ ମଧୁମିତା
 ମୁଁ ଅସରା ଅଦେଖା କୋହ ।

ସେ କୁହୁକିନୀ ପାରିଜାତ
 ମୁଁ ପରାଜିତ ପ୍ରଜାପତି,
ସେ ବେଇମାନୀର ବିଗୁଲ୍
 ମୁଁ ବେସୁରା ଜୀବନ ଗୀତି ।

ସେ ମିଛେଇ ମରୀଚିକା
 ମୁଁ ବିଦଗ୍ଧ ପ୍ରେମିକ ମନ,
ସେ ଛଳନାର ଛବିବହି
 ମୁଁ ପବିତ୍ର ପାଠକ ପ୍ରାଣ ।

ସେ ମନଜିଣା ମାୟାଜାଲ
 ମୁଁ କ୍ଷତାକ୍ତ ହୃଦୟ ଗୀତ,
ସେ ରସମୟୀ ରଙ୍ଗଲତା
 ମୁଁ ରଙ୍ଗହୀନ ରିକ୍ତ ରାତି ।

ସେ ରୋଷଣୀ ଭିଡେ ବିଭୋର
 ମୁଁ ନୀରବ ନାଗରଟିଏ,
ସେ ପ୍ରତାରଣାର ଆକାଶ
 ମୁଁ ପ୍ରେମର କପୋତଟିଏ ।




*ଗଣିତ ଶିକ୍ଷକ*
*ଗୋପିନାଥଜୀୟୁ ସରକାରୀ ଉଚ୍ଚ ବିଦ୍ୟାଳୟ*
*ଜଗତସିଂହପୁର*
*୯୩୩୭୮୦୦୫୬୫*


## ମଧୁ ମଳୟରେ ଲହରୁଛି ଆଜି

ହରିଶ୍ଚନ୍ଦ୍ର ବେହେରା

ମଧୁ ମଳୟରେ ଲହରୁଛି ଆଜି
କାହାର ଏ ବଂଶୀ ସ୍ୱନ
ଚୋରା ଚଇତାଳି ଚମକ ଛୁଆଁରେ
ପୁଲକିତ ତନୁ ମନ ।

ନବ ମଞ୍ଜରିତ ତମାଳ କୁଞ୍ଜରୁ
ଶୁଭୁଛି କୋଇଲି କୁହୁ
ଅପାସୋରା କେତେ ଦୁଃଖ ଉପରେ
ଝରି ଝରି ପଡ଼େ ମହୁ
ଥୁଣ୍ଟା ଗଛଟିର ଡେମ୍ଫରେ ଡେମ୍ଫରେ
ପଲ୍ଲବିତ ଯଉବନ ।

ଚନ୍ଦନ ଚର୍ଚ୍ଚିତ ଚୋରା ଚଇତାଳି
ବୋହିଲାଣି ପରା ସଖି
ମୃଗୟା ବେଶରେ ଆସିଛି କନ୍ଦର୍ପ
ପାଞ୍ଚ ଫୁଲଶର ଯୋଖି
ସିନ୍ଦୂରମୁଣ୍ଡିର ସ୍ୱାଗତ ଗୀତିକା
ମନକୁ କରେ ଉଚ୍ଛନ୍ନ ।

ଅପନ୍ତରା କେତେ କିଆ ଗୋହିରୀରେ
ଲାଗିଛି ମଳୟ ଛୁଆଁ
କେଉଁ ଚିତ୍ରକର ତା ' ରଙ୍ଗ ତୂଳୀରେ
ରଙ୍ଗେଇଛି କରି ନୂଆ
ହେନା ଚାମେଲିରେ କେଉଁ ଅଭିସାରୀ
ସଜାଉଛି ନିଧୁବନ ।

ଯୁଇ ଜାଇ ମଲ୍ଲି ହେନା ଚାମେଲିରେ
ତୋରା ଦିଶିଲାଣି ଧରା
ପ୍ରଜାପତି ମହୁମାଛି ଉଡୁଛନ୍ତି
ମୁଣ୍ଡେଇ ମହୁ ପସରା
ଦି'ଦିନ କୁଣିଆ ଫେରିଯିବ ହାୟ
ଶୁନ୍ୟ କରି ମଧୁବନ ।




କଲ୍ୟାଣ ନାଗର, ବାଲେଶ୍ୱର -୧
ମୋ -୯୪୩୭୮୧୩୭୦୮


## ନିର୍ଜନ ରାତିର ନାୟିକା

ଶରତ କୁମାର ଦାସ

ତମେ ଆସିବ ବୋଲି
ବୈଶାଖର ତତଲା ଆକାଶେ
ବହିଲାଣି ଶୀତଳ ପବନ
ପରିପୂର୍ଣ୍ଣ ଲାଗିଲାଣି ଡହଡହ ଝାଂଜି
ମଧ୍ୟାହ୍ନର ମୁଣ୍ଡଫଟା ତାତି ।


ଟାଣ ଖରାର ଚୌହଦି ଭିତରେ
ଜୀବନ ଲାଗୁଛି ସବୁଜ ସୁନ୍ଦର
ଆଶା ଓ ନିରାଶାର ଛାଇ ଆଲୁଅରେ
ଝର ଝର ଝରେ ଅମୃତର ଧାର ।

କାଳ ବୈଶାଖୀର କଳାଛାଇ ତଳେ
ଶବ୍ଦାୟିତ ହୁଏ ନିଃଶବ୍ଦ ମୁହୂର୍ତ୍ତ
କୋଳାହଳେ ଭରିଯାଏ ହୃଦୟର ତନ୍ତ୍ରୀ
କୋକିଳର କୁହୁ ଶୁଭେ ବିନା ଫଗୁଣରେ
ଝରେ ବାରିବିନ୍ଦୁ ବିନା ଶ୍ରବଣରେ
ବିନା ମେଘେ ଝଲମଲ ହୁଏ ଇନ୍ଦ୍ରଧନୁ
ଆକାଶର ମୁକ୍ତ ଅଗଣାରେ ।

ତମ ଆଗମନୀ ଛମ୍ ଛମ୍ ଶବ୍ଦେ
ଲିଭିଯାଏ ନିଦାଘର ନୀଳ ଦାବାନଳ
ପୁନଶ୍ଚ ଚେଇଁଉଠେ ବୈଶାଖର ଯନ୍ତ୍ରଣାକ୍ତ ପ୍ରାଣ
କୁଢ କୁଢ ସ୍ୱପ୍ନ ଖୁନ୍ଦିହୋଇଯାଏ
ସ୍ୱେଦସିକ୍ତ ଆଖି ପତା ତଳେ ।

ରାତ୍ରିର ନିରୋଳା ପ୍ରହର ଲମ୍ବି ଲମ୍ବି ଯାଏ
ଆୟୁଷ୍ମାନ ଲାଗେ ବହଳ ଅନ୍ଧାର
ଅବିଶ୍ୱାସର ଯେତେ ଅନ୍ଧାରୀ ମୂଳକ
କବର ନିଏ ଶୂନ୍ୟ ମହାଶୂନ୍ୟରେ,
ବିନା ଜଳେ ଫୁଟେ ନୀଳକଇଁ
ସୀମାହୀନ ମରୁର ସୁଦୀର୍ଘ ବାଲିରେ ।

ନୀଡ଼ଟିଏ ସ୍ୱୟଂ ତୋଳି ହୋଇଯାଏ
ମୋ ମନର କେଉଁ ଏକ ଝୁଲନ୍ତା ଡାଳରେ
ଗ୍ରୀଷ୍ମର ଯେତେ ନିର୍ଘାତ ପ୍ରହାର



କୋମଳ ଲାଗେ ଫୁଲଠୁ ଅଧିକ, ଆଉ
ଭିଜୁଥାଏ ମୁଁ ଜହ୍ନର ଶୀତଳ ଜ୍ୟୋତ୍ସ୍ନାରେ
ଖୋଜୁଥାଏ ତମ ପାଦଚିହ୍ନ ପ୍ରତି ମୁହୂର୍ତ୍ତରେ ।


ଅଧ୍ୟାପକ, ରାଜନୀତି ବିଜ୍ଞାନ ବିଭାଗ
ବଡ଼ବିଲ ମହାବିଦ୍ୟାଳୟ, ବଡ଼ବିଲ
ଜିଲ୍ଲା-କେନ୍ଦୁଝର
ମୋ-୮୨୪୯୧୩୭୦୯୧


## ବର୍ଷା ଖବର

ରଶ୍ମି ମହାପାତ୍ର

ଧୂସର ମେଘ ଘୋଟି ଆସିଲେଣି
ଉଚ୍ଚା ଅଟ୍ଟାଳିକା ଉପରେ
ଆକାଶ ଓହଳି ପଡିଛି
ସିଧା ସଳଖ ପବନ ଏବଂ ଅନ୍ଧକାର
ଉଚ୍ଚସ୍ୱରରେ ଯୁକ୍ତି କରୁଛନ୍ତି
ସମସ୍ତେ ନିଜ ନିଜକୁ ସାବ୍ୟସ୍ତ କରିବାରେ ବ୍ୟସ୍ତ,

ଦଳ ବଳ ଟିଭି ଚ୍ୟାନେଲ୍ ପ୍ରସ୍ତୁତ
ବାଦଲ ପଛରେ ସୂର୍ଯ୍ୟକୁ
ଲୁଚାଇ ସାରିଲେଣି ସେମାନେ
ପବନ ବିରୁଦ୍ଧରେ ବିପ୍ଲବ କରୁଥିବା
ସହରର ଛବି ନେଇ ସାରିଲେଣି
ଗତ ବର୍ଷାଋତୁର ଚିତ୍ର ହାତପାଖରେ
ଉବୁଟୁବୁ ସହର
ଚମକେଇଦେବ,

ପବ୍ଲିକ କେତେ ମନେ ରଖନ୍ତି ଯେ !
ଉପରୁ ଟୋପେ କି ଦି ଟୋପା
ଝଡିବାକୁ ଅପେକ୍ଷା କେବଳ ଏବେ
ହେଡଲାଇନ୍ ବି ରେଡି-
ପାର୍କର ମୁଥା ମୂଳ ପାଣିର ଘେରରେ
ସହର ସମ୍ପୂର୍ଣ୍ଣ ଓଦା ହେବା ଉପରେ
ଭିଜିଯାଇଥିବା ପୋଷାକରୁ
ସହରର ଭୂଗୋଳ ଇତିହାସ
ବାରି ହେଇଯାଉଛି ଇତ୍ୟାଦି,

ଅନଧିକାର ଦଖଲ ମାମଲା
ବିଲରେ ମଲା ଧାନଗଛ
ଶୁଖିଲା ଓଳିତଳ
ଜମିବନି ଜମା ତାଜା ଖବରରେ,

ବର୍ଷା ବିଷୟରେ
ପ୍ରବନ୍ଧ ଲେଖୁଥିବା ପିଲାଟି ପାଇଁ
କିଛି ଫରକ ନଥାଏ
ବହୁଳେ ଅବା ବିହୁନେର ପ୍ରୟୋଗରେ
ସେ ଜାଣିଛି ସୃଷ୍ଟି ନାଶ ପୂର୍ବରୁ
ଯାହା ଗୋଟେ ଲେଖିଲେ ଚଳିବ ।




ଓଶିୱାରା, ମୁମ୍ବାଇ
ମୋ-୯୩୨୪୯୬୮୭୮୯


## ନ ଦିଅ ଆଖିରେ ଲୁହ

ରତ୍ନକାନ୍ତି ମିଶ୍ର

ତୁମେ କି ବୁଝିଛ କରମଙ୍ଗା କେନ୍ଦୁ ଜାମୁର ସୁଆଦ ପଣ
ପାଚିଲା ମହୁଲ ସ୍ୱାଦ କି ଚାଖିଛ ଜାଣ ତା' ଔଷଧ ଗୁଣ ,
ତୁମେ କିବା ବୁଝ ଧାଙ୍ଗଡା ଧାଙ୍ଗଡି ବୁକୁ ତଳ ଅନୁରାଗ
ଡଙ୍ଗର ଉପରେ ସେମାନଙ୍କ ପାଦ ଛନ୍ଦ ତୋଳିବାର ଢଙ୍ଗ !!

ଯାଇଛ କି କେବେ ଅଙ୍କାବଙ୍କା ସେଇ ଧୂସରିତ ଗାଆଁ ପଥେ
ଜୋଛନାରେ ଭିଜି ରାତ୍ରି ଅଭିସାରେ ନଈ ଛୁଆଁ ବାଆ ସାଥେ,
ତୁମେ କି ଶୁଣିଛ କୃଷକ ଓଠର ଗୁଣୁ ଗୁଣୁ ବେଦ ମନ୍ତ୍ର
ସକାଳ ସଞ୍ଜରେ କିଚିରି ମିଚିରି ଲିଟି ଚଢ଼େଇର ଗୀତ !



ତୁମେ କି ଦେଖିଛ ପ୍ରକୃତି ବିନ୍ୟାସ ଭୂମିରୂପ ସପ୍ତାଶ୍ଚର୍ଯ୍ୟ
ମାଟି ଗୋବରରେ ଲିପା କାନ୍ଥ ପରେ ଝୋଟି ଚିତ୍ର କାରୁକାର୍ଯ୍ୟ,
ତୁମେ କି ଜାଣିଛ କେତେ ମିଠା ଆମ ବରଜୁ ଅମଳ ପାନ
ଶାଳ ଶାଗୁଆନ ପତ୍ର ଫାଙ୍କ ଦେଇ କେମିତି ଦିଶଇ ଜହ୍ନ !

ବନ, ଗିରି, ନଈ, ଝରଣା, ଏ ମାଟି ସବୁ ତ ଆମର ପ୍ରିୟ
ସମ୍ପର୍କ ଆମର ଭାଙ୍ଗ ନାହିଁ ତୁମେ ନ ଦିଅ ଆଖିରେ ଲୁହ ।।


ଆଳି, କେନ୍ଦ୍ରାପଡ଼ା


## ଭାବ

ଅରୁଣ କୁମାର ଦାସ

ଜଣା ନାହିଁ ଆରମ୍ଭ କେଉଁଠି
ଶେଷ ବି ଅଣାୟତ୍ତ
ଆଉ ମଝି ତ ସଦା କବଳିତ
ଯଂତ୍ରଣା, ଅଭିମାନ, ରାଗ ରୁଷା,ଗାଳି, ଅପବାଦ
ଆସିଥାଏ କାଳାଂଶ ପରି
ପରିସ୍ଥିତିର ଚାପ ଅଥବା ଜଂଜାଳର ଭିଡ଼
ଲାଗେ ଅଣନିଃଶ୍ୱାସୀ
କେବେ କେବେ ବେଲୁନ୍ ପରି ଉଡ଼ାଣ ।
କିଛି ଅବସୋସ, ନିଃସହୟତା, ଏକଲା ପଣ
କରି ଦିଏ ଆହୁରି ସଂଗୀନ୍
ନା ଛାଡିବାର ଦୁଃସାହସ
ଅବା ଧରି ରଖିବାର ସତ୍‌ସାହସ
ପୁଣି ଜାରି ରଖିବାର ଅଭିଳାଷ
ରଖି ଥାଏ ଓଜନ୍ ସ୍ତରରେ
ଉଠିବାର ଅପଚେଷ୍ଟା
ଖସିଯିବାର ଆଶଂକା
ଶେଷ ହୋଇଯାଇଥାଏ
କେବଳ ଭାସିବାଟା ସାର
ଏଇ ଟିକକରେ ଆମେ ବଂଧା
ସେଇ ତ ଭାବ ଅବା ନା ?




ଠାକୁରା, ପୁରୁଣା ବଉଳମାଳ,
ଧର୍ମଶାଳା, ଯାଜପୁର
ମୋ-୯୯୩୮୭୩୩୦୭୫




## ପ୍ରଥମ ଥର ଅଲିମ୍ପିକ୍ସରେ ଆର୍ଥିକ ପୁରସ୍କାର

# ଦୌଡ଼କୁଦ ସ୍ୱର୍ଣ୍ଣ ବିଜେତାଙ୍କୁ ମିଳିବ ୪୨ଲକ୍ଷ



**ପ୍ୟାରିସ୍**

ଅଲିମ୍ପିକ୍ସରେ ଦୌଡ଼କୁଦ ପ୍ରଥମ ବିଭାଗ ଭାବେ ଏହାର ପଦକ ବିଜେତାଙ୍କୁ ଆର୍ଥିକ ପୁରସ୍କାର ପ୍ରଦାନ କରିବ। ପ୍ୟାରିସ୍‌ରେ କେବଳ ସ୍ୱର୍ଣ୍ଣ ପଦକ ବିଜେତାଙ୍କୁ ପ୍ରତ୍ୟେକ ୫୦ହଜାର ଡଲାର (ପ୍ରାୟ ୪୧ଲକ୍ଷ ୬୦ହଜାର ଟଙ୍କା) ଲେଖାଏଁ ପୁରସ୍କାର ପାଇବାକୁ ଥିବା ବେଳେ ୨୦୨୮ ଲସ୍ ଏଞ୍ଜେଲ୍ସ ଅଲିମ୍ପିକ୍ସରୁ ରୌପ୍ୟ ଓ କାଂସ୍ୟ ପଦକ ବିଜେତାମାନେ ମଧ୍ୟ ଅର୍ଥ ପୁରସ୍କାର ପାଇପାରିବେ ବୋଲି ବିଶ୍ୱ ଦୌଡ଼କୁଦ ମହାସଂଘର ସଭାପତି ସେବାଷ୍ଟିଆନ୍ କୋଏ ଘୋଷଣା କରିଛନ୍ତି। ସେବାଷ୍ଟିଆନ୍‌ଙ୍କ ଅନୁସାରେ, ଏହି ଯୋଜନା ୨୦୧୫ଠାରୁ ଆରମ୍ଭ ହୋଇଛି। ଅଲିମ୍ପିକ୍ସ କ୍ରୀଡ଼ା ପ୍ରସ୍ତୁତି ପାଇଁ ଆନ୍ତର୍ଜାତିକ ଅଲିମ୍ପିକ୍ କମିଟି ସମସ୍ତ ଅର୍ଥ ବିଶ୍ୱ ଦୌଡ଼କୁଦ ମହାସଂଘକୁ ପ୍ରଦାନ କରିଆସୁଛି। ଏହି ଅର୍ଥରୁ ପ୍ୟାରିସ୍ ଅଲିମ୍ପିକ୍ସରେ ୪୮ ଦୌଡ଼କୁଦ ଇଭେଣ୍ଟରେ ୨.୪ ମିଲିଅନ୍ ଡଲାର ବା ପାଖାପାଖି ୨୧ କୋଟି ଟଙ୍କା ପୁରସ୍କାର ବାବଦକୁ ପ୍ରଦାନ କରାଯିବ। ରିଲେ ଦଳ ୪୨ ଲକ୍ଷ ଟଙ୍କାକୁ ନିଜନିଜ ମଧ୍ୟରେ ବାଣ୍ଟିକରି ନେବେ ବୋଲି ସେବାଷ୍ଟିଆନ୍ କହିଛନ୍ତି। ବର୍ତ୍ତମାନର ଆଧୁନିକ ଅଲିମ୍ପିକକୁ ପୂର୍ବରୁ ଏକ ସୌଖୀନ କ୍ରୀଡ଼ା ଭାବେ ଖେଳାଯାଉଥିଲା, ଯେଉଁଥିରେ କୌଣସି ପଦକ ବିଜେତାଙ୍କୁ ଆର୍ଥିକ ପୁରସ୍କାର ଦିଆଯାଉ ନଥିଲା କେବଳ ପଦକଧାରୀଙ୍କୁ ସେମାନଙ୍କ ଦେଶର ସରକାର କିମ୍ବା ଜାତୀୟ ସଂଘ ଆର୍ଥିକ ପୁରସ୍କାର ଦେଉଥିଲେ।

# ଦକ୍ଷିଣ ଆଫ୍ରିକାର ୮ ସ୍ଥାନରେ ଦିନକିଆ ବିଶ୍ୱକପ୍- ୨୦୨୭

**ନୂଆଦିଲ୍ଲୀ**

୨୦୨୭ ଦିନିକିଆ ବିଶ୍ୱକପ୍‌କୁ ମିଳିତ ଭାବେ ଦକ୍ଷିଣ ଆଫ୍ରିକା, ଜିମ୍ବାୱେ ଓ ନାମିବ୍ୟା ଆୟୋଜନ କରିବାକୁ ଯାଉଛନ୍ତି। ସେମାନଙ୍କ ମଧ୍ୟରୁ ଦକ୍ଷିଣ ଆଫ୍ରିକାରେ ସର୍ବାଧିକ ମ୍ୟାଚ୍ ଖେଳାଯିବ। ଏହି ଦେଶରେ ୮ଟି ସ୍ଥାନକୁ ବିଶ୍ୱକପ୍ ଭେନ୍ୟୁ ଭାବେ ବଛାଯାଇଥିବା କ୍ରିକେଟ୍ ଦକ୍ଷିଣ ଆଫ୍ରିକା (ସିଏସ୍‌ଏ) ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଫୋଲେତ୍‌ସି ମୋସେକି କହିଛନ୍ତି। ହୋଟେଲ୍ ରୁମ୍ ଓ ବିମାନବନ୍ଦର ଉପଲବ୍ଧତାକୁ ଦୃଷ୍ଟିରେ ରଖି ଏହି ସ୍ଥାନଗୁଡ଼ିକୁ ଚୟନ କରାଯାଇଥିବା ସେ କହିଛନ୍ତି। ବାସ୍ତବରେ ବିଶ୍ୱକପ୍ ଆୟୋଜନ ପାଇଁ ପ୍ରଥମେ ୧୧ଟି ସ୍ଥାନକୁ ବଛା ଯାଇଥିଲା। କିନ୍ତୁ ଅନେକ ଆଲୋଚନା ପରେ ବେନୋନି, ଜେବି ମାର୍କ୍ସ ଓଭାଲ ଓ ଡାଏମଣ୍ଡ ଓଭାଲ୍‌କୁ ଏହି ତାଲିକାରୁ ବାଦ୍ ଦିଆଯାଇଛି। ବିଶ୍ୱକପ୍‌ର ମୁଖ୍ୟ ଷ୍ଟାଡିୟମ୍ ଭାବେ ଜୋହାନସ୍‌ବର୍ଗର ୱାଣ୍ଡରର୍ସକୁ ରଖାଯାଇଛି। ଏହାବାଦ୍ ପ୍ରିଟୋରିଆସ୍ଥିତ ସେଞ୍ଚୁରିଅନ୍ ପାର୍କ, ଡର୍ବାନ୍‌ସ୍ଥିତ କିଙ୍ଗ୍ସମେଡ୍, ଗ୍ୱେବେର୍ହାସ୍ଥିତ ସେଣ୍ଟ ଜର୍ଜସ୍ ପାର୍କ, ପର୍ଲସ୍ଥିତ ବୋଲାଣ୍ଡ ପାର୍କ,



କେପ୍‌ଟାଉନ୍‌ସ୍ଥିତ ନିଉଲାଣ୍ଡ୍ସ, ବ୍ଲୋଏମ୍‌ଫୋଣ୍ଟେନ୍‌ସ୍ଥିତ ମାଙ୍ଗୁଆଙ୍ଗ ଓଭାଲ୍ ତଥା ଇଷ୍ଟ ଲଣ୍ଡନ୍‌ର ବଫାଲୋଠାରେ ମ୍ୟାଚ୍‌ଗୁଡ଼ିକ ଖେଳାଯିବ। ଏଗୁଡ଼ିକ ବ୍ୟତୀତ ଜିମ୍ବାୱେ ଓ ନାମିବ୍ୟା ନିଜନିଜର ଷ୍ଟାଡିୟମ୍‌ଗୁଡ଼ିକରେ ବିଶ୍ୱକପ୍ ମ୍ୟାଚ୍ ଆୟୋଜନ କରିବେ। ଉଭୟ ଦକ୍ଷିଣ ଆଫ୍ରିକା ଓ ଜିମ୍ବାୱେ ଆୟୋଜକ ଭାବେ ସ୍ୱତଃ ଯୋଗ୍ୟତା ଅର୍ଜନ କରିଥିଲା ବେଳେ ନାମିବ୍ୟାକୁ ଆଫ୍ରିକୀୟ ଯୋଗ୍ୟତା ପର୍ଯ୍ୟାୟ ଦେଇ ଆସିବାକୁ ହେବ। ଆଇସିସି ଦିନିକିଆ ମାନ୍ୟତାର ଶୀର୍ଷ ୮ ଦଳ ମଧ୍ୟ ସିଧାସଳଖ ବିଶ୍ୱକପ୍ ଖେଳିବାକୁ ଯୋଗ୍ୟତା ପାଇବେ। ଅନ୍ୟ ଦଳମାନେ ବିଶ୍ୱବ୍ୟାପୀ ହେବାକୁ ଥିବା ଯୋଗ୍ୟତା ପର୍ଯ୍ୟାୟରୁ ଆସିବେ।

# ଆଇପିଏଲ୍‌ରେ ଧ୍ରୁବ୍ ଜୁରେଲଙ୍କୁ ସଞ୍ଜୁ ସାମସନ୍ ଜାଣିଶୁଣି ସୁଯୋଗ ଦେଉନ ଥିବା ଅଭିଯୋଗ

**ନୂଆଦିଲ୍ଲୀ**

ଆଇପିଏଲ୍ ୨୦୨୪ରେ ପ୍ରଦର୍ଶନକୁ ଦୃଷ୍ଟିରେ ରଖି ଆସନ୍ତା ବିଶ୍ୱକପ୍‌ରେ ୱିକେଟକିପର ବ୍ୟାଟ୍ସମ୍ୟାନ୍ ଧ୍ରୁବ୍ ଜୁରେଲଙ୍କୁ ସୁଯୋଗ ମିଳିପାରେ ବୋଲି କୁହାଯାଉଛି। ହେଲେ ଚଳିତ ଆଇପିଏଲ୍‌ରେ ତାଙ୍କୁ ରାଜସ୍ଥାନ ରୟାଲ୍ସ ଅଧିନାୟକ ସଞ୍ଜୁ ସାମସନ୍ ଜାଣିଶୁଣି ସୁଯୋଗ ଦେଉନ ଥିବା ଅଭିଯୋଗ ହେଉଛି। ଫଳରେ ଏହି ଅଭିଯୋଗ କେତେ ସତ କେତେ ମିଛ ସେନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଉତ୍ତରପ୍ରଦେଶର ଏହି ୱିକେଟକିପର ବ୍ୟାଟ୍ସମ୍ୟାନ୍ ଫେବୃଆରୀ-ମାର୍ଚ୍ଚରେ ଇଂଲଣ୍ଡ ବିପକ୍ଷ ଟେଷ୍ଟ ସିରିଜ୍‌ରେ କିପରି ଭାବେ ସୁଯୋଗ ମିଳିଥିଲା। ସେଥିରେ ସେ ଚତୁର୍ଥ ଟେଷ୍ଟର ଷ୍ଟାର ପାଲଟିଥିଲେ। ଏହାପରଠାରୁ ଆଇପିଏଲ୍ ଏବଂ ଟି୨୦ ବିଶ୍ୱକପ୍‌ରେ ତାଙ୍କୁ ଦେଖିବାକୁ କ୍ରିକେଟ ପ୍ରଶଂସକ ଆଶା କରିଥିଲେ। ହେଲେ ଏଯାବତ୍ ସେ ଅଧିକ ନଜର ଆସି ନାହାନ୍ତି। ଏହାପଛରେ ସଞ୍ଜୁ ସାମସନ ଥିବା କୁହାଯାଉଛି।

ସୋସିଆଲ ମିଡିଆରେ ଅନେକ ବ୍ୟବହାରକାରୀ କହୁଛନ୍ତି ଯେ, ସାମସନ ଟି୨୦ ବିଶ୍ୱକପ୍ ଲାଗି ନିଜର ସ୍ଥାନ ପକ୍କା କରିବାକୁ ଚାହାନ୍ତି। ଏଥିଲାଗି ତାଙ୍କୁ ଧ୍ରୁବ୍ ପ୍ରତିଦ୍ୱନ୍ଦ୍ୱୀ ଲାଗୁଛନ୍ତି। ଉଭୟ ଉଇକେଟକିପର ବ୍ୟାଟ୍ସମ୍ୟାନ୍ ଏବଂ ଫିନିସର ଭାବେ ଟିମ୍‌ଇଣ୍ଡିଆରେ ସ୍ଥାନ ପାଇପାରନ୍ତି। ଏମିତିରେ ଦୁହେଁ ଗୋଟିଏ ସ୍ଥାନ ଲାଗି କମ୍ପିଟେଶନ୍ କରୁଛନ୍ତି। ଏଯାବତ୍ ରାଜସ୍ଥାନ ଆଇପିଏଲ୍‌ରେ ୫ ମ୍ୟାଚ୍ ଖେଳିଛି। ସବୁ ମ୍ୟାଚ୍‌ରେ ଧ୍ରୁବ୍‌ଙ୍କୁ ସୁଯୋଗ ମିଳିଛି। ପ୍ରତି ମ୍ୟାଚ୍‌ରେ ସାମସନ୍ କିପିଂ କରୁଛନ୍ତି। ସେହିଭଳି ବ୍ୟାଟିଂକୁ ଦେଖିଲେ ଜୁରେଲ କେବେ ବ୍ୟାଟିଂ କରିବେ, ତାହା ଏକାକି ସାମସନ ନିଷ୍ପତ୍ତି ନେଇପାରିବେ ନାହିଁ। ଜୁରେଲ୍‌ଙ୍କୁ ୫ରୁ ୩ ଇନିଂସରେ ଖେଳିବାକୁ ଅବସର ମିଳିଥିଲେ ହେଁ ସେ ଭଲ ପ୍ରଦର୍ଶନ କରିନାହାନ୍ତି। ହେଲେ ପ୍ରାରମ୍ଭିକ ୱିକେଟ ଯିବା ପରେ ଜୁରେଲଙ୍କ ସ୍ଥାନରେ ରବିଚନ୍ଦ୍ରନ ଅଶ୍ୱିନଙ୍କୁ ପଠାଯିବା ପରେ ବିବାଦ ଦେଖାଦେଇଛି। ଏସବୁ କରିବା ପଛରେ କ'ଣ କାରଣ ରହିଛି ସେନେଇ ଚିନ୍ତା ବଢ଼ିଛି।

# ଠକେଇ ଅଭିଯୋଗରେ ଗିରଫ ହେଲେ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ସମ୍ପର୍କୀୟ ଭାଇ

**ମୁମ୍ବାଇ**

ଭାରତୀୟ କ୍ରିକେଟ ଦଳର ତାରକା ଖେଳାଳି ହାର୍ଦ୍ଦିକ ପାଣ୍ଡ୍ୟା ଏବଂ କ୍ରୁନାଲ ପାଣ୍ଡ୍ୟାଙ୍କୁ ସେମାନଙ୍କ ସମ୍ପର୍କୀୟ ଭାଇ ବୈଭବ ପାଣ୍ଡ୍ୟା କୋଟି କୋଟି ଟଙ୍କା ଠକିଛନ୍ତି। ଆଉ ଅଭିଯୋଗ ମିଳିବା ପରେ ମୁମ୍ବାଇରେ ଥିବା ଇକୋନୋମିକ ଅଫେନ୍ସ୍‌ୱିଙ୍ଗ ବୈଭବ ପାଣ୍ଡ୍ୟାଙ୍କୁ ଗିରଫ କରିଛି। ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ ବୈଭବ ପାଣ୍ଡ୍ୟା ହାର୍ଦ୍ଦିକ ପାଣ୍ଡ୍ୟା ଏବଂ କ୍ରୁନାଲ ପାଣ୍ଡ୍ୟାଙ୍କୁ କୋଟି କୋଟି ଟଙ୍କା ଠକିଛନ୍ତି। ସମ୍ପ୍ରତି ଉଭୟ ଭାଇ ଆଇପିଏଲରେ ଖେଳୁଛନ୍ତି। ହାର୍ଦ୍ଦିକ ପାଣ୍ଡ୍ୟା ମୁମ୍ବାଇ ଇଣ୍ଡିଆନ୍ସର ଅଧିନାୟକ ଅଛନ୍ତି।

ଏଥି ସହିତ, କ୍ରୁନାଲ ପାଣ୍ଡ୍ୟା ଲକ୍ଷ୍ନୌ ସୁପର ଜିଆଣ୍ଟ୍ସ ପାଇଁ ଖେଳୁଛନ୍ତି। ବାସ୍ତବରେ ବୈଭବ ପାଣ୍ଡ୍ୟା, ହାର୍ଦ୍ଦିକ ପାଣ୍ଡ୍ୟା ଏବଂ କ୍ରୁନାଲ ପାଣ୍ଡ୍ୟାଙ୍କ ସହ ମିଶି ଏକ ପଲିମର ବ୍ୟବସାୟ ଆରମ୍ଭ କରିଥିଲେ ଯେଉଁଥିରେ ହାର୍ଦ୍ଦିକ ପାଣ୍ଡ୍ୟା ଏବଂ କ୍ରୁନାଲ ପାଣ୍ଡ୍ୟାଙ୍କର ୪୦ ପ୍ରତିଶତ ଅଂଶଧନ ଥିଲା। ବୈଭବ ପାଣ୍ଡ୍ୟାଙ୍କ ୨୦ ପ୍ରତିଶତ ଅଂଶଧନ ଥିଲା। ଗଣମାଧ୍ୟମର ରିପୋର୍ଟ ଅନୁଯାୟୀ, ଏହି ପଲିମର କମ୍ପାନୀର ଲାଭାଂଶ ହାର୍ଦ୍ଦିକ ପାଣ୍ଡ୍ୟା, କ୍ରୁନାଲ ପାଣ୍ଡ୍ୟା ଏବଂ ବୈଭବ ପାଣ୍ଡ୍ୟାଙ୍କ ମଧ୍ୟରେ ଭାଗ କରାଯାଉଥିଲା, କିନ୍ତୁ ବୈଭବ ପାଣ୍ଡ୍ୟା ଲାଭ ପରିମାଣକୁ ଏକ ଭିନ୍ନ କମ୍ପାନୀକୁ ହସ୍ତାନ୍ତର କରିଥିଲେ। ଏହା ପରେ ହାର୍ଦ୍ଦିକ ପାଣ୍ଡ୍ୟା ଏବଂ କ୍ରୁନାଲ ପାଣ୍ଡ୍ୟା ପ୍ରାୟ ୪.୩ କୋଟି ଟଙ୍କା କ୍ଷତି ସହିଥିଲେ। ତେବେ ଏହାପରେ ଉଭୟ ଭାଇ ଏନେଇ ଠକେଇ ହୋଇଥିବାରୁ ମୁମ୍ବାଇର ଇକୋନୋମିକ ଅଫେନ୍ସ ୱିଙ୍ଗରେ ଅଭିଯୋଗ କରିଥିଲେ। ଏହାପରେ ବୈଭବ ପାଣ୍ଡ୍ୟାଙ୍କୁ ଗିରଫ କରାଯାଇଛି।

# ୱାଙ୍ଖେଡେରେ ମୁମ୍ବାଇ ଇଣ୍ଡିଆନ୍ସକୁ ଉତ୍ସାହିତ କଲେ ୧୮ ହଜାର ପିଲା

**ମୁମ୍ବାଇ**

ଆଇପିଏଲରେ ମୁମ୍ବାଇ ଇଣ୍ଡିଆନ୍ସ ଚଳିତ ସିଜନର ପ୍ରଥମ ବିଜୟ ହାସଲ କରିଛି। ଦିଲ୍ଲୀ କ୍ୟାପିଟାଲ୍ସ ବିପକ୍ଷରେ ମୁମ୍ବାଇ ଇଣ୍ଡିଆନ୍ସର ଏହି ବିଜୟ ମ୍ୟାଚ୍‌ରେ ୱାଙ୍ଖେଡେ ଷ୍ଟାଡିୟମରେ ମୁମ୍ବାଇର କୋଣ ଅନୁକୋଣରୁ ୧୮ହଜାର ପିଲା ମୁମ୍ବାଇ ଦଳକୁ ଉତ୍ସାହିତ କରୁଥିଲେ। ରିଲାଏନ୍ସ ଫାଉଣ୍ଡେସନର ଏଜୁକେସନ ଆଣ୍ଡ ସ୍ପୋର୍ଟସ ଫର ଅଲ (ଇଏସ୍‌ଏ) ନାମକ ଏହି ଅଭିଯାନ ସହ ଜଡ଼ିତ ଏହି ପିଲାମାନଙ୍କୁ କ୍ରିକେଟ ମ୍ୟାଚ୍‌କୁ ଉପଭୋଗ କରିବା ପାଇଁ ବିଶେଷ ଭାବେ ନିମନ୍ତ୍ରଣ କରାଯାଇଥିଲା। ଏହି ରୋମାଞ୍ଚକର ବିଜୟ ପରେ ମୁମ୍ବାଇ ଇଣ୍ଡିଆନ୍ସର ମାଲିକ ନୀତା ଏମ ଅମ୍ବାନୀ କ୍ରିକେଟ ଭଗବାନ କୁହାଯାଉଥିବା ସଚିନ



ତେନ୍ଦୁଲକରଙ୍କ ସହ କଥା ହୋଇଛନ୍ତି।

ସମସ୍ତଙ୍କ ପାଇଁ ଶିକ୍ଷା ଏବଂ କ୍ରୀଡ଼ା ଉପରେ ନୀତା ଅମ୍ବାନୀ କହିଛନ୍ତି, ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନର ୧୮୦ ପିଲା ଷ୍ଟାଣ୍ଡରେ ମ୍ୟାଚ୍ ଦେଖୁଥିଲେ। ମୁଁ ବିଶ୍ୱାସ କରେ ଯେ କ୍ରୀଡ଼ା ଭେଦଭାବପୂର୍ଣ୍ଣ ନୁହେଁ ଏବଂ ପ୍ରତିଭା ଯେକୌଣସି ସ୍ଥାନରୁ ଆସିପାରେ। ବୋଧହୁଏ ଏହି ପିଲାମାନଙ୍କ ମଧ୍ୟରୁ ଜଣେ ଖେଳର ଶୀର୍ଷରେ ପହଞ୍ଚିବ। ମୁଁ ଆଶା କରୁଛି ଯେ ସେମାନେ ଅନେକ ସ୍ମୃତି ଏବଂ ସେମାନଙ୍କ ସ୍ୱପ୍ନରେ ବିଶ୍ୱାସ କରିବାର ଶକ୍ତି ସହିତ ଫେରିବେ।

ସଚିନ ତେନ୍ଦୁଲକର ୱାଙ୍ଖେଡେ ଷ୍ଟାଡ଼ିୟମର ତାଙ୍କର ପ୍ରଥମ ସ୍ମୃତି ବିଷୟରେ କହିଥିଲେ ଏବଂ ସେ ସବୁ କିଛି ଆଜି ବି ମନେ ରଖିଛନ୍ତି। ମୋ ପାଇଁ ପିଲାମାନେ ହିଁ ଭବିଷ୍ୟତ ଉନ୍ନତ ଭବିଷ୍ୟତ ଚାହୁଁଥିଲେ। ଆଜି ଆମକୁ କାମ କରିବାକୁ ପଡ଼ିବ। ଶ୍ରୀମତୀ ଅମ୍ବାନୀଙ୍କ ମାର୍ଗଦର୍ଶନରେ ରିଲାଏନ୍ସ ଫାଉଣ୍ଡେସନ ସାରା ବିଶ୍ୱରେ ଅନେକ ପିଲାଙ୍କୁ ସୁଯୋଗ ଦେଇଛି।

ଆମେ ୧୪ ବର୍ଷ ପୂର୍ବେ ଇଏସଏ ଆରମ୍ଭ କରିଥିଲୁ ଏବଂ ଏହା ସମଗ୍ର ଭାରତରେ ୨୨ ନିୟୁତ ଶିଶୁଙ୍କ ପାଖରେ ପହଞ୍ଚିଛି। ସଚିନଙ୍କ ଭଳି ମୁଁ ମଧ୍ୟ ବିଶ୍ୱାସ କରେ ଯେ ପ୍ରତ୍ୟେକ ପିଲାଙ୍କର ଖେଳିବା ଏବଂ ଶିକ୍ଷାର ଅଧିକାର ରହିବା ଉଚିତ। ପିଲାମାନେ ଶ୍ରେଣୀଗୃହରେ ଯେତିକି ଶିଖନ୍ତି ଖେଳ ପଡ଼ିଆରେ ସେତିକି ଶିଖନ୍ତି। କ୍ରୀଡ଼ା ସେମାନଙ୍କୁ ଶୃଙ୍ଖଳା ଏବଂ କଠିନ ପରିଶ୍ରମ ଶିଖାଏ ଏବଂ ଆହୁରି ଅଧିକ ଏହା ବିଜୟ ଏବଂ ପରାଜୟକୁ କିପରି ଗ୍ରହଣ କରିବାକୁ ଶିଖାଏ। ଭାରତର ଦୁର୍ଗମ ଗାଁ ଏବଂ ସହରର ଏହି ଛୋଟ ପିଲାମାନଙ୍କ ପାଇଁ ଇଏସଏ ଲକ୍ଷ ଲକ୍ଷ ଦ୍ୱାର ଖୋଲିଥାଏ।

ନୀତା ଅମ୍ବାନୀଙ୍କ ନେତୃତ୍ୱରେ ରିଲାଏନ୍ସ ଫାଉଣ୍ଡେସନର ଉଦ୍ୟମରେ ପ୍ରକୃତରେ ଇଏସଏ ଆରମ୍ଭ ହୋଇଥିଲା। ରିଲାଏନ୍ସ ଫାଉଣ୍ଡେସନ ଏହାର ବ୍ୟାପକ ୱିକେୟାର ଭିଜନରେ ଅନୁପ୍ରାଣିତ ହୋଇ ବର୍ଷ ସାରା ଇଏସ୍‌ଏ ମାଧ୍ୟମରେ ଶିକ୍ଷା ଓ କ୍ରୀଡ଼ା କ୍ଷେତ୍ରରେ ବିଭିନ୍ନ କାର୍ଯ୍ୟକଳାପ କରିଥାଏ। ରିଲାଏନ୍ସ ଫାଉଣ୍ଡେସନ ସମଗ୍ର ଭାରତରେ ୨୨ ନିୟୁତରୁ ଅଧିକ ଶିଶୁଙ୍କ ଜୀବନକୁ ସ୍ପର୍ଶ କରିଛି।

## ମୁମ୍ବାଇକୁ ବଡ଼ ଝଟ୍‌କା: ଟୁର୍ଣ୍ଣାମେଣ୍ଟରୁ ବାହାରିଲେ ବିଷ୍ଣୁ ବିନୋଦ

**ନୂଆଦିଲ୍ଲୀ**

ମୁମ୍ବାଇ ଇଣ୍ଡିଆନ୍ସ ଏକ ଅସୁବିଧାର ସମ୍ମୁଖୀନ ହୋଇଛି। ଦଳର ପ୍ରତିଭାବାନ ଉଇକେଟ୍ କିପର ବ୍ୟାଟର୍ ବିଷ୍ଣୁ ବିନୋଦ ଆହତ କାରଣରୁ ଏହି ସିଜିନରୁ ବାଦ୍ ପଡ଼ିଛନ୍ତି। ଏହି ସିଜିନ୍‌ରେ ବିଷ୍ଣୁ ଏପର୍ଯ୍ୟନ୍ତ ଗୋଟିଏ ବି ମ୍ୟାଚ୍ ଖେଳି ନାହାନ୍ତି। କିନ୍ତୁ ବର୍ତ୍ତମାନ ଆହତ କାରଣରୁ ସେ ଟୁର୍ଣ୍ଣାମେଣ୍ଟରୁ ବାଦ୍ ପଡିଛନ୍ତି। ମୁମ୍ବାଇ ତାଙ୍କ ସ୍ଥାନରେ ହାର୍ଭିକ ଦେଶାଇଙ୍କୁ ସ୍ଥାନ ଦେଇଛି।

ଉଇକେଟ୍ କିପର ବ୍ୟାଟର୍ ବିଷ୍ଣୁ ବିନୋଦଙ୍କ ହାତରେ ଆଘାତ ଲାଗିଛି। ଏହି କାରଣରୁ ସେ ଆଉ ଏହି ସିଜନରେ ମୁମ୍ବାଇ ଇଣ୍ଡିଆନ୍ସ ପାଇଁ ଖେଳି ପାରିବେ ନାହିଁ। ତେବେ ସେ ଚଳିତ ସିଜିନରେ ଏ ପର୍ଯ୍ୟନ୍ତ ଗୋଟିଏ ବି ମ୍ୟାଚ୍ ଖେଳିବାକୁ ସକ୍ଷମ ହୋଇନଥିଲେ। ଗତ ସିଜନରେ ମଧ୍ୟ ସେ ମାତ୍ର ୩ଟି ମ୍ୟାଚ୍ ଖେଳିବାର ସୁଯୋଗ ପାଇଥିଲେ।

# ସିଏସ୍‌କେରୁ ନ ଖେଳିବା କାର୍ତ୍ତିକଙ୍କ ସବୁଠୁ ବଡ଼ ଅବସୋସ

**ମୁମ୍ବାଇ**



ଆଇପିଏଲ ଜୀବନର ଶେଷ ଋତୁ ଖେଳୁଥିବା ପୁରୁଖା ୱିକେଟରକ୍ଷକ ଦୀନେଶ କାର୍ତ୍ତିକ ତାଙ୍କ ଜୀବନର ଦୁଇଟି ଅବସୋସ ବିଷୟରେ ବର୍ଣ୍ଣନା କରିଛନ୍ତି। ପ୍ରଥମଟି ହେଲା ନିଜ ଘରୋଇ ଆଇପିଏଲ ଦଳ ଚେନ୍ନାଇ ସୁପରକିଙ୍ଗ୍ସ (ସିଏସ୍‌କେ)କୁ ଥରେ ହେଲେ ବି ପ୍ରତିନିଧିତ୍ୱ ନକରିବା। ଦ୍ୱିତୀୟଟି ୨୦୧୩ରେ ମୁମ୍ବାଇ ଇଣ୍ଡିଆନ୍ସ ଛାଡ଼ିବା। କାର୍ତ୍ତିକ ତାମିଲନାଡୁର ହୋଇଥିଲେ ମଧ୍ୟ ଏହି ରାଜ୍ୟ ଭିତ୍ତିକ ଦଳ ସିଏସ୍‌କେ ତାଙ୍କୁ କିଣିବାକୁ କେବେବି ଚେଷ୍ଟା କରିନି। ହେଲେ ନିଲାମ ପ୍ରକ୍ରିୟା ଓ ଦଳ ଗଠନର ଚାପ ପାଇଁ ଏଭଳି ଘଟଣା ଘଟିବା ସ୍ୱାଭାବିକ ବୋଲି ସେ କହିଛନ୍ତି। ନିଜ ଦ୍ୱିତୀୟ ଅବସୋସ ବିଷୟରେ କହିବାକୁ ଯାଇ କାର୍ତ୍ତିକ ମତ ଦେଇଛନ୍ତି ଯେ ଭଲ ପ୍ରଦର୍ଶନ କରିବା ସତ୍ତ୍ୱେ ମୁମ୍ବାଇ ଇଣ୍ଡିଆନ୍ସ ୨୦୧୩ ମସିହାରେ ମୋତେ ରିଟେନ କରି ନଥିଲା। ଏକଥା ମୋତେ ବହୁତ ବାଧିଥିଲା। ପରବର୍ତ୍ତୀ ସମୟରେ ଦଳରେ ରହିବାର ପ୍ରସ୍ତାବ ମିଳିଥିଲେ ମଧ୍ୟ ମୁଁ ନିଲାମକୁ ଯିବାକୁ ପସନ୍ଦ କରିଥିଲି।

# ଖୋର୍ଦ୍ଧା ରୋଡ୍ ମଣ୍ଡଳ ରେଳ ପ୍ରବନ୍ଧକ କାର୍ଯ୍ୟାଳୟରେ କିଣ୍ଡେର ହାଭେନ ଡେ କେୟାର ସେଣ୍ଟର ଉଦ୍‌ଘାଟିତ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ପୂର୍ବତଟ ରେଳ ମହିଳା କଲ୍ୟାଣ ସଂଗଠନ, ଖୋର୍ଦ୍ଧା ରୋଡ଼ ଦ୍ୱାରା, ରେଳ କର୍ମଚାରୀଙ୍କ ଅଫିସ ସମୟରେ, ତାଙ୍କ ପିଲାମାନଙ୍କର ଯତ୍ନ ନେବା ପାଇଁ, ନିଆଯାଇଥିବା ଏକ ପଦକ୍ଷେପ।

ପୂର୍ବତଟ ରେଳ ମହିଳା କଲ୍ୟାଣ ସଂଗଠନ, ଖୋର୍ଦ୍ଧା ରୋଡ଼ ଦ୍ୱାରା, ଖୋର୍ଦ୍ଧା ରୋଡ଼ ମଣ୍ଡଳ ରେଳ କର୍ମଚାରୀଙ୍କ କଲ୍ୟାଣ ପାଇଁ, ଆଉ ଏକ ପଦକ୍ଷେପ ନିଆଯାଇଛି। ଦିନରେ, ରେଳ କର୍ମଚାରୀଙ୍କ ଅଫିସ ସମୟରେ, ସେମାନଙ୍କର ପିଲାମାନଙ୍କ ଯତ୍ନ ନେବା ପାଇଁ, ମଣ୍ଡଳ ରେଳ ପ୍ରବନ୍ଧକ କାର୍ଯ୍ୟାଳୟରେ କିଣ୍ଡେର ହାଭେନ ଡେ କେୟାର ସେଣ୍ଟର ଖୋଲାଯାଇଛି। ଏହି ଶିଶୁ ଯତ୍ନ ଗୃହକୁ, ପୂର୍ବତଟ ରେଳ ମହିଳା କଲ୍ୟାଣ ସଂଗଠନ, ଖୋର୍ଦ୍ଧା ରୋଡ଼ର ସଭାନେତ୍ରୀ, ଗୁର ସିମ୍ରନ କୌର ଏବଂ ଖୋର୍ଦ୍ଧା ରୋଡ ମଣ୍ଡଳ



ରେଳ ପ୍ରବନ୍ଧକ, ଏଚ୍ ଏସ ବାଜୱା, ଉଦ୍‌ଘାଟନ କରିଥିଲେ।

ଖୋର୍ଦ୍ଧା ରୋଡ଼ ମଣ୍ଡଳର ପୁରୁଷ କିମ୍ବା ମହିଳା ରେଳ କର୍ମଚାରୀମାନେ ସେମାନଙ୍କର ଶିଶୁ ମାନଙ୍କୁ, ଯାହାର ବୟସ ୬ ମାସରୁ ୬ ବର୍ଷ ପର୍ଯ୍ୟନ୍ତ ଅଛି, ଏହି ଶିଶୁ ଯତ୍ନ ଗୃହରେ ଅଫିସ ସମୟ ଅର୍ଥାତ ସକାଳ ୯.୩୦ ଘଣ୍ଟା ଠାରୁ ସନ୍ଧ୍ୟା ୬.୩୦ ଘଣ୍ଟା ପର୍ଯ୍ୟନ୍ତ, କୌଣସି ଦେୟ ବିନା ରଖିପାରିବେ। ପିଲାମାନଙ୍କର ଆବଶ୍ୟକତା ଅନୁଯାୟୀ, ଏହି ଦିନ କେୟାର ସେଣ୍ଟରରେ ଖେଳିବା, ଶୋଇବା, ଖୁଆଇବା ଏବଂ ଶିକ୍ଷା ପାଇଁ ବିଭିନ୍ନ ସୁବିଧା ଯୋଗାଇ ଦିଆଯାଉଛି। ସେମାନଙ୍କ ରହିବା ସମୟରେ ପିଲାମାନଙ୍କର ଉପଯୁକ୍ତ ଯତ୍ନ ନେବା ପାଇଁ କେୟାର ଟେକର ରେଖାଯାଇଛ।

କିଣ୍ଡେର ହାଭେନ ଡେ କେୟାର ସେଣ୍ଟର ଉଦ୍‌ଘାଟନ ସମୟରେ, ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ (ଓପି) କଲ୍ୟାଣ ପଟ୍ଟନାୟକ, ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ (ଇନ୍‌ଫ୍ରା) ଶୁଭ୍ର ଜ୍ୟୋତି ମଣ୍ଡଳ, ଶାଖା ଅଧିକାରୀ ଏବଂ ମହିଳା କଲ୍ୟାଣ ସଂଗଠନର ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ।

# ସୁବର୍ଣ୍ଣପୁର ଜିଲ୍ଲାରେ ମେ' ୨୨ରୁ ରବି ଧାନ କ୍ରୟ ଆରମ୍ଭ

**ସୁବର୍ଣ୍ଣପୁର, ନ୍ୟୁଜ୍‌ବ୍ୟୁରୋ**

ସୁବର୍ଣ୍ଣପୁର ଜିଲ୍ଲାରେ ରବି ଧାନ କ୍ରୟ ନିମନ୍ତେ ଜିଲ୍ଲା ସ୍ତରୀୟ କ୍ରୟ କମିଟି ବୈଠକ ଜିଲ୍ଲାପାଳ ଅନ୍ୟା ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି ବୈଠକରେ ଚଳିତ ବର୍ଷ ଜିଲ୍ଲାରେ ମଇ ମାସ ୨୨ ତାରିଖ ରୁ ରବିଧାନ କ୍ରୟ ପ୍ରକ୍ରିୟା ଆରମ୍ଭ ହେବ ବୋଲି ସୂଚନା ଦିଆଯାଇଛି। ଏଥି ନିମନ୍ତେ ୬୦ ଗୋଟି ପ୍ୟାକ୍ସ ଓ ପରିବର୍ଦ୍ଧିତ ୭ ଗୋଟି କେନ୍ଦ୍ର ସହ ୬୭ ଗୋଟି ଏବଂ ୩୭ ଗୋଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସାମିଲ ରହିଥିବା ବେଳେ ସମୁଦାୟ ୧୦୪ ଗୋଟି ଧାନ କ୍ରୟ କେନ୍ଦ୍ର ଜରିଆରେ ଯୋଗାଣ ନିଗମ ଧାନ କ୍ରୟ କରିବ। ରବି ଧାନ କ୍ରୟ ପ୍ରକ୍ରିୟା ନିମନ୍ତେ ଟୋକନ ବ୍ୟବସ୍ଥା କରାଯିବ, ମାତ୍ର ଏକର ପ୍ରତି କେତେ ପରିମାଣରେ ଧାନ କିଣାଯିବ। ସେଥିପାଇଁ ରାଜ୍ୟ ସ୍ତରୀୟ କ୍ରୟ କମିଟି ନିଷ୍ପତ୍ତି ଗ୍ରହଣ କଲାପରେ ଜଣାପଡ଼ିବ। ଚଳିତ ବର୍ଷ ଧାନ କ୍ରୟ କେନ୍ଦ୍ର ଗୁଡିକରେ ସପ୍ତାହର ୬ ଦିନ ରବିବାର ବ୍ୟତୀତ ସକାଳ ୭ ଘଣ୍ଟା ରୁ ଅପରାହ୍ନ ୧୨ ଘଣ୍ଟା ପର୍ଯ୍ୟନ୍ତ ଧାନ କ୍ରୟ କରାଯିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ପରିସ୍ଥିତିକୁ ଦେଖି ଯଦି ଆବଶ୍ୟକ ପଡ଼େ। ତେବେ ରବିବାର ଦିନ ମଧ୍ୟ ମଣ୍ଡି ଚାଲୁ ରହିବ। ଚଳିତ ବର୍ଷ ରବି ଧାନ ବିକ୍ରୟ କରିବା ପାଇଁ ଜିଲ୍ଲାର ୩୫୫୭୯ ଜଣ ଚାଷୀ ପଞ୍ଜିକରଣ ହୋଇଥିବା ବେଳେ ଗତ ରବିରେ ୩୫୫୮୫ ଜଣ ଚାଷୀ ପଞ୍ଜିକୃତ ହୋଇ ୨୨୯୯୮୨୧.୬୭ କ୍ୱିଣ୍ଟାଲ ଧାନ କିଣାଯାଇଥିବା ବିଭାଗ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। ଗ୍ରୀଷ୍ମ ପ୍ରବାହ ଓ ପ୍ରାକ୍ ମୌସୁମୀକୁ ଦୃଷ୍ଟିରେ ରଖି ସମସ୍ତ ଧାନ କ୍ରୟଗୁଡିକରେ ଯେକୌଣସି ପ୍ରକାର ଅସୁବିଧାକୁ ସମ୍ମୁଖୀନ ଓ ପ୍ରତିହତ କରିବା ନିମନ୍ତେ ପାନୀୟ ଜଳ, ବିଜୁଳି, ତ୍ରିପୋଲିନ ଓ ଚାଷୀ ଙ୍କ ପାଇଁ ଆଶ୍ରୟସ୍ଥଳି ପ୍ରତି ବିଶେଷ ଗୁରୁତ୍ୱ ଦେବା ସହ ଚାଷୀ ଯେପରି ରବି ଧାନ ବିକ୍ରୟକୁ ସହଜ, ସୁବିଧା, ଓ ସ୍ୱଚ୍ଛତାର ସହ କରିପାରିବ। ସେଥିପ୍ରତି ବିଶେଷ ଯତ୍ନବାନ ହେବାକୁ ଜିଲ୍ଲାପାଳ ତଥା ଅଧକ୍ଷା ଶ୍ରୀମତୀ ଦାସ ନିର୍ଦ୍ଦେଶ ଦେବା ସହ ବିଭାଗୀୟ ସମ୍ପୃକ୍ତ ଅଧିକାରୀବୃନ୍ଦ ନିଜ ନିଜ ବିଭାଗ ମଧ୍ୟରେ ସୁସମନ୍ୱୟ ରକ୍ଷା ପୂର୍ବକ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଛନ୍ତି। ବୈଠକରେ ଚାଷୀ ପ୍ରତିନିଧି ତଥା ମିଲର ସଂଘ ପ୍ରତିନିଧିମାନଙ୍କ ଦ୍ୱାରା ଆଗତ ଗତ ବର୍ଷ ଧାନ କ୍ରୟ ସମୟରେ ଓ ପରେ ଉପୁଜିଥିବା ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରାଯାଇଥିଲା। ଗତବର୍ଷ ହୋଇଥିବା ତ୍ରୁଟିର ସମାଧାନ ଦିଗରେ ଜିଲ୍ଲା ପ୍ରଶାସନ ଗୁରୁତ୍ୱଦେଇ ଚଳିତ ବର୍ଷ ରବିଧାନ କ୍ରୟକୁ ସୁ ବ୍ୟବସ୍ଥିତ କରାଯିବ ବୋଲି ଜିଲ୍ଲାପାଳ ବୈଠକରେ ସୂଚନା ଦେଇଥିଲେ। ସମ୍ପୃକ୍ତ ସମସ୍ତଙ୍କ ମିଳିତ ସହଯୋଗରେ ଚଳିତ ବର୍ଷ ରବି ଧାନ କ୍ରୟ ଯେପରି ସୁରୁଖୁରୁରେ ସମ୍ପନ୍ନ ହେବ ସେଥିପାଇଁ ସମ୍ପୃକ୍ତ ଅଧିକାରୀମାନେ ଆଗୁଆ ପ୍ରସ୍ତୁତିର ସରଜମିନ ଯାଞ୍ଚ ସହ ତୃଣମୂଳ ସ୍ତରରେ ସୁ ସମନ୍ୱୟ ରକ୍ଷା ପୂର୍ବକ କାର୍ଯ୍ୟ କରିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି। ଅନୁଷ୍ଠିତ ଏହି ବୈଠକରେ ଜିଲ୍ଲା ମୁଖ୍ୟ ଉଦ୍ୟନ ଓ କାର୍ଯ୍ୟ ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ଅଶ୍ୱିନୀ କୁମାର ମେହେର, ବୀରମହାରାଜପୁର ଉପଜିଲ୍ଲାପାଳ ଲଲାଟେନ୍ଦୁ ସି, ଜିଲ୍ଲା କୃଷି ଅଧିକାରୀ ଡ. ବିଭୁତି ଭୂଷଣ ମିଶ୍ର ଜିଲ୍ଲା ଯୋଗାଣ ଅଧିକାରୀ, ସମ୍ପାଦକ ନିୟନ୍ତ୍ରିତ ବଜାର କମିଟି, ଜିଲ୍ଲା ସମବାୟ ଉପନିବନ୍ଧକ ସୁବର୍ଣ୍ଣପୁର, ଜିଲ୍ଲା ଚାଷୀ ସଂଗଠନର କର୍ମକର୍ତ୍ତା, ମିଲର୍ସ ପ୍ରତିନିଧି ଓ ଜିଲ୍ଲାସ୍ତରୀୟ ବିଭିନ୍ନ ଅଧିକାରୀ ଅଂଶ ଗ୍ରହଣ କରି ଆଲୋଚନାରେ ଭାଗ ନେଇଥିଲେ। ବୈଠକରେ ସୁରେଶ ପାଣିଗ୍ରାହୀ ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ ସ୍ୱାଗତ କରିବା ସହ ଅଧକ୍ଷ୍ୟଙ୍କ ଅନୁମତିରେ ଆଲୋଚିତ କାର୍ଯ୍ୟ ଖସଡ଼ା ବୈଠକରେ ଉପସ୍ଥାପନ କରିଥିଲେ।

# ସାଧାରଣ ସୁବିଧାରୁ ବଞ୍ଚିତ ଶିଶୁମାନଙ୍କ ସୋଆ କମ୍ୟୁନିଟି ରେଡ଼ିଓ ପରିଦର୍ଶନ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ସାଧାରଣ ମାନର ଜୀବନଯାପନ ଅଧିକାରରୁ ବଞ୍ଚିତ ପନ୍ଦର ଜଣ ଶିଶୁ ଗତ ଶନିବାର ଦିନ ସୋଆ କମ୍ୟୁନିଟି ରେଡ଼ିଓ ୯୦.୪ ବୁଲି ଦେଖିବା ସହ ରେଡ଼ିଓ ମାଧ୍ୟମରେ ନିଜର ଜୀବନର ଅନୁଭୂତି ବଖାଣିବା ସହ ନିଜର ଉତ୍ତମ ଭବିଷ୍ୟତ ନେଇ ଆଶା ପ୍ରକାଶ କରିଛନ୍ତି। ପ୍ରଥମ ଥର ପାଇଁ କୌଣସି ରେଡ଼ିଓ ଷ୍ଟେସନ୍‌କୁ ଆସି ଅଭିଭୂତ ହୋଇପଡ଼ିବା ସହ ଦୈନନ୍ଦିନ ଜୀବନରେ ସେମାନେ କିଭଳି ରାଜରାସ୍ତାରେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି ଏବଂ ସମ୍ମାନର ସହ ସାଧାରଣ ଜୀବନ ବଞ୍ଚିବା ପାଇଁ କିଭଳି ସଂଘର୍ଷ କରୁଛନ୍ତି ସେ ନେଇ ଏହି କାର୍ଯ୍ୟକ୍ରମରେ ନିଜ ଅନୁଭୂତି ବଖାଣି ଥିଲେ। ଦଶମ ଶ୍ରେଣୀରେ ପଢୁଥିବା ୧୫ ବର୍ଷୀୟା ଲକ୍ଷ୍ମୀ ରେଡ୍ଡୀ ଜଣେ ଦିନ ମଜୁରିଆ ଭାବେ କାମ କରୁଥିବା ବେଳେ ୧୨ ବର୍ଷର କାହ୍ନା ସିଂ କିଭଳି ନିଶାଗ୍ରସ୍ତ ହୋଇ ପରେ ଏହି ରାକ୍ଷାସ କବଳରୁ ମୁକୁଳି





ପାରିଥିଲେ ତାହା ବର୍ଣ୍ଣନା କରିଥିଲେ। ଏହି ପିଲାମାନେ ରେଡ଼ିଓ ଜକି (ଆର୍‌ଜେ)ଙ୍କ ସାମ୍ନାରେ ନିଶା ଆସକ୍ତି, ବାଲ୍ୟ ବିବାହ, ଯୌନ ନିର୍ଯାତନା ଏବଂ ଶିଶୁ ଶ୍ରମିକ ଭାବେ ସେମାନଙ୍କ ଅନୁଭୂତି ଓ ଚିନ୍ତାଧାରା ବଖାଣି ଥିଲେ। ଆମେ ଆମ ଇଚ୍ଛାରେ ଏହା କରିନାହୁଁ ମାତ୍ର ପରିସ୍ଥିତି ଆମକୁ ଏଭଳି ଅବସ୍ଥାକୁ ଆଣିଛି ବୋଲି ଜଣେ କହିଥିଲେ। ସୋଆ କମ୍ୟୁନିଟି ରେଡ଼ିଓ ୯୦.୪ର ଅଫିସର ଇନ୍‌ଚାର୍ଜ ଶ୍ରୀମତି ହନୀ ପଟ୍ଟନାୟକ କହିଛନ୍ତି ଯେ ଏଭଳି ରେଡ଼ିଓ କାର୍ଯ୍ୟକ୍ରମରେ ଭାଗ ନେବା ଦ୍ୱାରା ଏହି ପିଲାମାନଙ୍କ ମଧ୍ୟରେ ଅଧିକ ଉତ୍ସାହ ବଢ଼ିବ। ଏହି ମାଧ୍ୟମ ଦ୍ୱାରା ଆମେ ଏଭଳି ପିଲାମାନଙ୍କୁ ଉତ୍ତମ ମଣିଷ ହେବାରେ ସାହାଯ୍ୟ କରିବାକୁ ଚେଷ୍ଟା କରୁଛୁ ବୋଲି ସେ କହିଥିଲେ। ଏହି କାର୍ଯ୍ୟକ୍ରମରେ ଯୋଗ ଦେବା ନିମନ୍ତେ ପିଲାମାନଙ୍କୁ ଏକ ସ୍ୱେଚ୍ଛାସେବୀ ସଂଗଠନ ସାହାଯ୍ୟ କରିଥିଲେ।

# ଫକୀରମୋହନ ବିଶ୍ୱବିଦ୍ୟାଳୟରେ ସ୍ନାତକୋତ୍ତର ଶିକ୍ଷା ବିଭାଗର ବାର୍ଷିକୋତ୍ସବ 'ଅମୃତମସ୍ତୁତେ'

**ବାଲେଶ୍ୱର, ନ୍ୟୁଜ୍**

ଫକୀରମୋହନ ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ଶିକ୍ଷା ବିଭାଗର ବାର୍ଷିକୋତ୍ସବ ଅମୃତମସ୍ତୁତେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ସଂପୂର୍ଣ୍ଣ ଦିନିକିଆ କାର୍ଯ୍ୟକ୍ରମଟି ଆଲୁମିନି ମିଟ୍, ଆଲୁମିନି କଲୋକ୍ୱିମ ଏବଂ ବିଭାଗର ବାର୍ଷିକୋତ୍ସବ-୨୦୨୪କୁ ନେଇ ପ୍ରସ୍ତୁତ କରାଯାଇଥିଲା ଓ ବିଶ୍ୱବିଦ୍ୟାଳୟର ପୁରାତନ କ୍ୟାମ୍ପସ୍ ପରିସରରେ ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମର ପ୍ରଥମ ଅଧିବେଶନଟି ବିଭାଗ ମୁଖ୍ୟ ପ୍ରଫେସର ଡକ୍ଟର ଜ୍ୟୋତି ଶଙ୍କର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଆରମ୍ଭ କରାଯାଇଥିଲା। ଏଥିସହ ପୁରାତନ ଛାତ୍ର ସଂସଦର ସଂଯୋଜକ ପ୍ରଫେସର ଡକ୍ଟର ଅମୂଲ୍ୟ କୁମାର ଆଚାର୍ଯ୍ୟ, ପୁରାତନ ଛାତ୍ର ସଂସଦର ସଭାପତି ଲକ୍ଷ୍ମୀନାରାୟଣ ନାୟକ ପ୍ରମୁଖ ଯୋଗଦେଇ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। ଏଥିସହିତ ବିଭାଗର ପୁରାତନ ଛାତ୍ର ଡକ୍ଟର ରାମଚନ୍ଦ୍ର ମାଝି ଓ ଲକ୍ଷ୍ମୀନାରାୟଣ





ନାୟକ ବିଭାଗର ଉନ୍ନତିକରଣ ଓ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ବିଷୟଗୁଡ଼ିକ ସମ୍ପର୍କରେ ବିବିଧ ଆଲୋଚନା କରିଥିଲେ। ଏଥିରେ ପ୍ରାୟ ୨୦୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଦ୍ୱିତୀୟ ଅଧିବେଶନ ତଥା ବିଭାଗର ବାର୍ଷିକୋତ୍ସବ କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାର ଆନୁଷ୍ଠାନିକ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ବିଶେଷ ଅତିଥି ଭାବରେ ବିଶ୍ୱବିଦ୍ୟାଳୟର ପୂର୍ବତନ ଛାତ୍ର ସଂସଦର ପ୍ରେସିଡେଣ୍ଟ ଡା. ଚୌଧୁରୀ ସତ୍ୟବ୍ରତ ନନ୍ଦ, ମୁଖ୍ୟ ବକ୍ତା ରୂପେ ଭାଷା ଓ ସାହିତ୍ୟ ବିଭାଗର ମୁଖ୍ୟ ପ୍ରଫେସର ଡକ୍ଟର ଦେବାଶିଷ ପାତ୍ର ଯୋଗଦେଇଥିଲେ। ସ୍ନାତକୋତ୍ତର ଶିକ୍ଷା ବିଭାଗ ମୁଖ୍ୟ ପ୍ରଫେସର ଡକ୍ଟର ଜ୍ୟୋତି ଶଙ୍କର ପ୍ରଧାନ ବିଭାଗର ବାର୍ଷିକ ବିବରଣୀ ପାଠ କରିଥିଲେ ଓ ପ୍ରଫେସର ଡକ୍ଟର ଅମୂଲ୍ୟ କୁମାର ଆଚାର୍ଯ୍ୟ ଅତିଥି ପରିଚୟ ପ୍ରଦାନ କରିଥିଲେ। କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଛାତ୍ରଛାତ୍ରୀଙ୍କୁ ଉଦ୍‌ବୋଧନ ଦେଇ କହିଥିଲେ, ଜଳକୁ ନିଜର ଆଦର୍ଶ ଭାବରେ ଗ୍ରହଣ କରି ସର୍ବଦା ପ୍ରଗତିଶୀଳ ବା ପ୍ରବାହମାନ ଜୀବନ ଗଠନ କରାଯାଉ। ଆଗ୍ରହ, ସ୍ପୃହା, ଲକ୍ଷ୍ୟ ତଥା ଉଦ୍ୟମ ଦ୍ୱାରା ଜୀବନରେ ସବୁ ସମ୍ଭବ ହୋଇପାରିବ। ପୁରାତନ ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇବା ସହ ସମସ୍ତ ଛାତ୍ରଛାତ୍ରୀଙ୍କୁ ଉଜ୍ଜ୍ୱଳ ଭବିଷ୍ୟତ ଗଢ଼ିବାରେ ସଫଳତା ଲାଭ କରିବେ ବୋଲି କୁଳପତି ପ୍ରଫେସର ତ୍ରିପାଠୀ ଆଶାବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମର ବିଶେଷ ଅତିଥି ଡା. ନନ୍ଦ ବିଦ୍ୟାର୍ଥୀ ଜୀବନର ମୂଳ ଲକ୍ଷ୍ୟ ଆନନ୍ଦ, ସ୍ୱାଧୀନତା ଓ ଜିଜ୍ଞାସା ଭିତରେ ଲୁଚି ରହିଥାଏ ବୋଲି ନିଜ ଅଭିଭାଷଣରେ ଉଲ୍ଲେଖ କରିଥିଲେ। ଜଣେ ଜ୍ଞାନ ଆହରଣ କରିବା ସକାଶେ ଜିଜ୍ଞାସୁ ହେବା ଆବଶ୍ୟକ ଓ ବିଦ୍ୟା ଗ୍ରହଣ ସହ ନୈତିକ ମୂଲ୍ୟବୋଧର ସମ୍ମିଶ୍ରଣ ରହିବାର ଆବଶ୍ୟକ ରହିଛି। ଆଚରଣ ଓ ବଚନର ମାର୍ଜିତ ରୂପ ବ୍ୟକ୍ତିଗତ ବିକାଶ ତଥା ସାମାଜିକ ବିକାଶରେ ସହାୟକ ହୁଏ ବୋଲି ଅଭିବ୍ୟକ୍ତ କରିଥିଲେ। ଏଥିସହ ମୁଖ୍ୟବକ୍ତା ପ୍ରଫେସର ଡକ୍ଟର ଦେବାଶିଷ ପାତ୍ର, ସୃଜନ ପ୍ରବୃତ୍ତିକୁ ନେଇ ଭବିଷ୍ୟତ ଗଠନ କରନ୍ତୁ କହି ଛାତ୍ରଛାତ୍ରୀଙ୍କୁ ଉପଦେଶ ଦେଇଥିଲେ ଓ ନୂତନ ଉଦ୍ଭାବନମୂଳକ ଚିନ୍ତାଧାରା ନେଇ ପାଠ ପଢିବାକୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରଛାତ୍ରୀଙ୍କୁ ମାନପତ୍ର ସହ ପୁରସ୍କୃତ କରାଯାଇଥିଲା।

କାର୍ଯ୍ୟକ୍ରମକୁ ସ୍ନାତକୋତ୍ତର ଶିକ୍ଷା ବିଭାଗ ଆସିଷ୍ଟାଣ୍ଟ ପ୍ରଫେସର ଡକ୍ଟର ପ୍ରତିମା ପ୍ରଧାନ ସଂଚାଳନ କରିଥିଲେ ଓ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ବିଭାଗର ଛାତ୍ରଛାତ୍ରୀଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

30 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୧୨ ଅପ୍ରେଲ୨୦୨୪ ଶୁକ୍ରବାର





# ଇଦ୍ ଉଲ୍-ଫିତର ପାଳନକୁ ନେଇ ଚଳଚଞ୍ଚଳ ମସ୍‌ଜିଦ

**ଭୁବନେଶ୍ୱର,ନ୍ୟୁଜ୍‌ବ୍ୟୁରୋ**

ଗୁରୁବାର ଉତ୍ସାହ ଉଦ୍ଦୀପନା ମଧ୍ୟରେ ପବିତ୍ର ଇଦ-ଉଲ-ଫିତର ପର୍ବ ପାଳିତ ହୋଇଯାଇଛି । ଦୀର୍ଘ ଏକ ମାସର ଉପବାସ ବ୍ରତ ରମ୍‌ଜାନର ଉଦ୍‌ଯାପନ ହୋଇଛି । ଏହି ପର୍ବ ପାଳନ ପାଇଁ ଉତ୍ସବ ମୁଖର ଖୋର୍ଦ୍ଧା ଏବଂ ରାଉରକେଲା ସହର । ସହରର ମୁସଲିମ ସମ୍ପ୍ରଦାୟର ଛୋଟ ପିଲାଙ୍କ ଠାରୁ ବୟସ୍କଙ୍କ ପର୍ଯ୍ୟନ୍ତ ସମସ୍ତେ ଏହି ପର୍ବରେ ସାମିଲ ହୋଇଥିଲେ ।

ସକାଳୁ ରାଉରକେଲା ଇଦ୍‌ଗା ପଡ଼ିଆରେ ଏକତ୍ରିତ ହୋଇଥିଲେ ମୁସଲିମ ଧର୍ମାବଲମ୍ବୀ । ସମ୍ପୂର୍ଣ୍ଣ ପାରମ୍ପରିକ ଭାବରେ କୁର୍ତ୍ତା, ପାଇଜାମା ଏବଂ ଟୋପି ପିନ୍ଧି ଏକତ୍ରିତ ହୋଇ ସମସ୍ତ ମୁସଲିମ ଭାଇମାନେ ଇଦ୍ ପାଳନ କରିଥିଲେ । ସକାଳେ ରାଉରକେଲା ପ୍ଲାଣ୍ଟସାଇଟ ରୋଡ଼ ସ୍ଥିତ ଇଦଗା ମୈଦାନରେ ବହୁ ସଂଖ୍ୟାରେ ମୁସଲମାନ ସମ୍ପ୍ରଦାୟର ଲୋକମାନେ ଯୋଗ ଦେଇ ଇଦ୍ ନମାଜରେ ସାମିଲ ହୋଇଥିଲେ । ଇଦ୍ ମୁବାରକ୍ ଜଣାଇବାକୁ ଅନ୍ୟ ସମ୍ପ୍ରଦାୟର ଲୋକମାନେ ମଧ୍ୟ ଇଦ୍‌ଗା ମୈଦାନରେ ଉପସ୍ଥିତ ଥିଲେ ।

ସେହିପରି ବିଭିନ୍ନ ମସ୍‌ଜିଦରେ ମଧ୍ୟ ନମାଜ ପାଠ ହୋଇଥିଲା । ଏହାଛଡ଼ା ୧୫ ନମ୍ବର ସେକ୍ଟର, ବନ୍ଧମୁଣ୍ଡା, ବିଶ୍ରା, କଳୁଙ୍ଗା, ପାନପୋଷ ଆଦି ସ୍ଥାନରେ ମଧ୍ୟ ଇଦ୍ ନମାଜ୍ ଶାନ୍ତି ଶୃଙ୍ଖଳା ସହ ସମାହିତ ହୋଇଥିଲା । ସେପଟେ ସହରରେ କୌଣସି ବିଶୃଙ୍ଖଳା ପରିସ୍ଥିତି ନ ହେବା ପାଇଁ ରାଉରକେଲା ପୋଲିସ ପକ୍ଷରୁ ମଧ୍ୟ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା ।

ଅନ୍ୟପଟେ ଖୋର୍ଦ୍ଧା ଜିଲ୍ଲାର ବିଭିନ୍ନ ସ୍ଥାନରେ ଏହି ପର୍ବକୁ ବେଶ୍ ଧୂମ୍‌ଧାମରେ ପାଳନ କରିଛନ୍ତି ମୁସଲମାନ ସମ୍ପ୍ରଦାୟର ଜନସାଧାରଣ । ବିଶେଷକରି ରାଉତପଡ଼ାରେ ବସବାସ କରୁଥିବା ମୁସଲମାନମାନେ ପବିତ୍ର ରମ୍‌ଜାନ ମାସରେ ରୋଜା ରଖିବା ସହ ତରାବି ନମାଜ୍ ପୂରା ମାସେ ପର୍ଯ୍ୟନ୍ତ ପଢ଼ି ଗୁରୁବାର ଇଦ୍ ନମାଜ୍ ପଢ଼ିଛନ୍ତି । ସମସ୍ତେ ମିଳିମିଶି ସାହିକୁ ସାଜସଜ୍ଜା କରିବା ସହ ସକାଳୁ ଗ୍ରାମରେ ଥିବା ଇଦ୍‌ଗା ପଡିଆରେ ଏକତ୍ରିତ ହୋଇ ପରସ୍ପରକୁ ଖଜୁରୀ ଖୁଆଇ ଆଲିଙ୍ଗନ କରି ଇଦ୍ ପର୍ବର ଅଭିନନ୍ଦନ ଜଣାଇବା ସହ ନମାଜ ପଢ଼ିଛନ୍ତି ।

ସୂଚନା ଥାଉ କି, ମୁସଲମାନମାନଙ୍କ ପାଇଁ ଏହା ଏକ ବଡ଼ ପର୍ବ । ଇଦ୍ ସହ ଶେଷ ହେଲା ଦୀର୍ଘ ଏକ ମାସ ଧରି ଚାଲିଥିବା ଉପବାସ । ଏହି ରମଜାନ ମାସକୁ ଇସଲାମରେ ସବୁଠାରୁ ପବିତ୍ର ମାସ ବୋଲି କୁହାଯାଏ । ଏହି ସମୟରେ ଦାନଧର୍ମ କରାଯାଇଥାଏ । ଏହା ମଧ୍ୟ ବିଶ୍ୱାସ ରହିଛି ରୋଜା ରଖି ନମାଜ ପଢ଼ିଲେ ଈଶ୍ୱର ବର୍ଷ ଯାକର ପାପ କ୍ଷମା କରନ୍ତି ଏବଂ ପୁଣ୍ୟ ମିଳିଥାଏ । ଉପବାସର ଅର୍ଥ ହେଉଛି ତୁମର ବିଶ୍ୱାସ ବଜାୟ ରଖିବା, ମନକୁ ଆସୁଥିବା ଖରାପ ଚିନ୍ତାଧାରାକୁ ତ୍ୟାଗ କରିବା, ପାପ କାମଠାରୁ ଦୂରେଇ ରହିବା ।

# ସମ୍ବଲପୁରରେ ଧାର୍ମିକ ଶୋଭାଯାତ୍ରାକୁ ନା, କଟକଣା ବଳବତ୍ତର

**ସମ୍ବଲପୁର,ନ୍ୟୁଜ୍‌ବ୍ୟୁରୋ**

ଚଳିତ ବର୍ଷ ବି ସମ୍ବଲପୁରରେ ହେବନି କୌଣସି ଧାର୍ମିକ ଶୋଭାଯାତ୍ରା । ଗତବର୍ଷରେ ଲଗାଇ ଥିବା ରୋକକୁ ବଳବତ୍ତର ରଖିଲା ଜିଲ୍ଲା ପ୍ରଶାସନ । ଆଗକୁ ରାମ ନବମୀ, ହନୁମାନ ଜନ୍ମ ଉତ୍ସବ ପରି ପର୍ବ ଥିବା ବେଳେ ଜିଲ୍ଲା ପ୍ରଶାସନ ଏହି ପଦକ୍ଷେପ ନେଇଛି । ଆସନ୍ତା ୧୪ ତାରିଖରେ ସମ୍ବଲପୁରରେ ହନୁମାନ ଜନ୍ମ ଉତ୍ସବ ପାଳନ ହେବାକୁ ଥିବା ବେଳେ ଜିଲ୍ଲା ପ୍ରଶାସନ ପକ୍ଷରୁ ଆୟୋଜିତ ଶାନ୍ତି କମିଟି ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି ।

ସମ୍ବଲପୁରରେ ହନୁମାନ ଜନ୍ମ ଉତ୍ସବ ପ୍ରତ୍ୟେକ ବର୍ଷ ମହା ଆଡମ୍ବରରେ ପାଳିତ ହୋଇଥାଏ । ତେବେ ଗତ ବର୍ଷ ହନୁମାନ ଜନ୍ମ ଉତ୍ସବ ପାଳନ ସମୟରେ ସମ୍ବଲପୁରରେ ସାମ୍ପ୍ରଦାୟିକ ହିଂସା ଓ ଜଳାପୋଡ଼ା ହୋଇଥିଲା । ଏହାକୁ ଦୃଷ୍ଟିରେ ରଖି ସମ୍ବଲପୁର ଜିଲ୍ଲା ପ୍ରଶାସନ ଗତବର୍ଷ ଠାରୁ ସମ୍ବଲପୁରରେ କୌଣସି ଧାର୍ମିକ ଶୋଭାଯାତ୍ର ହୋଇ ପାରିବନି ବୋଲି ନିଷ୍ପତ୍ତି ନେଇଥିଲା । ଏହି ନିଷ୍ପତ୍ତି ଚଳିତ ଥର ମଧ୍ୟ ବଳବତ୍ତର ରହିବ ବୋଲି ସମ୍ବଲପୁର ଜିଲ୍ଲାପାଳ କହିଛନ୍ତି । ଲୋକେ ନିଜ ନିଜ ଘରେ ଓ ମନ୍ଦିର ଭିତରେ ଶାନ୍ତି ଶୃଙ୍ଖଳାର ସହ ଶ୍ରୀରାମ ନବମୀ, ହନୁମାନ ଜୟନ୍ତୀ ପାଳନ କରନ୍ତୁ ବୋଲି ଜିଲ୍ଲାପାଳ ଅପିଲ କରିଛନ୍ତି । ଚଳିତ ବର୍ଷ ନିର୍ବାଚନ ହେବାକୁ ଥିବା ବେଳେ କୌଣସି ଅପ୍ରିତିକର ପରିସ୍ଥିତିକୁ ଏଡ଼େଇବା ପାଇଁ ଏହି ପଦକ୍ଷେପ ନିଆଯାଇଛି ବୋଲି ଜିଲ୍ଲାପାଳ ସୂଚନା ଦେଇଛନ୍ତି ।

ସୂଚନାଯୋଗ୍ୟ ଯେ ଗତ ବର୍ଷ ଏପ୍ରିଲ ୧୨ ତାରିଖରେ ହନୁମାନ ଜୟନ୍ତୀ ଅବସରରେ ଏକ ବାଇକ୍ ରାଲି ଅନୁଷ୍ଠିତ ହୋଇଥିଲା । ଏହି ରାଲି ସହରର ଏକ ନିର୍ଦ୍ଦିଷ୍ଟ ଅଞ୍ଚଳ ଦେଇ ଯାଉଥିବା ବେଳେ ଏକ ନିର୍ଦ୍ଦିଷ୍ଟ ସମ୍ପ୍ରଦାୟର ଲୋକଙ୍କ ପକ୍ଷରୁ ଭୟଙ୍କର ପଥର ମାଡ଼ କରାଯାଇ ଥିଲା । ଏହି ପଥର ମାଡ଼ରେ ଧନୁପାଲି ଥାନା ଅଧିକାରୀ ଅନୀତା ପ୍ରଧାନ ଓ ହନୁମାନ ଜୟନ୍ତୀ ସମନ୍ୱୟ ସମିତିର ପ୍ରମୁଖ ସଦସ୍ୟ ଦାମୋଦର କର ଗୁରୁତର ଆହତ ହୋଇଥିବା ବେଳେ ବହୁ ଲୋକ ଆହତ ହୋଇଥିଲେ । ଏହା ପରେ ଏପ୍ରିଲ ୧୪ ତାରିଖରେ ହନୁମାନ ଜୟନ୍ତୀ ପାଳନ ସମୟରେ ସହରର କେତେକ ଅଞ୍ଚଳରେ ଏକ ନିର୍ଦ୍ଦିଷ୍ଟ ସମ୍ପ୍ରଦାୟର ଲୋକଙ୍କ ଦୋକାନ ଗୁଡିକୁ କେତେକ ଲୋକ ନିଆଁ ଲଗାଇ ଦେଇଥିଲେ ।

ଏହି ଦିନ ସୃଷ୍ଟି ହୋଇଥିବା ହିଂସାରେ ଜଣେ ଆଦିବାସୀ ଯୁବକଙ୍କ ଜୀବନ ଯାଇଥିବା ବେଳେ ଅନ୍ୟ ଜଣେ ଯୁବକ ଗୁରୁତର ଆହତ ହୋଇଥିବାର ଅଭିଯୋଗ ହୋଇଥିଲା । ତେବେ ଜିଲ୍ଲା ପ୍ରଶାସନ ଏହି ଘଟଣାକୁ ସାମ୍ପ୍ରଦାୟିକ ହିଂସା ବୋଲି ସ୍ୱୀକାର କରିନଥିଲେ । ସମ୍ବଲପୁରରେ ଜିଲ୍ଲା ପ୍ରଶାସନ ସମ୍ପୂର୍ଣ୍ଣ ରୂପେ ଧାର୍ମିକ ଶୋଭାଯାତ୍ରା ଉପରେ ରୋକ ଲଗେଇବା ଘଟଣାକୁ କେତେକ ଲୋକ ନାପସନ୍ଦ କରିଛନ୍ତି ଓ କିଛି ଲୋକ ସ୍ୱାଗତ କରିଛନ୍ତି ।

# ବେଲବାହାଲି ପଡିଆରେ କଂଗ୍ରେସ କର୍ମୀ ସମ୍ମିଳନୀ ଓ ସମାବେଶ

**ଆନନ୍ଦପୁର,ନ୍ୟୁଜ୍‌ବ୍ୟୁରୋ**



ଆନନ୍ଦପୁର ବ୍ଲକ ଅନ୍ତର୍ଗତ ବେଲବାହାଲି ପଡ଼ିଆରେ ହଜାର ହଜାର କର୍ମୀଙ୍କ ସମାବେଶରେ କଂଗ୍ରେସର କର୍ମୀ ସମ୍ମିଳନୀ ରେ ଜୟଦେବଙ୍କ ରଣହୁଙ୍କାର କର୍ମୀଙ୍କୁ ସ୍ତମ୍ଭୀଭୁତ କରିଥିଲା । ଆନନ୍ଦପୁରରୁ ଜୟଦେବ ଜିତିବା ନେଇ ଦୃଢୋକ୍ତି କର୍ମୀଙ୍କ ମନୋବଳ ଦୃଢ଼ କରିଥିଲା । ସାଧାରଣ ନିର୍ବାଚନ ଯେତିକି ପାଖେଇ ଆସୁଛି ନେତାମାନଙ୍କ ମଧ୍ୟରେ ରାଜନୈତିକ ଉଷ୍ମତା ସେତିକି ଦେଖିବାକୁ ମିଳୁଛି । ଆନନ୍ଦପୁର ନିର୍ବାଚନ ମଣ୍ଡଳୀ ବେଲବାହାଲି ଠାରେ କର୍ମୀ ସମ୍ମିଳନୀ କରି କଂଗ୍ରେସ ନେତା ଜୟଦେବ ଯେନା ନିଜର ଶକ୍ତି ପ୍ରଦର୍ଶନ କରିଛନ୍ତି । ଆନନ୍ଦପୁର ନିର୍ବାଚନ ମଣ୍ଡଳୀରେ କେବଳ ବିଜେପି ତା'ର ବିଧାୟକ ପ୍ରାର୍ଥୀ ଘୋଷଣା କରିଥିବା ବେଳେ ଖୁବ୍‌ଶୀଘ୍ର ବିଜେଡି ଓ କଂଗ୍ରେସ ନିଜର ବିଧାୟକ ପ୍ରାର୍ଥୀ ଘୋଷଣା କରିପାରନ୍ତି । ତେବେ କଂଗ୍ରେସ ଦଳର ପୁରୁଖା ନେତା ଜୟଦେବ ଜେନା ଏକ କର୍ମୀ ସମ୍ମିଳନୀ କରି ସେଠାରୁ ବିଜେଡି ଓ ବିଜେପି ଉଭୟଙ୍କ ବିରୁଦ୍ଧରେ ରଣହୁଙ୍କାର ଦେଇଥିବା ଦେଖିବାକୁ ମିଳିଛି । ଚଳିତ ଥର ନିର୍ବାଚନରେ ଜୟଦେବ ନିଜେ ଆନନ୍ଦପୁର ନିର୍ବାଚନ ମଣ୍ଡଳୀରୁ ପ୍ରାର୍ଥୀ ହେବା ସହିତ ଘସିପୁରାରୁ ନିରଞ୍ଜନ ପଟ୍ଟନାୟକ ପ୍ରାର୍ଥୀ ହେବେ ଏବଂ ଉଭୟ ବିଜୟ ଲାଭ କରିବେ ବୋଲି ଦୃଢୋକ୍ତି ପ୍ରକାଶ କରିଛନ୍ତି । ଏହି କର୍ମୀ ସମ୍ମିଳନୀରେ ଶତାଧିକ କଂଗ୍ରେସ କର୍ମୀ ସହିତ କେନ୍ଦୁଝର ଜିଲ୍ଲାର ପୂର୍ବତନ ସାଂସଦ ଯଶବନ୍ତ ସିଂ ଲାଗୁରି ଯିଏକି କିଛି ଦିନ ପୂର୍ବରୁ ବିଜେଡି ଛାଡି କଂଗ୍ରେସରେ ଯୋଗଦାନ କରିଛନ୍ତି । ସେ ଯୋଗଦେଇ କର୍ମୀଙ୍କୁ ଗୁରୁମନ୍ତ୍ର ପ୍ରଦାନ କରିଥିଲେ । ଏଥିସହିତ କଂଗ୍ରେସର ରାଜ୍ୟ ଯୁବ ସମ୍ପାଦକ ମନୋଜ କୁମାର ଜେନା ଯୋଗଦେଇ ଆନନ୍ଦପୁରବାସୀ ଏବଂ ବେଲବାହାଲି ଅଞ୍ଚଳର ସର୍ବାଙ୍ଗିନ ଉନ୍ନତି ନେମନ୍ତେ ଆଗାମୀ ଦିନରେ କାର୍ଯ୍ୟ କରିବେ ବୋଲି ପ୍ରକାଶ କରିଥିଲେ । ଉକ୍ତ କର୍ମୀ ସମ୍ମିଳନୀରେ ହଜାର ହଜାର ସଂଖ୍ୟାରେ କଂଗ୍ରେସ କର୍ମୀମାନେ ଯୋଗଦେଇଥିଲେ ।

# ଇଦ୍‌ରେ ଭାଇଚାରାର ବାର୍ତ୍ତା : ମୁସଲମାନ ଭାଇଙ୍କୁ ଶୁଭେଚ୍ଛା ଜଣାଇଲେ ହିନ୍ଦୁ ଭାଇ

**କଟକ,ନ୍ୟୁଜ୍‌ବ୍ୟୁରୋ**



କଟକ ଜିଲ୍ଲା ନିଆଳିରେ ବେଶ୍ ଧୂମ୍‌ଧାମରେ ପାଳନ ହୋଇଛି ମୁସଲମାନ ଭାଇ ଭଉଣୀଙ୍କର ଦାନ, ଧର୍ମର ପର୍ବ ଇଦ୍ ଉଲ୍ ଫିତର୍ । ସବୁଠାରୁ ବଡ଼ କଥା ହେଲା ଏହି ଅବସରରେ ନିଆଳିର ହିନ୍ଦୁ ଭାଇମାନେ ମଧ୍ୟ ଉପସ୍ଥିତ ରହି ମୁସଲମାନ ଭାଇମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ଗୁରୁବାର ସକାଳୁ ନିଆଳିର ଡ୍ରୁା ପଡ଼ିଆରେ ସମୂହ ନମାଜ ପାଠ କରାଯାଇଥିଲା । ପରେ ଶୋଭାଯାତ୍ରାରେ ନିଆଳି ବଜାର ପରିକ୍ରମା କରିଥିଲେ ମୁସଲମାନ ଭାଇମାନେ, ଯେଉଁଥିରେ କି ହିନ୍ଦୁ ଭାଇମାନେ ମଧ୍ୟ ସେମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ । ଗୋଟେ ମାସ ଧରି ଓଷା ରଖିବା ପରେ ଗୁରୁବାର ଓଷା ଭାଙ୍ଗି ପର୍ବ ପାଳନ ହୋଇଥିଲା ।

# ସମ୍ ହସ୍ପିଟାଲରେ ସଂକ୍ରମଣ ପ୍ରତିହତ ଆଲୋଚନାଚକ୍ର

**ବ୍ରହ୍ମପୁର,ନ୍ୟୁଜ୍‌ବ୍ୟୁରୋ**

ହସ୍ପିଟାଲରେ ସଂକ୍ରମଣ ନିବାରଣ ନିମନ୍ତେ ବିଭିନ୍ନ ଆବଶ୍ୟକୀୟ ପଦକ୍ଷେପ ଉପରେ ଏଠାରେ ସିତଳାପଲ୍ଲୀ ସ୍ଥିତ ସମ୍ ହସ୍ପିଟାଲରେ ନିକଟରେ ଏକ କଣ୍ଟିନ୍ୟୁଇଂ ମେଡିକାଲ୍ ଏଜୁକେସନ୍ (ସିଏମ୍‌ଇ) ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ହସ୍ପିଟାଲ୍ ପରିବେଶରେ ହାତ ପରିଷ୍କାର ରଖିବା, ନିଜର ସୁରକ୍ଷା ଉପକରଣର ବ୍ୟବହାର, ବାୟୋମେଡିକାଲ୍ ବର୍ଜ୍ୟବସ୍ତୁ ପରିଚାଳନା, ସଂକ୍ରମଣରୁ ପୃଥକ ରହିବା ଓ ବ୍ୟବହୃତ ହେଉଥିବା ଉପକରଣ ଗୁଡ଼ିକୁ ଜୀବାଣୁ ରହିତ କରିବା ଆଦି ପଦକ୍ଷେପ ସଂକ୍ରମଣକୁ ପ୍ରତିହତ କରିବା ନିମନ୍ତେ ଅତ୍ୟନ୍ତ ଆବଶ୍ୟକୀୟ ଅଟେ । ଏହି ଆଲୋଚନାଚକ୍ରରେ ପୁଡୁଚେରୀ ସ୍ଥିତ ଜବାହର ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ପୋଷ୍ଟ ଗ୍ରାଜୁଏଟ୍ ମେଡିକାଲ୍ ଏଜୁକେସନ୍‌ର କ୍ଲିନିକାଲ୍ ମାଇକ୍ରୋବାୟୋଲଜିଷ୍ଟ ଡ. ଅପୂର୍ବ ଏସ୍. ଶାସ୍ତ୍ରୀ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିଲେ । ଡ଼. ଶାସ୍ତ୍ରୀ ହସ୍ପିଟାଲ୍‌ରେ ସଂକ୍ରମଣକୁ ନିୟନ୍ତ୍ରଣ କରିବା ଉପରେ ବିଶେଷ ଗବେଷଣା କରିଛନ୍ତି । ଏହି କାର୍ଯ୍ୟକ୍ରମକୁ ହସ୍ପିଟାଲ୍‌ର ଡାଇରେକ୍ଟର ଦେବ ପ୍ରସାଦ ଦାଶ ଆୟୋଜନ କରିଥିବା ବେଳେ ଏହାର ମେଡିକାଲ୍ ସୁପରିଟେଣ୍ଡେଣ୍ଟ ଡ଼. ଆନନ୍ଦ ଶାସ୍ତ୍ରୀ ଉଦ୍‌ଘାଟନ କରିଥିଲେ । ମୁଖ୍ୟ ବକ୍ତାଙ୍କୁ ଡ. ଇ. ଶିବ ରାଓ ସମ୍ବର୍ଦ୍ଧିତ କରିଥିଲେ ଏବଂ ଡ. ମନୋଜ ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ ।

# ଜିଲ୍ଲା ଶିକ୍ଷକ ପ୍ରଶିକ୍ଷଣ ଅନୁଷ୍ଠାନରେ ବାର୍ଷିକ ଉତ୍ସବ




**ବିଷମ କଟକ,ନ୍ୟୁଜ୍‌ବ୍ୟୁରୋ**

ରାୟଗଡ଼ା ଜିଲ୍ଲା ବିଷମକଟକ ଠାରେ ଅବସ୍ଥିତ ରାୟଗଡ଼ା ଜିଲ୍ଲା ଶିକ୍ଷକ ପ୍ରଶିକ୍ଷଣ ଅନୁଷ୍ଠାନରେ ବାର୍ଷିକ ଉତ୍ସବ ୨୦୨୪ ବହୁ ଆଡମ୍ବରରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ବିଷମକଟକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସଦାଶିବ ନାୟକ, ମୁଖ୍ୟ ବକ୍ତା ଭାବେ ବରିଷ୍ଠ ସାହିତ୍ୟିକ ତଥା ବରିଷ୍ଠ ଶିକ୍ଷକ ଶ୍ରୀରଙ୍ଗ ନାୟକ, ସମ୍ମାନୀତ ଅତିଥି ଭାବେ ତହସିଲଦାର କେ. ଭେଙ୍କେଟେଶ୍ୱର ରେଡ୍ଡି, ଜିଲ୍ଲା ଅତିରିକ୍ତ ଶିକ୍ଷା ଅଧିକାରୀ ଭଜନଲାଲ ମାଝୀ, ବିଷମ କଟକ ବ୍ଲକ ଶିକ୍ଷା ଅଧିକାରୀ ନବୀନ ଚନ୍ଦ୍ର ଖୋରା, କୋଲନରା ବ୍ଲକ ଶିକ୍ଷା ଅଧିକାରୀ ମଞ୍ଜୁଲତା ଜେନା, ଚନ୍ଦ୍ରପୁର ବ୍ଲକ୍ ଶିକ୍ଷା ଅଧିକାରୀ ଗଣେଶ ଶବର, ଅଧକ୍ଷ ବି.ଆଇ.ଇ.ଟି ଗୁଣପୁର ମନୋଜ ଗୋମାଙ୍ଗ ପ୍ରମୁଖ ଯୋଗ ଦେଇଥିଲେ । ଏହି ସଭାକାର୍ଯ୍ୟକୁ ଶିକ୍ଷକ ଶିକ୍ଷା ପ୍ରଶିକ୍ଷଣ କେନ୍ଦ୍ରର ଅଧକ୍ଷ ଶରତ ଚନ୍ଦ୍ର ସେଠ ସଭାପତିତ କରିଥିବା ବେଳେ ଶିକ୍ଷକ ପ୍ରଶିକ୍ଷିକା ଚନ୍ଦ୍ରକାନ୍ତି ନାୟକ ଓ ସି.ଆର.ସି.ସି. ଡୁକୁମ ରାଜେଶ କୁମାର ବିଶ୍ୱାଳ ମଞ୍ଚ ପରିଚାଳନା କରିଥିଲେ । କାର୍ଯ୍ୟକ୍ରମରେ ୧୧ ଗୋଟି ବ୍ଲକ୍‌ର ୧୧ଜଣ ଶିକ୍ଷକଙ୍କୁ ତାଙ୍କର ଅଭିନଭ ଶିକ୍ଷାଦାନ ପାଇଁ ସମ୍ବର୍ଦ୍ଧନା ଦିଆଯାଇଥିଲା । ଜାତୀୟ ସ୍ତରରେ କାର୍ଯ୍ୟରତ ଥିବା ସାଧାନକର୍ମୀ ରାଜେଶ କୁମାର ବିଶ୍ୱାଳଙ୍କୁ ମଧ୍ୟ ସମ୍ବର୍ଦ୍ଧନା ଦିଆଯାଇଥିଲା । ଏହି ଅବସରରେ ପ୍ରତିଷ୍ଠାନର ବାର୍ଷିକ ସ୍ମରଣିକା ଶବ୍ଦସଙ୍ଗମ ଅତିଥିମାନଙ୍କ ଦ୍ୱାରା ଉନ୍ମୋଚନ କରାଯାଇଥିଲା । ଅଧ୍ୟୟନରତ ଗୁରୁ ଛାତ୍ର ମଧ୍ୟରେ ହୋଇଥିବା ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଓ ଅନାନ୍ୟା ପ୍ରତିଯୋଗିତାରେ କୃତି ଅର୍ଜନ କରିଥିବା ଛାତ୍ର ଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା । ଏଥିସହ କାର୍ଯ୍ୟକ୍ରମରେ ଛାତ୍ର ଛାତ୍ରୀଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ଏଥିରେ ସଂଗୀତ ଶିକ୍ଷକ ବିରେନ ନାୟକ ପ୍ରମୁଖ ଭୂମିକା ନିଭେଇଥିଲେ । ପରିଶେଷରେ ବରିଷ୍ଠ ପ୍ରଶିକ୍ଷକ ଜଗନ୍ନାଥ ମେହେର ଧନ୍ୟବାଦ ଅର୍ପଣ କରିଥିଲେ ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ମୋଦି ସରକାର ୧୦ବର୍ଷରେ...

ସରକାର ଅଛି, ଯିଏକି ଆତଙ୍କବାଦୀଙ୍କୁ ଘରେ ପଶି ମାରୁଛି । ଭାରତର ସ୍ଥିର ଓ ମଜବୁତ ସରକାର କାରଣରୁ ଯୁଦ୍ଧ କ୍ଷେତ୍ରରେ ବି ଦେଶର ତ୍ରିରଙ୍ଗା, ସୁରକ୍ଷାର ଗ୍ୟାରେଣ୍ଟି ହୋଇଯାଏ । କେନ୍ଦ୍ରର ବିଜେପି ସରକାର ହିଁ ସାତ ଦଶନ୍ଧି ପରେ, ଜମ୍ମୁ-କଶ୍ମୀରରୁ ଧାରା ୩୭୦କୁ ଦୂର କରିବାର, ତିନ ତଲାକ ବିରୋଧରେ ଆଇନ ତିଆରି କରିବାର ସାହସ କରିଛି । ବିଜେପି ସରକାର ଦେଶର ନାରୀଶକ୍ତିକୁ ଲୋକସଭା ଓ ବିଧାନସଭାରେ ସଂରକ୍ଷଣ ଓ ସାଧାରଣ ବର୍ଗର ଗରିବଙ୍କୁ ବି ୧୦ ପ୍ରତିଶତ ସଂରକ୍ଷଣ ଦେବା ପାଇଁ କାମ କରିଛି । ଶ୍ରୀ ମୋଦି କହିଛନ୍ତି ଯେ, ଯଦି କଂଗ୍ରେସ କ୍ଷମତାରେ ଥାନ୍ତା, ତେବେ ୱାନ ର୍ୟାଙ୍କ, ୱାନ ପେନସନ କେବେ ବି ଲାଗୁ ହୋଇନଥାନ୍ତା, କିନ୍ତୁ ମୋଦି ସରକାର ଏହି ଗ୍ୟାରେଣ୍ଟିକୁ ପୂରଣ କରି ଦେଖାଇଛନ୍ତି । କଂଗ୍ରେସ କହିଥିଲା ଯେ, ପୂର୍ବତନ ସୈନିକଙ୍କୁ ୱାନ ର୍ୟାଙ୍କ, ୱାନ ପେନସନ ଲାଗୁ କରି ୫ଶହ କୋଟି ଟଙ୍କା ଦେବ । ମୋଦି ସରକାର ୱାନ ର୍ୟାଙ୍କ, ୱାନ ପେନସନ ମାଧ୍ୟମରେ ୧ଲକ୍ଷ କୋଟି ଟଙ୍କାରୁ ଅଧିକ ପୂର୍ବତନ ସୈନିକଙ୍କ ଖାତାକୁ ପଠାଇଛନ୍ତି ଏବଂ ଉତ୍ତରାଖଣ୍ଡର ସୈନିକଙ୍କ ପରିବାରକୁ ସାଢେ ତିନି ହଜାର କୋଟି ଟଙ୍କାରୁ ଅଧିକ ପଠାଯାଇଛି । କଂଗ୍ରେସ ଶାସନକାଳରେ ସୈନିକଙ୍କ ନିକଟରେ ଶତ୍ରୁଙ୍କ ଗୁଳିରୁ ନିଜ ଜୀବନ ବଞ୍ଚାଇବା ପାଇଁ ବୁଲେଟ୍ ପ୍ରୁଫ ଜ୍ୟାକେଟ ନଥିଲା, କିନ୍ତୁ ବିଜେପି ସରକାର ଭାରତରେ ନିର୍ମିତ ବୁଲେଟ ପ୍ରୁଫ ଜ୍ୟାକେଟ ସୈନିକଙ୍କୁ ଯୋଗାଇ ତାଙ୍କ ସୁରକ୍ଷା ପାଇଁ କାମ କରିଛନ୍ତି । ଆଜି ଆଧୁନିକ ରାଇଫଲ ଠାରୁ ଆରମ୍ଭ କରି ଯୁଦ୍ଧ ବିମାନ ଓ ବିମାନ ବାହାକ ପୋତ ଯାଏ ଭାରତରେ ନିର୍ମାଣ ହେଉଛି । କଂଗ୍ରେସର ଦୁର୍ବଳ ସରକାର ସୀମାକୁ ଆଧୁନିକ ଭିତ୍ତିଭୂମି ଯୋଗାଇ ପାରିନଥିଲା କିନ୍ତୁ ଆଜି ବିଜେପି ସରକାର ଅଧୀନରେ ଦେଶର ସୀମାନ୍ତ ଅଞ୍ଚଳରେ ଆଧୁନିକ ରାସ୍ତା ଓ ସୁଡଙ୍ଗ ନିର୍ମାଣ ହେଉଛି । ପ୍ରଧାନମନ୍ତ୍ରୀ ଦୋହରାଇଛନ୍ତି ଯେ, ଏହି ଦଶକ ଉତ୍ତରାଖଣ୍ଡର ଦଶକ ହୋଇଛି । ଦୀର୍ଘ ସମୟରୁ ଲୋକେ ଅନ୍ୟ ରାଜ୍ୟ ଓ ଦେଶରୁ ଯୋଗ ପାଇଁ ଋଷିକେଶ ଆସୁଛନ୍ତି । ପର୍ଯ୍ୟଟନ କ୍ଷେତ୍ରରେ ରାଫ୍ଟିଂ ହେଉ କି କ୍ୟାମ୍ପିଂ କିମ୍ବା ଆଧ୍ୟାତ୍ମର କଥାରେ ଋଷିକେଶ ସବୁଠୁ ଆଗରେ ରହିଛି । ବିଜେପି ସରକାର ଉତ୍ତରାଖଣ୍ଡର ପର୍ଯ୍ୟଟନକୁ ପ୍ରୋତ୍ସାହିତ କରି ରୋଜଗାରର ନୂଆ ସୁଯୋଗ ସୃଷ୍ଟି କରୁଛନ୍ତି । ପର୍ଯ୍ୟଟକଙ୍କ ଯାତ୍ରାକୁ ସୁଗମ ଓ ସରଳ କରିବା ପାଇଁ ବିଜେପି ସରକାର କଠିନ ପ୍ରୟାସ କରୁଛନ୍ତି, ଏଥିପାଇଁ ଦେବଭୂମିରେ ସଡକ ପଥ, ରେଳପଥ ଓ ଆକାଶପଥର ସୁବିଧାକୁ ନିୟମିତ ଭାବେ ବୃଦ୍ଧି କରାଯାଉଛି । ଶ୍ରୀ ମୋଦି କହିଛନ୍ତି ଯେ, ଋଷିକେଶ କର୍ଣ୍ଣପ୍ରୟାଗ ରେଲୱେ ଲାଇନ ପାଇଁ ଦ୍ରୁତଗତିରେ କାମ ଚାଲୁଛି । ଦିଲ୍ଲୀରୁ ଡେରାଡୁନର ଦୂରତା ବି ହ୍ରାସ ପାଇଛି । ଉତ୍ତରାଖଣ୍ଡର ସୀମାବର୍ତ୍ତୀ ଗାଁକୁ କଂଗ୍ରେସ ଅନ୍ତିମ ଗ୍ରାମ କହୁଥିଲା, କିନ୍ତୁ ବିଜେପି ସେଗୁଡ଼ିକୁ ଦେଶର ପ୍ରଥମ ଗାଁ ବିବେଚନା କରି ଅଞ୍ଚଳର ବିକାଶ କରୁଛି । ମାନସଖଣ୍ଡ ତୀର୍ଥସ୍ଥଳୀ ପରି ଆଦି କୈଳାସ ଓ ଓମ୍‌ପର୍ବତ ପାଇଁ ହେଲିକପ୍ଟର ସେବା ଆରମ୍ଭ ହୋଇଛି । ଯମୁନେତ୍ରୀ, କେଦାରନାଥ, ହେମକୁଣ୍ଡ ସାହିବରେ ରୋପ ୱେ କାରଣରୁ ଏବେ ତୀର୍ଥଯାତ୍ରୀ ସୁବିଧାଜନକ ଦର୍ଶନ କରିପାରିବେ । ଚାରିଧାମ ପ୍ରକଳ୍ପ ଅଧୀନ କେଦାରନାଥ, ବଦ୍ରିନାଥ, ଗଙ୍ଗୋତ୍ରୀ ଓ ଯମୁନେତ୍ରୀକୁ ପ୍ରାୟ ୯୦୦ କିଲୋମିଟର ଦୀର୍ଘ ରାଜପଥରେ ଯୋଡାଯାଉଛି । ଏହି ସମସ୍ତ ଉଦ୍ୟମରେ ଶ୍ରଦ୍ଧାଳୁଙ୍କୁ ଉତ୍ତରାଖଣ୍ଡରେ ପହଞ୍ଚିବା ବହୁତ ସହଜ ହେବ । ବିଜେପିର ଉଦ୍ଦେଶ୍ୟ ଠିକ୍ ଥିବା କାରଣରୁ ଆଜି ଏହା ସମ୍ଭବ ହୋଇପାରିଛି ଏବଂ ଉଦ୍ଦେଶ୍ୟ ଠିକ୍ ଥିଲେ ଫଳାଫଳ ବି ଠିକ୍ ହୋଇଥାଏ । ପ୍ରଧାନମନ୍ତ୍ରୀ କହିଛନ୍ତି ଯେ, ଗତବର୍ଷ ପ୍ରାୟ ୨୦ଲକ୍ଷ ଯାତ୍ରୀ କେଦାରନାଥ ଦର୍ଶନ ପାଇଁ ପହଞ୍ଚିଥିଲେ ଏବଂ ଯଦି ଚାରିଧାମ ଯାତ୍ରାର ଆଲୋଚନା କରିବା ତେବେ ଗତବର୍ଷ ୫୫ଲକ୍ଷରୁ ଅଧିକ ଶ୍ରଦ୍ଧାଳୁ ଉତ୍ତରାଖଣ୍ଡ ଯାତ୍ରା କରିଛନ୍ତି । ପ୍ରଧାନମନ୍ତ୍ରୀ କହିଛନ୍ତି ଯେ, ଗତବର୍ଷ ସେ ମାନସଖଣ୍ଡରେ ଆଦିକୈଳାସ ଓ ଓମ୍‌ପର୍ବତର ଯାତ୍ରା କରିଥିଲେ, ଯାହାଦ୍ୱାରା ଲୋକେ ହିମାଳୟରେ ଥିବା ଅଲୌକିକ ସ୍ଥାନକୁ ଦେଖିବାର ସୁଯୋଗ ପାଇଥିଲେ । ପର୍ଯ୍ୟଟନର ଏହି ବିସ୍ତାର କେବଳ ଗୋଟିଏ ଅଞ୍ଚଳର ବିକାଶ ନୁହେଁ, ଏହାଦ୍ୱାରା ରୋଜଗାର ପାଇଁ ଅଧିକରୁ ଅଧିକ ସୁଯୋଗ ସୃଷ୍ଟି ହେଉଛି । ଉତ୍ତରାଖଣ୍ଡରେ ହେଉଥିବା ବିକାଶ ଦ୍ୱାରା ପଳାୟନର ଖବର ବର୍ତ୍ତମାନ ଯେପରି ପୁରୁଣା ଦିନର କଥା ହୋଇଯାଇଛି । ଏବେ ଉତ୍ତରାଖଣ୍ଡରୁ ଷ୍ଟାର୍ଟଅପ୍‌ର ଖବର ଶୁଣିବାକୁ ମିଳୁଛି । ଉତ୍ତରାଖଣ୍ଡରେ ଯୁବକମାନେ ହଜାରେରୁ ଅଧିକ ଷ୍ଟାର୍ଟଅପ୍ ପଞ୍ଜୀକରଣ କରିଛନ୍ତି ଏବଂ ଏହା ମଧ୍ୟରୁ ପାଖାପାଖି ୫୦୦ ଷ୍ଟାର୍ଟଅପରେ ଦେଶର ଝିଅମାନେ ନେତୃତ୍ୱ ନେଉଛନ୍ତି । ମୁଦ୍ରା ଯୋଜନା ମାଧ୍ୟମରେ ଲକ୍ଷ ଲକ୍ଷ ଯୁବକଙ୍କୁ ବିନା ଗ୍ୟାରେଣ୍ଟିରେ ଋଣ ମିଳିଛି । କଂଗ୍ରେସର ଶାସନକାଳରେ ଗରୀବର ଟଙ୍କା ମଧ୍ୟସ୍ଥିମାନେ ହଜମ କରି ନେଉଥିଲେ, କିନ୍ତୁ ଭାଜପା ସରକାରରେ ଲୋକଙ୍କୁ ସେମାନଙ୍କ ପଇସା ସିଧା ସେମାନଙ୍କ ଖାତାରେ ପହଞ୍ଚାଇଦିଆଯାଉଛି । ଶ୍ରୀ ମୋଦି ଇଣ୍ଡି ମେଣ୍ଟ ଉପରେ ଟାର୍ଗେଟ୍ କରି କହିଛନ୍ତି ଯେ ମୁଁ କହୁଛି ଭ୍ରଷ୍ଟାଚାର ହଟାଅ, କିନ୍ତୁ ସେମାନେ କହୁଛନ୍ତି ଭ୍ରଷ୍ଟାଚାରୀ ବଞ୍ଚାଅ । ଦେଶର ଲୋକଙ୍କ ପାଇଁ ଭ୍ରଷ୍ଟାଚାର କ୍ଷତିକାରଣ ଓ ଏହାର ଶେଷ ହେବା ଜରୁରୀ । ପ୍ରଧାନମନ୍ତ୍ରୀ କହିଛନ୍ତି ଯେତେ ପର୍ଯ୍ୟନ୍ତ ଦେଶବାସୀଙ୍କ ସମର୍ଥନ ଓ ଆଶୀର୍ବାଦ ଭାଜପା ସହିତ ଅଛି, ମୋଦି ସବୁ ବାଧା ପରେ ମଧ୍ୟ ଭ୍ରଷ୍ଟାଚାର ବିରୋଧରେ ଲଢେଇ କରୁଥିବ । କଂଗ୍ରେସ ନେତାମାନଙ୍କ ପ୍ରାଥମିକତା ଏବଂ ପରମ୍ପରା ସର୍ବପ୍ରଥମେ ଦିଲ୍ଲୀର ରାଜ ପରିବାର ପାଇଁ ହୋଇଥାଏ କିନ୍ତୁ ମୋ ପାଇଁ ମୋ ଦେଶର ୧୪୦ କୋଟି ଜନତା ହିଁ ମୋର ପରିବାର ।

## ଅଶୋଧିତ ତୈଳଦର ...

ରହିଛି । କୋଲକାତାରେ ପେଟ୍ରୋଲ ମୂଲ୍ୟ ୧୦୩.୯୪ ଟଙ୍କା ରହିଥିବା ବେଳେ ଡିଜେଲ ମୂଲ୍ୟ ୯୦.୭୬ ଟଙ୍କା, ଚେନ୍ନାଇରେ ପେଟ୍ରୋଲ ମୂଲ୍ୟ ୧୦୦.୭୫ଟଙ୍କା ଥିବା ବେଳେ ଡିଜେଲ ମୂଲ୍ୟ ୯୪.୩୪ଟଙ୍କା ରହିଛି ।

## ଯୌତୁକ ପାଇଁ ସ୍ତ୍ରୀକୁ ଭୋକିଲା ରଖିବା...

ଜଷ୍ଟିସ ଗୁରୁପାଲ ସିଂ ଆଲୁୱାଲିୟା କହିଥିଲେ ଯେ ଯୌତୁକ ଆଶା ପୂରଣ ନ ହେବାରୁ ବିବାହିତା ମହିଳାଙ୍କୁ ନିଜ ବାପ ଘରେ ରହିବା ଲାଗି ବାଧ୍ୟ କରିବା ମାନସିକ ନିର୍ଯାତନା । ଭାରତୀୟ ଦଣ୍ଡ ସଂହିତାର ଧାରା ୪୯୮ ଏ (ପତ୍ନୀ ପ୍ରତି କ୍ରୁରତା) ଅନୁଯାୟୀ ଏହା ଦଣ୍ଡନୀୟ । ସମସ୍ତ ତଥ୍ୟ ଓ ପ୍ରମାଣକୁ ଭିତ୍ତି କରି ହାଇକୋର୍ଟ ଶେଷରେ ରାୟ ଦେଇଥିଲେ ଯେ 'ଯୌତୁକ ଆଶା ପୂରଣ ନ ହେବା ପରେ ମହିଳାଙ୍କ ଖାଇବା ବନ୍ଦ କରିବା ନିଃସନ୍ଦେହ ଭାବେ ଶାରୀରିକ ଓ ମାନସିକ ନିର୍ଯାତନା ।'

ସ୍ୱାମୀ ଆବେଦନ ଉପରେ କୋର୍ଟଙ୍କ ରାୟ:- କୋର୍ଟ ମହିଳାଙ୍କ ସ୍ୱାମୀଙ୍କ ଆବେଦନକୁ ଖାରଜ କରି କହିଛନ୍ତି, 'ଛାଡପତ୍ର ଆବେଦନ କରାଯିବା ପରେ ଯଦି ଏଫଆଇଆର ଦାଖଲ କରାଯାଏ ତେବେ ଏହା ମଧ୍ୟ କୁହାଯାଇପାରେ ଯେ ମହିଳା ହୁଏତ ବୈବାହିକ ଜୀବନ ବଞ୍ଚାଇବାକୁ ଏ ସବୁ ଚୁପଚାପ୍ ସହୁଥିଲେ ଏବଂ ଯେତେବେଳେ ସେ ଅନୁଭବ କଲେ ଯେ ବର୍ତ୍ତମାନ ବୈବାହିକ ଜୀବନ ଆଗକୁ ବଢାଇବା ଅସମ୍ଭବ ଏବଂ ସେ ଦୁଷ୍କର୍ମର ଶିକାର ହେବା ନେଇ ଏକ ଏଫଆଇଆର ଦାଖଲ କରନ୍ତି, ତେବେ ଏହା ଛାଡପତ୍ର ଆବେଦନକୁ କାଉଣ୍ଟର ଆଟାକ୍ ବୋଲି କୁହାଯାଇପାରିବ ନାହିଁ ।

ସମସ୍ତ ଯୁକ୍ତି ଶୁଣିବା ପରେ କୋର୍ଟ ରାୟ ଶୁଣାଇ କହିଥିଲେ ଯେ ମହିଳାଙ୍କ ସହିତ ସ୍ୱାମୀ ଏବଂ ଶାଶୂ ଘର ଲୋକଙ୍କ ସମ୍ପର୍କ ମଧୁର ନଥିଲା । ମହିଳାଙ୍କ ସ୍ୱାମୀଙ୍କ ପକ୍ଷରୁ ଅଣାଯାଇଥିବା ବ୍ୟଭିଚାର ଅଭିଯୋଗ ସମ୍ପୂର୍ଣ୍ଣ ଭିତ୍ତିହୀନ ବୋଲି ମନେ ହେଉଛି । ଯଦି ବ୍ୟଭିଚାରର ଅଭିଯୋଗ ମିଥ୍ୟା ବୋଲି ପ୍ରମାଣିତ ହୁଏ ତେବେ ଏହା ନିଷ୍ଠୁରତା । ଏହି ପରିସ୍ଥିତିରେ ଆବେଦନକୁ ଖାରଜ କରାଯାଉଛି । ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ନିଶାନ୍ତ ଅଗ୍ରୱାଲ ଉପସ୍ଥିତ ଥିବା ବେଳେ ସରକାରୀ ଓକିଲ କେ.ଏସ୍ ବାଗେଲ ସରକାରଙ୍କ ପକ୍ଷରୁ ଉପସ୍ଥିତ ଥିଲେ ।

## ବିଜେଡିର ୪ର୍ଥ ପର୍ଯ୍ୟାୟ ପ୍ରାର୍ଥୀ...

ବିଧାନସଭା ଆସନ ପାଇଁ ନୂଆମୁହଁ ଭାବେ ମନୋରମା ମହାନ୍ତି ପ୍ରାର୍ଥୀ ହୋଇଛନ୍ତି । ଗୁରୁତ୍ୱପୂର୍ଣ୍ଣ ଭୁବନେଶ୍ୱର ମଧ୍ୟ ନିର୍ବାଚନ ମଣ୍ଡଳୀ ପାଇଁ ବିଜେଡି ପୁଣିଥରେ ଅନନ୍ତ ନାରାୟଣ ଜେନାଙ୍କ ଉପରେ ଭରସା କରିଛି, ଅର୍ଥାତ ପୂନର୍ବାର ଶ୍ରୀ ଜେନାଙ୍କୁ ବିଜେଡି ପ୍ରାର୍ଥୀଭାବେ ନିର୍ବାଚନ ଲଢିବାର ସୁଯୋଗ ଦିଆଯାଇଛି । ତାଳଚେର ବିଧାନସଭା ଆସନ ପାଇଁ ବ୍ରଜକିଶୋର ପ୍ରଧାନଙ୍କୁ ପୁନର୍ବାର ଦଳ କରିଛି । ସେହିପରି ତେଲକୋଇ ବିଧାନସଭା ଆସନ ପାଇଁ ମାଧବ ସର୍ଦ୍ଦାରଙ୍କୁ ଦଳ ପ୍ରାର୍ଥୀ କରିଛି ।

## 'ଆମେ ହିନ୍ଦୁ-ମୁସଲମାନ ନୁହେଁ...

ସଂଖ୍ୟାଗରିଷ୍ଠତା ହାସଲ କରୁ, ତେବେ ଅଯୋଧ୍ୟା ମାଟିରେ ଭବ୍ୟ ରାମମନ୍ଦିର ନିର୍ମାଣ କରିବାକୁ ଆମକୁ ବିଶ୍ୱର କୌଣସି ଶକ୍ତି ଅଟକାଇପାରିବେ ନାହିଁ । କୋର୍ଟଙ୍କ ନିଷ୍ପତ୍ତି ଯୋଗୁ ଏହା ହୋଇଛି, କିନ୍ତୁ ଆମକୁ ସୁଯୋଗ ମିଳିଛି । ଭଗବାନ ରାମ ତାଙ୍କ ଟେଣ୍ଟରୁ ବାହାରି ତାଙ୍କ ପ୍ରାସାଦରେ ସ୍ଥାପିତ ହୋଇଛନ୍ତି ।

## ସ୍କୁଲ ବସ୍ ଦୁର୍ଘଟଣାଗ୍ରସ୍ତ...

ଛାତ୍ରଛାତ୍ରୀଙ୍କ ମୃତ୍ୟୁ ହୋଇଥିବା ବେଳେ ୧୫ ଜଣ ଗୁରୁତର ହୋଇଛନ୍ତି । ଖବର ପାଇବା ମାତ୍ରେ ପୁଲିସ ଓ ଉଦ୍ଧାରକାରୀ ଦଳ ଘଟଣାସ୍ଥଳରେ ପହଞ୍ଚି ମୃତାହତଙ୍କୁ ଉଦ୍ଧାର କରିଛନ୍ତି । ଗୁରୁତର ଆହତଙ୍କୁ ଉଦ୍ଧାର କରାଯାଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ଓଭରଟେକ୍ କାରଣରୁ ଏହି ଦୁର୍ଘଟଣା ଘଟିଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଛି । ବସ୍ ଚାଳକ ନିଶାସକ୍ତ ଅବସ୍ଥାରେ ଥିବା ସହ ପୁଲିସ ତାକୁ ଗିରଫ କରି ମେଡିକାଲ ପରୀକ୍ଷା କରାଇବା ପାଇଁ ପଠାଇବା ସହ ଘଟଣାର ତଦନ୍ତ ଜାରି ରଖିଛି ।

# କୁଚିଣ୍ଡାରେ ବିଜେପିର ଦମ୍‌ଦାର ପ୍ରଚାର : ଧର୍ମେନ୍ଦ୍ରଙ୍କ ବିଶାଳ ବାଇକ୍ ଶୋଭାଯାତ୍ରା

**କୁଚିଣ୍ଡା,ନ୍ୟୁଜ୍‌ବ୍ୟୁରୋ**



ରାଜ୍ୟରେ ନିର୍ବାଚନ ବିଗୁଲ ବାଜିଲା ପରେ ନେତା ଶିବିର ଏବେ ପ୍ରଚାର ମଇଦାନକୁ ଓହ୍ଲାଇବା ଆରମ୍ଭ କଲେଣି କୁଚିଣ୍ଡା ନିର୍ବାଚନ ମଣ୍ଡଳୀରେ ଭାଜପା ଦଳ ବିଧାନ ସଭାରେ ରବି ନାଏକଙ୍କୁ ପ୍ରାର୍ଥୀ କରିଥିବା ବେଳେ ସମ୍ବଲପୁର ଲୋକସଭାରେ ଦଳ ଧର୍ମେନ୍ଦ୍ରଙ୍କୁ ପ୍ରାର୍ଥୀ କରି ଗୁରୁ ଦାୟିତ୍ୱ ଦେଇଛି । ଅନ୍ୟ ପ୍ରମୁଖ ଦଳ ମାନଙ୍କରେ ବର୍ତ୍ତମାନ ପର୍ଯ୍ୟନ୍ତ ପ୍ରାର୍ଥୀ ଦେବାରେ ସକ୍ଷମ ହୋଇ ପାରିନାହାନ୍ତି, ଯାହା ଫଳରେ ଭାଜପା ଦଳ ଫୁଲ ଦମ୍‌ରେ ପ୍ରଚାର କାର୍ଯ୍ୟ ଆରମ୍ଭ କରି ଦେଇଛି । ଧର୍ମେନ୍ଦ୍ର ପ୍ରଧାନ କୁଚିଣ୍ଡାରେ ପହଞ୍ଚି ପ୍ରଚାର କରିଛନ୍ତି । ବାନ୍ଧୁବାସ ହନୁମାନ ମନ୍ଦିରରେ ଦର୍ଶନ ପରେ ଏକ ବିଶାଳ ବାଇକ୍ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରିଥିଲେ । ଶୋଭାଯାତ୍ରାରେ ବିପୁଳ ଜନ ସମର୍ଥନ ଦେଖୀ ବିରୋଧୀ ଖପ୍ପା ହୋଇଯାଇ ଥିଲେ । ବାଇକ୍ ଶୋଭାଯାତ୍ରା ସହ କୀର୍ତ୍ତନ ମଣ୍ଡଳୀ ସାଧାରଣ ଲୋକ ସାମିଲ ହୋଇଥିଲେ ।

ଶ୍ରୀ ପ୍ରଧାନ କହିଥିଲେ, କୁଚିଣ୍ଡା ମାଟିରୁ ମହାଅଭିଯାନ ଆରମ୍ଭ ହୋଇଛି । ଆଗାମୀ ଲୋକସଭା ଓ ବିଧାନସଭା ନିର୍ବାଚନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ହାତମୁଠା ଟାଣ କରିବା, ତୃତୀୟ ଥର ପାଇଁ ପ୍ରଧାନମନ୍ତ୍ରୀ କରାଇବା ପାଇଁ ଏହି ମହାଅଭିଯାନ । ଗରିବ ମହିଳାମାନେ ପ୍ରଧାନମନ୍ତ୍ରୀଙ୍କ ବିକାଶମୁଖୀ ଯୋଜନାର ବଡ଼ ଲାଭାର୍ଥୀ, ଯୁବକ ଓ ଚାଷୀମାନେ ବଡ଼ ଭାଗିଦାରୀ ଓଡ଼ିଶାରେ ଏସବୁକୁ ଲାଗୁ କରିବା ପାଇଁ ଡବଲ ଇଞ୍ଜିନ ସରକାର ଆଣିବାକୁ ଏହି ଅଭିଯାନରେ ସ୍ୱତଃପ୍ରବୃତ୍ତ ଭାବେ ଲୋକେ ଯୋଗ ଦେଉଛନ୍ତି । ଏହା ସହ ଦଳୀୟ କାର୍ଯ୍ୟକର୍ତ୍ତାଙ୍କ ସହ ବୈଠକ କରି ସାଙ୍ଗଠନିକ ଆଲୋଚନା କରିଥିଲେ । ଶୋଭାଯାତ୍ରାରେ ବିଧାୟକ ପ୍ରାର୍ଥୀ ରବି ନାଏକ, ସୁଶୀଲ କର, ଅନୁପମା ନାଏକ ସହ ଅନ୍ୟ ନେତାମାନେ ଉପସ୍ଥିତ ରହିଥିଲେ ।

# ଗରାପୁର ଶ୍ରୀମହାବୀର ଆଶ୍ରମରେ ଶ୍ରୀରାମଚରିତ ମାନସ ପାରାୟଣ ଶୁଭାରମ୍ଭ


**କେନ୍ଦ୍ରାପଡ଼ା,ନ୍ୟୁଜ୍‌ବ୍ୟୁରୋ**

ଗରାପୁରସ୍ଥିତ ବାବା ବୈକୁଣ୍ଠ ବ୍ରହ୍ମଚାରୀଙ୍କ ଦ୍ୱାରା ପ୍ରତିଷ୍ଠିତ ଶ୍ରୀମହାବୀର ହନୁମାନ ଆଶ୍ରମରେ ଶ୍ରୀରାମଚରିତ ମାନସ ପାରାୟଣ ଓ ପ୍ରବଚନ ଜ୍ଞାନଯଜ୍ଞ ମନ୍ଦିର ପରିଚାଳନା କମିଟିର ସଭାପତି ବୈଷ୍ଣବ ପଦରଜ ଭିକ୍ଷୁ ବାବାଜୀ ଚେତନାନନ୍ଦ ଦାସ ମହାରାଜଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଶୁଭାରମ୍ଭ ହୋଇଯାଇଛି । ପ୍ରଥମ ଉଦ୍‌ଘାଟନ ସନ୍ଧ୍ୟାରେ ମଙ୍ଗଳା ଚରଣ, ବନ୍ଦନା, ନାମ ମାହାତ୍ମ୍ୟ ଓ ଶିବପାର୍ବତୀ ସମ୍ବାଦ ପ୍ରସଙ୍ଗ ପ୍ରବଚନ ଜ୍ଞାନଯଜ୍ଞ ପ୍ରଦାନ କରିଥିଲେ ପୂଜ୍ୟ ବାବାଜୀ ଅମୃତାନନ୍ଦ ଦାସ ମହାରାଜ । ଉକ୍ତ କାର୍ଯ୍ୟକ୍ରମ ମର୍ଯ୍ୟାଦା ପୁରୁଷୋତ୍ତମ ଶ୍ରୀରାମଚନ୍ଦ୍ରଙ୍କର ଶୁଭ ଜନ୍ମ ମହୋତ୍ସବ ଶ୍ରୀରାମ ନବମୀ ୧୭ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ । ନିମ୍ନ କାର୍ଯ୍ୟସୂଚୀ ଅନୁସାରେ ପୂଜ୍ୟ ପ୍ରବକ୍ତାମାନେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି । ଦ୍ୱିତୀୟ ଦିବସ ୧୦ ତାରିଖରେ ପୂଜ୍ୟ ପ୍ରବକ୍ତା ଅନ୍ତର୍ଯ୍ୟାମୀ ବରାଳ, ୧୨ ତାରିଖରେ ବାବାଜୀ ସତ୍ୟାନନ୍ଦ ଦାସ, ୧୪ ତାରିଖରେ ଅମୃତାନନ୍ଦ ଦାସ, ୧୫ ତାରିଖରେ ପୂଜ୍ୟ ବାବାଜୀ ପୁରୁଷୋତ୍ତମ ଦାସ, ୧୭ ତାରିଖରେ ପୂଜ୍ୟ ବାବାଜୀ ସତ୍ୟାନନ୍ଦ ଦାସ ଓ କୁନି ପ୍ରବଚକ କେଶବ(ମଧ୍ୟାହ୍ନ) ପୂଜ୍ୟ ବାବାଜୀ ପୁରୁଷୋତ୍ତମ ଦାସ(ସନ୍ଧ୍ୟା)ରେ । ୧୪ ତାରିଖ ରବିବାର ପବିତ୍ର ମହାବିଷୁବ ସଂକ୍ରାନ୍ତି ତିଥିରେ ବୀର ହନୁମାନଙ୍କର ପବିତ୍ର ଜନ୍ମୋତ୍ସବ ପାଳନ କରାଯିବ । ଉକ୍ତ ପାରମାର୍ଥିକ ସତ୍‌ସଙ୍ଗ ଅନୁଷ୍ଠାନରେ ସମସ୍ତ ରାମପ୍ରେମୀମାନେ ଯୋଗଦାନ କରିବା ପାଇଁ ଅନ୍ତେବାସୀ ସନ୍ନ୍ୟାସୀ ବାବାଜୀ ଶ୍ରଦ୍ଧାନନ୍ଦ ଦାସ ଓ ଅନ୍ୟମାନେ ନିବେଦନ କରିଛନ୍ତି ।



ଭୁବନେଶ୍ୱର
୧୨ ଅପ୍ରେଲ
ଶୁକ୍ରବାର, ୨୦୨୪

RNI Regd. No. : 52640/94
Postal Regd. No. :
BN/60/22-24



ଭୁବନେଶ୍ୱର : ପବିତ୍ର ଇଦ୍ ପର୍ବ ପାଳନ ଅବସରରେ ୟୁନିଟ୍-୪ ସ୍ଥିତ ମସ୍‌ଜିଦ୍‌ରେ ପରସ୍ପରକୁ ଇଦ୍ ମୁବାରକ ଜଣାଉଛନ୍ତି । (ଫଟୋ : ସମ୍ବାଦ କଳିକା)

# ନିର୍ବାଚନ ପାଇଁ ସହରରେ ଗାଡ଼ି ଚେକିଂ ଜୋରଦାର

**ଭୁବନେଶ୍ୱର, ୧୧।୪ :ନ୍ୟୁଜ୍‌ବ୍ୟୁରୋ**

ନିର୍ବାଚନକୁ ଅବାଧ ଓ ନିରପେକ୍ଷ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି । ବେଆଇନ୍ କାରବାର ରୋକିବା ପାଇଁ ଏବେଠୁ ଆରମ୍ଭ ହେଲାଣି ଘନଘନ ଚେକିଂ । ସହରର ପ୍ରବେଶ ପଥରେ ଜଗିଛନ୍ତି କମିଶନରେଟ ପୋଲିସର ଷ୍ଟାଟିକ ସର୍ଭିଲାନ୍ସ ଟିମ୍ । ଏୟାରପୋର୍ଟ ଠାରୁ ଆରମ୍ଭ କରି ରେଳଷ୍ଟେସନ, ବସ୍‌ଷ୍ଟାଣ୍ଡ ଓ ସହର ଗଳିକନ୍ଦିରେ ଆରମ୍ଭ ହୋଇଛି ଜୋରଦାର ଚେକିଂ । ରାଜଧାନୀର ବିଭିନ୍ନ ସ୍ଥାନରେ କ୍ୟାମ୍ପ ଲଗାଇ ଛକିଛନ୍ତି ଷ୍ଟାଟିକ ସର୍ଭିଲାନ୍ସ ଟିମ୍ । ତେବେ ଆଗକୁ ନିର୍ବାଚନ ଘଡ଼ି ଥିବା ବେଳେ ଖୋର୍ଦ୍ଧା ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ସହରର ବିଭିନ୍ନ ସ୍ଥାନରେ ଏବେଠୁ ଚେକିଂ ଆରମ୍ଭ ହେଲାଣି । ଏନେଇ କମିଶନରେଟ ପୋଲିସ ପକ୍ଷରୁ ନିୟୋଜିତ ହୋଇଛନ୍ତି ଷ୍ଟାଟିକ ସର୍ଭିଲାନ୍ସ ଟିମ୍ । ଯାହାକୁ ସନ୍ଦେହ ହେଉଛି ତାକୁ ଯାଞ୍ଚ କରୁଛନ୍ତି ଷ୍ଟାଟିକ ସର୍ଭିଲାନ୍ସ ଟିମ୍ । ତେବେ ରାଜଧାନୀର ବିମାନବନ୍ଦର ବାହାର ଟର୍ମିନାଲ ପାଖରେ ଏକ ସ୍ୱତନ୍ତ୍ର କ୍ୟାମ୍ପ କରି ଛକିଛନ୍ତି ଟିମ୍ । ଯେଉଁମାନେ ଆକାଶପଥ ଦେଇ ସହର ଭିତରକୁ ପ୍ରବେଶ କରୁଛନ୍ତି ସେମାନଙ୍କ ଉପରେ ସନ୍ଦେହ ହେଲେ ତୁରନ୍ତ ଯାଞ୍ଚ କରୁଛନ୍ତି । ସେମାନଙ୍କ ବ୍ୟାଗ୍ ଓ କିଛି ଜିନିଷ ଆଣିଥିଲେ ତାହାର ପ୍ରମାଣପତ୍ର ସହ ବିଶେଷ କରି କଳା କାରବାର ଉପରେ ନଜର ରଖାଯାଇଛି । ଏପରିକି ଟଙ୍କା କାରବାର, କୌଣସି ଗିଫ୍ଟ ଉପକରଣ, ଗହଣା ବା ସେପରି କିଛି ସନ୍ଦେହଜନକ ଜିନିଷ ସହ ବିଭିନ୍ନ ଦିଗକୁ ନେଇ ଯାଞ୍ଚ କରୁଛନ୍ତି । ଏନେଇ ବିମାନବନ୍ଦର ପାଖରେ ୫ ଜଣିଆ ପୋଲିସ ଟିମ୍ ସହ ଜଣେ ଅଫିସର ଦାୟିତ୍ୱରେ ରହିଛନ୍ତି ।



ଭୁବନେଶ୍ୱର : 'ସମ୍ବାଦ କଳିକା' କାର୍ଯ୍ୟାଳୟ ପରିସରରେ କର୍ମଚାରୀଙ୍କ ତରଫରୁ ଛେନାପୋଡ଼ ଦିବସ ପାଳନ କରାଯାଉଛି । (ଫଟୋ : ସମ୍ବାଦ କଳିକା)

# ସାଂସଦ ଚନ୍ଦ୍ରଶେଖର ସାହୁଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଲେ ୫-ଟି ଅଧକ୍ଷ

**ଭୁବନେଶ୍ୱର, ୧୧।୪ :ନ୍ୟୁଜ୍‌ବ୍ୟୁରୋ**



ସ୍ୱାସ୍ଥ୍ୟାବସ୍ଥାରେ ସାମାନ୍ୟ ଅବନତି ପରେ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି ବ୍ରହ୍ମପୁର ସାଂସଦ ଚନ୍ଦ୍ରଶେଖର ସାହୁ । ଭୁବନେଶ୍ୱର ସ୍ଥିତ ଏକ ଘରୋଇ ହସ୍ପିଟାଲରେ ତାଙ୍କୁ ଚିକିତ୍ସା ଲାଗି ଭର୍ତ୍ତି କରାଯାଇଛି । ମେଡିକାଲ ଯାଇ ସାଂସଦ ଚନ୍ଦ୍ରଶେଖର ସାହୁଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଛନ୍ତି ୫-ଟି ଅଧକ୍ଷ କାର୍ତ୍ତିକ ପାଣ୍ଡିଆନ । ଏହାବ୍ୟତୀତ ସାଂସଦ ମାନସ ମଙ୍ଗରାଜ ମଧ୍ୟ ହସ୍ପିଟାଲରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ପଚାରି ବୁଝିଥିଲେ । ଚନ୍ଦ୍ରଶେଖରଙ୍କ ସ୍ୱାସ୍ଥ୍ୟାବସ୍ଥା ଠିକ୍ ଥିବା ସେ ସୂଚନା ଦେଇଛନ୍ତି । ଆସନ୍ତା ଦିନେ ଦୁଇ ଦିନ ମଧ୍ୟରେ ସେ ହସ୍ପିଟାଲରୁ ଡିସ୍‌ଚାର୍ଜ ହେବେ ବୋଲି ମାନସ ମଙ୍ଗରାଜ ସୂଚନା ଦେଇଛନ୍ତି । ୫-ଟି ଅଧକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କ ଗସ୍ତ ସମୟରେ ସାଂସଦ ସସ୍ମିତ ପାତ୍ର ଏବଂ ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ ରାଉତ ଉପସ୍ଥିତ ଥିଲେ ।

## ଟ୍ରକ୍ ମାଡ଼ିଯାଇ ୩ ଶ୍ରମିକଙ୍କ ଜୀବନ ଗଲା

**ବରଗଡ଼, ୧୧।୪ :ନ୍ୟୁଜ୍‌ବ୍ୟୁରୋ**

ଟ୍ରକ୍ ଧକ୍କାରେ ଚାଲିଗଲା ୩ ଶ୍ରମିକଙ୍କ ଜୀବନ । ବରଗଡ଼ ଜିଲ୍ଲା ସୋହେଲା ରାୟପୁର ରୋଡ ସ୍ଥିତ ଲୁହୁରାଚଟି ପାଖରେ ଘଟିଛି ସଡ଼କ ଦୁର୍ଘଟଣା । ଅଶୋକା କମ୍ପାନୀରେ କାର୍ଯ୍ୟରତ ତିନି କର୍ମଚାରୀଙ୍କୁ ଦଳିଦେଲା ଟ୍ରକ୍ । ଘଟଣାସ୍ଥଳରେ ତିନି ଜଣଙ୍କ ମୃତ୍ୟୁ ହୋଇଛି । ବୁଧବାର ବିଳମ୍ବିତ ରାତିରେ ଘଟିଛି ଏଭଳି ଅଭାବନୀୟ ଘଟଣା । ଜାତୀୟ ରାଜପଥ କଡରେ ଡ୍ୟୁଟି କରୁଥିବା ସମୟରେ ମାଡିଗଲା ଟ୍ରକ୍ ।

# ଅଢ଼େଇ ଘଣ୍ଟା ଗାଡ଼ି ଚଳାଇବା ପରେ ୫ରୁ ୧୦ ମିନିଟ୍ ବିଶ୍ରାମ ନେବାକୁ ଚାଳକଙ୍କୁ ଆରଟିଓଙ୍କ ପରାମର୍ଶ

**ଭୁବନେଶ୍ୱର, ୧୧।୪ :ନ୍ୟୁଜ୍‌ବ୍ୟୁରୋ**

ଦୁର୍ଘଟଣା ରୋକିବ ବିଶ୍ରାମ । ଅଢ଼େଇ ଘଣ୍ଟା ଗାଡ଼ି ଚଳାଇବା ପରେ ୫ରୁ ୧୦ ମିନିଟ୍ ବିଶ୍ରାମ ନେବାକୁ ଚାଳକଙ୍କୁ ପରାମର୍ଶ ଦେଇଛି ରାଜ୍ୟ ପରିବହନ ବିଭାଗ । ପ୍ରତିବର୍ଷ ରାଜ୍ୟରେ ଦୁର୍ଘଟଣା ନେଉଛି ପାଖାପାଖି ୨ ହଜାର ଜୀବନ । ଏହାକୁ ରୋକିବାକୁ ଯାଇ ଏଭଳି ଏକ ପରାମର୍ଶ ଜାରି କରାଯାଇଛି । ରୋଡ୍ ହିପ୍ନୋସିସ୍ ବା ପଥ ସମ୍ମୋହନ ଏବେ ଦୁର୍ଘଟଣାର ଅନ୍ୟତମ ପ୍ରମୁଖ କାରଣ ହୋଇଛି । ଏହି କାରଣରୁ ପ୍ରତିବର୍ଷ ଦୁର୍ଘଟଣା ମଧ୍ୟ ବୃଦ୍ଧି ପାଉଛି । ୨୦୨୩ରେ ପଥ ସମ୍ମୋହନ





କାରଣରୁ ପଛପଟୁ ଗାଡିକୁ ଧକ୍କା ଦେବା, ଗାଡ଼ିକୁ ଗୋଟିଏ ପାଖରୁ ପିଟିବା, ରାସ୍ତାକଡ଼ ଗଛ ଓ ଖୁଣ୍ଟରେ ପିଟି ହେବା ଭଳି ଦୁର୍ଘଟଣାରେ ରାଜ୍ୟରେ ୧୮୪୫ ଜଣଙ୍କ ଜୀବନ ଯାଇଛି । ଦୁର୍ଘଟଣାର ଏହା ଏକ ପ୍ରମୁଖ କାରଣ ହୋଇଥିବାରୁ ରାଜ୍ୟ ପରିବହନ ପ୍ରାଧିକରଣ ଏ ଦିଗରେ ଉଭୟ ଚାଳକ, ଯାତ୍ରୀ ଓ ପରିବହନ କର୍ମଚାରୀଙ୍କୁ ସତର୍କ କରାଇଛି । ପ୍ରତି ଅଢ଼େଇ ଘଣ୍ଟା ଗାଡ଼ି ଚଳାଇବା ପରେ ୫ରୁ ୧୦ ମିନିଟ୍ ବିଶ୍ରାମ ନେବା, ମୁହଁକୁ ଭଲ ଭାବେ ଧୋଇ ନେବା ଓ ଆବଶ୍ୟକ ପଡ଼ିଲେ ଚା' ପିଇ କିଛି ସମୟ ଚଲାବୁଲା କରିବା ପରେ ପୁଣି ଗାଡ଼ି ଚଳାଇବାକୁ ରାଜ୍ୟ ପରିବହନ ଆୟୁକ୍ତ ଅମିତାଭ ଠାକୁର ପରାମର୍ଶ ଦେଇଛନ୍ତି । ପଥ ସମ୍ମୋହନ ଏପରି ଏକ ଶାରୀରିକ ସ୍ଥିତି ଯାହା ସଂପର୍କରେ ଅଧିକାଂଶ ଚାଳକ ସଚେତନ ନ ଥା'ନ୍ତି । ରାଜପଥଗୁଡ଼ିକରେ ପଥ ସମ୍ମୋହନ ପ୍ରାୟତଃ ରାତିରେ ଘଟିଥାଏ । ଚାଳକର ଆଖି ଖୋଲା ଥିଲେ ମଧ୍ୟ ମସ୍ତିଷ୍କ ଅବଚେତନ ଅବସ୍ଥାକୁ ଚାଲିଯାଇଥାଏ । ଏହି ଅବସ୍ଥାକୁ ପଥ ସମ୍ମୋହନ ବା ରୋଡ୍ ହିପ୍ନୋସିସ୍ କୁହାଯାଏ ।





## ୱାଗନ କାର୍‌ରୁ ସାଢ଼େ ୪ ଲକ୍ଷ ଟଙ୍କା ଜବତ

**ଲକ୍ଷ୍ମୀପୁର, ୧୧।୪ :ନ୍ୟୁଜ୍‌ବ୍ୟୁରୋ**

ଲକ୍ଷ୍ମୀପୁର ନିକଟସ୍ଥ ଡିଡି ଘାଟିରୁ ଏକ ୱାଗନ କାର୍‌ରୁ ସାଢ଼େ ୪ ଲକ୍ଷ ଟଙ୍କା ଜବତ ହୋଇଛି । ଲକ୍ଷ୍ମୀପୁର ବିଡିଓଙ୍କ ନେତୃତ୍ୱରେ ଫ୍ଲାଇଙ୍ଗ ସ୍କ୍ୱାର୍ଡ ଜବତ କରିଛି ଏହି ଟଙ୍କା । ନିର୍ବାଚନ ପାଖେଇ ଆସୁଥିବାରୁ ଜିଲ୍ଲା ପ୍ରଶାସନର ନିର୍ଦ୍ଦେଶକ୍ରମେ ବିଭିନ୍ନ ସ୍ଥାନରେ କଡ଼ାକଡ଼ି ଯାଞ୍ଚ କରାଯାଉଛି । ତେବେ କାର୍‌ରେ ଥିବା ବ୍ୟକ୍ତି ଜଣକ ଲକ୍ଷ୍ମୀପୁରର ଦାମନଯୋଡି ଅଞ୍ଚଳକୁ ଟଙ୍କା ନେଇକି ଯାଇଥିଲେ ବ୍ୟକ୍ତି ଜଣକ କହିଛନ୍ତି । ହେଲେ ଟଙ୍କା ବାବଦରେ ସଠିକ ତଥ୍ୟ ଦେଇନପାରିବାରୁ ସମସ୍ତ ଟଙ୍କା ଜବତ କରାଯାଇଥିବା ସୂଚନା ମିଳିଛି ।







ଭୁବନେଶ୍ୱର : ରାଜଧାନୀ ପ୍ରତିଷ୍ଠା ଦିବସ ପାଳନର ଅବ୍ୟବହିତ ପୂର୍ବରୁ ଶିଳାନ୍ୟାସ ଫଳକରେ ରଙ୍ଗ ଦିଆଯାଉଛି । (ଫଟୋ : ସମ୍ବାଦ କଳିକା)

# ବିଜେପି ବିରୋଧରେ ସିଇଓଙ୍କୁ ଫେରାଦ୍ ହେଲା ବିଜେଡି

## ବିଜେଡିର ଅଭିଯୋଗ ପରେ ଜବାବ ରଖିଲା ବିଜେପି

**ଭୁବନେଶ୍ୱର, ୧୧।୪ :ନ୍ୟୁଜ୍‌ବ୍ୟୁରୋ**

ବିଜେପି ବିରୋଧରେ ପୁଣିଥରେ ମୁଖ୍ୟ ନିର୍ବାଚନ ଅଧିକାରୀ (ସିଇଓ)ଙ୍କ ନିକଟରେ ଫେରାଦ ହେଇଛି ବିଜେଡି ପ୍ରତିନିଧି ଦଳ । ଜୟ ନାରାୟଣ ମିଶ୍ରଙ୍କୁ ଟାର୍ଗେଟ କରି ବିଜେଡି ଏହି ଅଭିଯୋଗ କରିଛି । ବିଜେଡିର ଅଭିଯୋଗ ହେଉଛି, ମହିଳାଙ୍କ ଚରିତ୍ର ଉପରେ ବିଜେପି ନେତା ଆକ୍ଷେପ କରୁଛନ୍ତି । ତୃଣମୂଳସ୍ତରରେ କାମ କରି ନିଜ ଆତ୍ମସ୍ୱାଭିମାନ୍ ତିଆରି କରୁଥିବା ମହିଳାମାନଙ୍କ ଉପରେ ବିଜେପି ନେତା ଆକ୍ଷେପ କରିବା ସହିତ ତାଙ୍କୁ ଧମକାଉଛନ୍ତି । ଖାଲି ସେତିକି ନୁହେଁ ବିଜେପି ନେତା ସରକାରୀ ଅଧିକାରୀଙ୍କୁ ଧମକାଉଛନ୍ତି ବୋଲି ଅଭିଯୋଗ କରିଛି ବିଜେଡି । ତେବେ ଏହାର ଜବାବ ରଖି ବିଜେପି ମୁଖପାତ୍ର ଅନୀଲ ବିଶ୍ୱାଳ କହିଛନ୍ତି, ଚୋର ମଚାଏ ସୋର । ମହିଳା ବିରୋଧୀ ଅପରାଧରେ ଓଡ଼ିଶା ଏକ ନମ୍ବର । ବିଜେଡି ପ୍ରାର୍ଥୀଙ୍କ ନାଁରେ ମହିଳା ବିରୋଧୀ ଅପରାଧ ମାମଲା ରହିଛି । କିନ୍ତୁ ବିଜେପି ମହିଳାଙ୍କୁ ଅପମାନିତ କରିବା ଅଭିଯୋଗ ହାସ୍ୟାସ୍ପଦ ବୋଲି ବିଜେପି ମୁଖପାତ୍ର କହିଛନ୍ତି । ତେବେ ରାଜ୍ୟରେ ବାର୍ଦ୍ଧକ୍ୟ ଭତ୍ତାଠାରୁ ମିଶନ ଶକ୍ତି ମହିଳାଙ୍କ ରୋଜଗାର କମ୍ । ତେଣୁ ରାଜ୍ୟ ସରକାର କେମିତି ମହିଳାଙ୍କ ବିକାଶ କରୁଛନ୍ତି ବୋଲି ସେ ପ୍ରଶ୍ନ କରିଛନ୍ତି । ବିଜେପି ସବୁବେଳେ ଅବାଧ ମୁକ୍ତ ନିର୍ବାଚନ ଚାହୁଁଛି । ବିଜେଡି କିନ୍ତୁ ଭୟରେ ବିଳାପ କରୁଛି ବୋଲି ଅନୀଲ ବିଶ୍ୱାଳ କହିଛନ୍ତି ।

ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !
ସାପ୍ତାହିକ ସମ୍ବାଦ ପତ୍ରିକା 'ରବିବାସରୀୟ କଳିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ । ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ ।
ସମ୍ପର୍କ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା, ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com

# ଦିଲ୍ଲୀରୁ ଫେରିବା ପରେ ବିମାନ ବନ୍ଦରରେ ଦିଲ୍ଲୀପ ରାୟଙ୍କୁ ବିପୁଳ ସମ୍ବର୍ଦ୍ଧନା

**ରାଉରକେଲା, ୧୧।୪ :ନ୍ୟୁଜ୍‌ବ୍ୟୁରୋ**



ବିଜେପି ଛାଡି ନାହିଁ, ଏବେ ବି ଦଳରେ ରହିଛି । ପୂର୍ବତନ କେନ୍ଦ୍ରମନ୍ତ୍ରୀ ଦିଲ୍ଲୀପ ରାୟ ଦିଲ୍ଲୀରୁ ଫେରିବା ପରେ ଏହା କହିଛନ୍ତି । ରାଉରକେଲା ବିମାନ ବନ୍ଦରରେ ଦଳୀୟ କର୍ମୀ ଓ ନେତା ତାଙ୍କୁ ସ୍ୱାଗତ କରିଛନ୍ତି, ଯାହାକୁ ଦେଖି ସେ ଭାବବିହୋଳ ମଧ୍ୟ ହୋଇଛନ୍ତି । ବିମାନବନ୍ଦରରେ ସାଙ୍ଗରେ ସୁନ୍ଦରଗଡ଼ ଲୋକସଭା ପ୍ରାର୍ଥୀ ଜୁଏଲ ଓରାମ୍ ମଧ୍ୟ ଉପସ୍ଥିତ ଥିଲେ । ଯିଏକି ଦୁଇ ଦିନ ତଳେ ଏକ ନିର୍ବାଚନ ପ୍ରଚାର ସଭାରେ କହିଥିଲେ ରାଉରକେଲା ବିଧାନସଭାର ବିଧାୟକ ପ୍ରାର୍ଥୀ ହେବେ ଦିଲ୍ଲୀପ ରାୟ । ତେବେ ଦିଲ୍ଲୀପ କହିଛନ୍ତି, ଟିକେଟ ଘୋଷଣା ହୋଇନି । ଦିନେ ଦୁଇ ଦିନ ମଧ୍ୟରେ ସ୍ପଷ୍ଟ ହେବ । ଦିଲ୍ଲୀପ ରାୟ ୧୯୯୯ ମସିହା ଝାଡଖଣ୍ଡ କୋଇଲା ଆବଣ୍ଟନ ଦୁର୍ନୀତି ମାମଲାରେ ଦୋଷୀ ସାବ୍ୟସ୍ତ ହୋଇଥିଲେ । ଏହାପରେ ସେ ନିର୍ବାଚନ ଲଢ଼ିବା ଉପରେ ଅଙ୍କୁଶ ଲାଗିଥିଲା । ଏବେ କିନ୍ତୁ ଦିଲ୍ଲୀ ହାଇକୋର୍ଟ ତାଙ୍କୁ ନିର୍ବାଚନ ଲଢ଼ିବାକୁ ଅନୁମତି ଦେଇଛନ୍ତି । ତେଣୁ ଦିଲ୍ଲୀପ ରାୟଙ୍କ ଭଳି ଭେଟେରାନ ନେତା ରାଉରକେଲା ବିଧାନସଭାରୁ ପ୍ରାର୍ଥୀ ହେବେ ବୋଲି କୁହାଯାଉଛି । ପୂର୍ବରୁ ଏହି ଆସନରୁ ଦିଲ୍ଲୀପ ରାୟ ବିଜେପିର ବିଧାୟକ ଥିଲେ । ଅନ୍ତିମ ନିର୍ବାଚନରେ ବିଜେଡି ଏହି ଆସନ ଜିତିଥିଲା । ବିଜେଡି ରାଉରକେଲା ଆସନ ପାଇଁ ସାରଦା ପ୍ରସନ୍ନ ନାୟକଙ୍କୁ ପ୍ରାର୍ଥୀ କରିଛି ।





# ବିକଟାଳ ଶବ୍ଦ କରି ବାଇକ୍ ଚଳାଉଥିଲେ ହେଇଯାଆନ୍ତୁ ସାବଧାନ୍

**ବଲାଙ୍ଗୀର, ୧୧।୪ :ନ୍ୟୁଜ୍‌ବ୍ୟୁରୋ**

ଅମାନିଆ ବୁଲେଟ୍ ଚାଳକଙ୍କୁ ପାନେ ଦେଲା ବଲାଙ୍ଗୀର ପୁଲିସ । ବିକଟାଳ ଶବ୍ଦ କରି ରାସ୍ତାରେ ଯାଉଥିବା ବାଇକ୍ ଧରପଗଡ଼ କଲା ବଲାଙ୍ଗୀର ପୁଲିସ । ଟାଉନ ଥାନା ଅଞ୍ଚଳରେ ଶବ୍ଦ ପ୍ରଦୂଷଣ କରି ରାସ୍ତାରେ ଯାଉଥିବା ବାଇକ୍‌କୁ ପୁଲିସ ଜବତ କରିଛି । ପ୍ରାୟ ୨୨ଟି ବାଇକ୍ ଜବତ ହୋଇଥିବା ବେଳେ ଗାଡିମାଲିକଙ୍କୁ ଚାଲାଣ କଟାଯାଇଛି । ଏଥିସହ ସାଇଲେନ୍ସର ବଦଳାଇବା ପରେ ଥାନାରୁ ଗାଡ଼ିଗୁଡ଼ିକୁ ଛଡାଯାଉଥିବା ଦେଖିବାକୁ ମିଳିଛି । ପ୍ରତିଦିନ ସହର ଓ ସହର ବାହାର



ରାସ୍ତାଗୁଡିକରେ ଏଭଳି ଯାଞ୍ଚ କରାଯାଇ ଅମାନିଆଙ୍କୁ ରାସ୍ତାକୁ ଅଣାଯିବ ବୋଲି ଟାଉନ ଥାନା ପୁଲିସ କହିଛି ।





ଏବେ ବଜାରରେ ଉପଲବ୍ଧ...
'କଥାକଳିକା'ର ଏପ୍ରିଲ ସଂଖ୍ୟା, ୨୦୨୪

ଏଥର ସଂଖ୍ୟାରେ...
**ସ୍ମରଣୀୟ କଥା :** ସଚ୍ଚିଦା ନନ୍ଦ କର,
**ସମକାଳର କଥା :** ଶୈଳେନ୍ଦ୍ର କୁମାର ଜେନା, ମନୋଜ ମହାନ୍ତି, ଭାଗିରଥୀ ବେହେରା, ସୁନୀତା କର, ନଗେନ୍ଦ୍ର କୁମାର ପ୍ରଧାନ, ସୁନନ୍ଦା ମହାନ୍ତି ।
**ଅନ୍ୟଭାଷାର କଥା :** ଦେବସ୍ମିତା ବେହେରା ।
**ଯୁବ ମାନସର କଥା :** ପଦ୍ମାଳୟା ପାଢ଼ୀ, ଶିବମ୍ ପଟ୍ଟନାୟକ, ସତ୍ୟ ରଂଜନ ସାହୁ, ଅଶୋକ କୁମାର ମିଶ୍ର, ପ୍ରକାଶ କୁମାର ସାହୁ, ମନୋରମା ସାହୁ ଏବଂ 'କଥାକଳିକା' ୧୦ମ ବାର୍ଷିକ ଜନ୍ମ ଉତ୍ସବ ସମାଚାର ।
(ଗାଳ୍ପିକମାନଙ୍କୁ ଅନୁରୋଧ ସେମାନଙ୍କର ଗଳ୍ପ ପରିଚ୍ଛନ୍ନ ଭାବେ ଡିଟିପି କରି ସଂପୂର୍ଣ୍ଣସ୍ଥ ଠିକଣା ସହ ମେଲ୍‌ରେ ପଠାଇବାକୁ ହେବ)

ଯୋଗାଯୋଗ କରନ୍ତୁ
ପ୍ରସାର ପରିଚାଳକ 'କଥାକଳିକା'
କୋଡ୍ ନଂ – (୦୬୭୪)
୨୫୪୧୪୪୮, ୨୫୪୫୦୪୬,
ଫାକ୍ସ : ୨୫୪୫୬୬୮
E-mail: kathakalika@gmail.com

ପୃଷ୍ଠା-୬୮ ଏ ସଂଖ୍ୟାର ମୂଲ୍ୟ ୩୦ ଟଙ୍କା ମାତ୍ର ।
'ସମ୍ବାଦ କଳିକା'ର ସ୍ଥାନୀୟ ପ୍ରତିନିଧି/ ଏଜେଣ୍ଟ/ପତ୍ରିକା ଷ୍ଟଲଙ୍କ ସହ ଯୋଗାଯୋଗ କରନ୍ତୁ ।
କଥା କଳିକାର ବାର୍ଷିକ ଗ୍ରାହକ ଦେୟ ଟ.୫୦୦/– (୨ଟି ବିଶେଷ ସଂଖ୍ୟା ସହ)

# ଇଣ୍ଡିଆ ବୁକ୍‌ରେ ସ୍ଥାନ ପାଇଲେ ୨ ବର୍ଷର ଶିଶୁ ରୁଦ୍ରାଂଶ

**କଟକ, ୧୧।୪ :ନ୍ୟୁଜ୍‌ବ୍ୟୁରୋ**





ବୟସ ମାତ୍ର ୨ବର୍ଷ, ପାଟି ଖନି ବାଜୁଛି । କିନ୍ତୁ ମୁହଁରେ ମହାପ୍ରଭୁଙ୍କ ଶ୍ଳୋକ, ଥରିଲା ଥରିଲା ହାତରେ ଆଙ୍କୁଛି ସୁନ୍ଦର ଚିତ୍ର । ପନିପରିବା ଠାରୁ ଫୁଲ ଫଳର ନାଆଁକୁ ଇଂରାଜୀ ଶବ୍ଦରେ କହି ମନ ମୋହି ନେଉଛି ରୁଦ୍ରାଂଶ । ଯାଜପୁର ଜିଲ୍ଲାର ବଡ଼ଚଣା ବ୍ଲକ ଅନ୍ତର୍ଗତ ସୋଲର ବାସିନ୍ଦା, ମା' ଝିମି ପାତ୍ର ଓ ବାପା ସଞ୍ଜୟ ବେହେରାଙ୍କ ୨ ବର୍ଷର ପୁଅ ରୁଦ୍ରାଂଶ ବେହେରା । ରୁଦ୍ରାଂଶ ତା'ର ଏଇ କଅଁଳ ବୟସରେ ଖାଲି ବାପା ମାଆ କି ପରିବାର ନୁହେଁ ପୂରା ଅଞ୍ଚଳ ପାଇଁ ଗୌରବ ଆଣି ଦେଇଛି । ଇଣ୍ଡିଆ ବୁକ ଅଫ ରେକର୍ଡ ଅର୍ଜନ କରିଛି ରୁଦ୍ରାଂଶ । ଏହି ରେକର୍ଡର ମହତ୍ତ୍ୱ କୁ ବୁଝୁ ନଥିବା ରୁଦ୍ରାଂଶ ଆଜି ବଢ଼େଇ ଦେଇଛି ତା'ର ମାଆ ବାପାଙ୍କ ଗୁରୁତ୍ୱ । ମାତ୍ର ୭/୮ ମାସରୁ କଥା କହିବା ଆରମ୍ଭ କରିଥିବା ରୁଦ୍ରାଂଶ ୨୧ ମାସରେ ସ୍ପଷ୍ଟ ଭାବେ କିଛିବି ବାକ୍ୟ ଉଚ୍ଚାରଣ କରିଥିଲା । ଏହା ସହ ତା'ର ବିଚକ୍ଷଣ ସ୍ମରଣ ଶକ୍ତିକୁ ଦେଖି ପୂରା ପରିବାର ଆଶ୍ଚର୍ଯ୍ୟ ଚକିତ ହୋଇଥିଲେ । ଏହା ପରେ ମାଆ ଝିମି ରୁଦ୍ରାଂଶର ସଠିକ ଯତ୍ନ ନେବା ସହ ଉଚିତ ଶିକ୍ଷା ଦେବା ଆରମ୍ଭ କରିଥିଲେ । ବିଭିନ୍ନ ବହି ଏବଂ ଜିନିଷପତ୍ର କିଣି ରୁଦ୍ରାଂଶ ପାଇଁ ଉପଯୋଗ କରିଥିଲେ । ଆଉ ରୁଦ୍ରାଂଶ ମଧ୍ୟ ତା'ର ମାଆଙ୍କ ଠାରୁ ଶିକ୍ଷା ଲାଭ କରି ଇଣ୍ଡିଆ ବୁକ୍ ଅଫ ରେକର୍ଡର ଅଧିକାରୀ ହେଇ ପାରିଛି । ରୁଦ୍ରାଂଶର ଏହି ସଫଳତାରେ ମାଆ ବାପା, ପରିବାର ଓ ବନ୍ଧୁବାନ୍ଧବ ସମେତ ସମଗ୍ର ଅଞ୍ଚଳରେ ଖୁସିର ମାହୋଲ ଖେଳି ଯାଇଥିବାବେଳେ ତା'ର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି । ତେବେ ଆଗକୁ ପୁଅ ରୁଦ୍ରାଂଶକୁ ଅଧିକ ଶିକ୍ଷା ପ୍ରଦାନ କରି ଏଦିଗରେ ଥିବା ଅଧିକ ରେକର୍ଡ ପାଇଁ ଚେଷ୍ଟା କରିବେ ବୋଲି ମାଆ ଝିମି କହିଛନ୍ତି ।

ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !
ସାପ୍ତାହିକ ସମ୍ବାଦ ପତ୍ରିକା 'ଉତ୍କଳ ଦୀପିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ । ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ ।
ସମ୍ପର୍କ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା-ଖୋର୍ଦ୍ଧା, ଓଡ଼ିଶା
ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com